आଜି - ଶୁକ୍ରବାର
ତାରିଖ - ୨୨ ମଇ ୨୦୨୬
ମାସ - ବୃଷ, ଦିନ - ୦୮
ତିଥି - ଷଷ୍ଠୀ, ସପ୍ତମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - କ୍ଷୟ, ଅଶ୍ଳେଷା, କର୍କଟ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୩: ୦୦
ସୂର୍ଯ୍ୟାସ୍ତ - ୬ : ୧୪ : ୦୦
E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ବିଶ୍ୱରେ ଏତେ ପରିମାଣରେ ଲୋକମାନେ ଭୋକିଲା ରହିଛନ୍ତି ଯେ ସେମାନଙ୍କ ପାଇଁ ଖାଦ୍ୟ ହିଁ କେବଳ ଈଶ୍ୱର, ଆଉ କେହି ନୁହନ୍ତି ।"
- ମହାତ୍ମା ଗାନ୍ଧୀ

E-News : www.Ajikali epaper.com

Vol.- 41 ISSUE- 38 R.N.I. REGD. No. 44026/86 ବାଲେଶ୍ୱର ୨୨ ମଇ ୨୦୨୬ ଶୁକ୍ରବାର BALASORE 22 MAY 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦



## ରାଷ୍ଟ୍ରପତିଙ୍କୁ ଭେଟିଲେ ସାନ୍ତାଳୀ ପ୍ରତିନିଧି ମଣ୍ଡଳୀ

### ଏନସିଇଆରଟି ପାଠ୍ୟପୁସ୍ତକରେ ଅଲଚିକି ଲିପି ପ୍ରଚଳନ ପାଇଁ ଦାବି



ନୂଆଦିଲ୍ଲୀ: ନୂଆଦିଲ୍ଲୀର ମାସିକ ସାନ୍ତାଳୀ ସମ୍ବାଦ ପତ୍ରିକାର ଏକ ପ୍ରତିନିଧି ଦଳ ସୁଲୋଚନା ହାଁସଦାଙ୍କ ନେତୃତ୍ୱରେ ରାଷ୍ଟ୍ରପତି ଦ୍ରେ ?ପଦୀ ମୁର୍ମୁଙ୍କ ରାଷ୍ଟ୍ରପତି ଭବନରେ ସାକ୍ଷାତ କରି ସାନ୍ତାଳିଙ୍କ ଭାଷା, ସଂସ୍କୃତି ଆଦି ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏହି ସାକ୍ଷାତକାର ୧୫ ଓ ୧୬ ଫେବୃଆରି ୨୦୨୬ରେ ନୂଆଦିଲ୍ଲୀରେ ଆୟୋଜିତ ଅଲଚିକି ଶତବାର୍ଷିକୀ ଉତ୍ସବ (୧୯୨୫–୨୦୨୫) ପରେ ରାଷ୍ଟ୍ରପତିଙ୍କ ସହ ପ୍ରଥମ ସାକ୍ଷାତକାର ଥିଲା । ପ୍ରତିନିଧି ଦଳ ଅଲଚିକି ଶତବାର୍ଷିକୀ ଉତ୍ସବ ସଫଳ କରିବାରେ ରାଷ୍ଟ୍ରପତିଙ୍କ ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞତା ଜଣାଇଥିଲେ । ସେହିପରି ପ୍ରତିନିଧି ଦଳ ୨୦୨୬–୨୭ ଶିକ୍ଷାବର୍ଷରୁ ସିବିଏସଇ ପାଠ୍ୟକ୍ରମରେ ସାନ୍ତାଳୀ ଭାଷାର ଅନ୍ତର୍ଭୁକ୍ତ ପାଇଁ ମଧ୍ୟ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହାକୁ ସେମାନେ ସାନ୍ତାଳୀ ଭାଷାରେ ଶିକ୍ଷାର ବିକାଶ ପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ । ତେବେ ପ୍ରତିନିଧି ଦଳ ଏନସିଇଆରଟି ଦ୍ୱାରା ପ୍ରକାଶିତ ସାନ୍ତାଳୀ ପାଠ୍ୟପୁସ୍ତକରେ ଦେବନାଗରୀ ଲିପିର ବ୍ୟବହାର ଉପରେ ଗଭୀର ଉଦବେଗ ପ୍ରକାଶ କରିବା ସହ ସାନ୍ତାଳୀ ଭାଷା ପାଇଁ ...ଚିକି ଲିପିର ପ୍ରଚଳନ ପାଇଁ ... କରିଥିଲେ । ଏହା ବ୍ୟତୀତ ...ପତି ଓ ପ୍ରତିନିଧି ଦଳ ମଧ୍ୟରେ ...ଳୀ ଭାଷା ଓ ଅଲଚିକି ଲିପିର ...ର ପ୍ରସାର ନେଇ ...ଲୋଚନା ହୋଇଥିଲା । ...ଦିଲ୍ଲୀରେ ସାନ୍ତାଳ ...ଙ୍କର ଧର୍ମୀୟ ସ୍ଥଳୀ ...ହେର ଗାଲ୍' ସ୍ଥାପନାର ...ବ ନେଇ ମଧ୍ୟ ...ଲୋଚନା ହୋଇଥିଲା । ...ଅବସରରେ ସୁଲୋଚନା ...ଦା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପାରମ୍ପରିକ ସାନ୍ତାଳୀ ଝାଲ୍ ଶାଢ଼ୀ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହି ପ୍ରତିନିଧି ଦଳରେ ମାଙ୍ଗାତ ମୁର୍ମୁ, ଅନୁପ ମାଝୀ, ଡ ରଜନୀକାନ୍ତ ମାଣ୍ଡି, ଡ ଫୁଦାନ ସୋରେନ୍, ସୋମନାଥ ହାଁସଦା, ସୁଲୋଚନା ହାଁସଦା, କବିତା ହାଁସଦା, କରୁଣାକର ହାଁସଦା, ସିଙ୍ଗରାୟ ମୁର୍ମୁ, ରତିକାନ୍ତ ମୁର୍ମୁ, ଚୂଡ଼ାମଣି ମୁର୍ମୁ, ରାଇମୋହନ ଟୁଡୁ, ରୀତା ଟୁଡୁ, ଜୟଶ୍ରୀ ଟୁଡୁ, ନୁନାରାମ ହାଁସଦା ଓ ବେଲରାଣୀ ହାଁସଦା ପ୍ରମୁଖ ଥିଲେ ।

## ପାଂଚ ଦେଶ ଗସ୍ତ ଶେଷ କରି ସ୍ୱଦେଶ ଫେରିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂଯୁକ୍ତ ଆରବ ଏମିରେଟ୍ସ (ୟୁ. ଏଇ), ନେଦରଲ୍ୟାଣ୍ଡ, ସ୍ୱିଡେନ, ନରୱେ ଏବଂ ଇଟାଲୀକୁ ତାଙ୍କର ପାଂଚଟି ଦେଶର ସରକାରୀ ଗସ୍ତ ଶେଷ କରିବା ପରେ ରୋମରୁ ସ୍ୱଦେଶ ଭାରତକୁ ପ୍ରତ୍ୟାବର୍ତନ କରିଛନ୍ତି । ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ମୋଦି ଇଟାଲୀରେ ଇଟାଲୀ ପ୍ରତିପକ୍ଷ ଜର୍ଜିଆ ମେଲୋନିଙ୍କ ସହ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଦୁଇ ଦେଶ ସେମାନଙ୍କ ସମ୍ପର୍କକୁ ଏକ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀ ସ୍ତରକୁ ଉନ୍ନୀତ କରିବା ଲାଗି ସହମତ ହୋଇଥିଲେ । ବୁଧବାର ରାତିରେ ରୋମ ଛାଡ଼ି ଭାରତ ଫେରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ ଲେଖିଥିଲେ, 'ମୋର ଇଟାଲୀ ଗସ୍ତ ଅତ୍ୟନ୍ତ ସଫଳ ଥିଲା । ପ୍ରଧାନମନ୍ତ୍ରୀ କହିଥିଲେ 'ଜର୍ଜିଆ ମେଲୋନିଙ୍କ ସହ ମୁଁ ବିଭିନ୍ନ ଆଂଚଳିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲି । ଏହି ଗସ୍ତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିଣାମ ହେଉଛି ଭାରତ-ଇଟାଲୀ ସମ୍ପର୍କ 'ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀ' ସ୍ତରକୁ ଉନ୍ନୀତ ହେବ । ଏହାଦ୍ୱାରା ସମଗ୍ର ମାନବଜାତି ଉପକୃତ ହେବ । ଏହା ଆଗାମୀ ବର୍ଷଗୁଡ଼ିକରେ ପାରସ୍ପରିକ ସହଯୋଗକୁ ନୂତନ ଗତି ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ ମେଲୋନି, ଇଟାଲୀ ସରକାର ଏବଂ ଇଟାଲୀର ଚମତ୍କାର ଲୋକଙ୍କୁ ସେମାନଙ୍କ ବନ୍ଧୁତା ପାଇଁ ଧନ୍ୟବାଦ ଜଣାଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମାଦୀ ।

## ସରକାରୀ ବିଭାଗ ଗୁଡ଼ିକରେ ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ସାମ୍ପ୍ରତିକ ପର୍ଶ୍ଚିମ ଏସିଆ ପରିସ୍ଥିତି ଯୋଗୁ ଦେଶରେ ପେଟ୍ରୋଲ ଡିଜେଲ ଖର୍ଚ୍ଚକାଟ ପାଇଁ ପ୍ରଧାନମନ୍ତ୍ରୀ ନିକଟରେ ନିବେଦନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ନିବେଦନ ପରେ ମୁଖ୍ୟମନ୍ତ୍ରୀ ତାଙ୍କ କାରକେଡ୍'ର ଗାଡ଼ିସଂଖ୍ୟା ଅଧା କରିଥିବା ବେଳେ ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ କମ୍ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏହି ପରିପ୍ରେକ୍ଷୀରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସରକାରୀ ବିଭାଗ ଗୁଡ଼ିକରେ ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ସେ ଏକ ୮-ସୂତ୍ରୀ ନିର୍ଦ୍ଦେଶାବଳୀ ଦେଇଛନ୍ତି । ୧- ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ସରକାରୀ ସ୍ତରର ବିଭିନ୍ନ ବୈଠକ, ସମୀକ୍ଷା, ପ୍ରଶିକ୍ଷଣ, କର୍ମଶାଳା ଆଦି ଅତି ଆବଶ୍ୟକ ନ ହେଲେ ଭର୍ଚୁଆଲ ମୋଡ୍‌ରେ କରାଯିବ । ଯେଉଁଠି ପ୍ରତ୍ୟକ୍ଷ ଉପସ୍ଥିତିର ଆବଶ୍ୟକତା ଥିବ, ସେ ସ୍ଥଳରେ ଯେଉଁ ଅଧିକାରୀ ଓ କର୍ମଚାରୀମାନଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଆବଶ୍ୟକ ଥିବ, ସେମାନେ ପ୍ରତ୍ୟକ୍ଷ ଭାବେ ବୈଠକରେ ଯୋଗ ଦେଇପାରିବେ ଏବଂ ଅନ୍ୟମାନେ ଭର୍ଚୁଆଲ ମୋଡ୍‌ରେ ଯୋଗ ଦେବେ । ୨- ସେହିଭଳି, ୧ ଜୁନ୍ ୨୦୨୬ ଠାରୁ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଯେତେ ନୂଆ ଦୁଇ ଚକିଆ ଓ ଚାରି ଚକିଆ ଯାନ କିଣାଯିବ, ସେଗୁଡ଼ିକ ବୈଦ୍ୟୁତିକ ଯାନ (ଋଠ) ହୋଇଥିବା ବାଧ୍ୟତାମୂଳକ । ବିଶେଷ ଆବଶ୍ୟକତା ଭିତିରେ ପେଟ୍ରୋଲ କିମ୍ବା ଡିଜେଲ ଯାନ କିଣିବାକୁ ଅନୁମତି ଦିଆଯିବ । ସେହିଭଳି, ଜୁନ୍ ପହିଲାରୁ ସରକାରୀ କାର୍ଯ୍ୟାଳୟରେ ଭଡ଼ା ସୂତ୍ରରେ ନିଆଯାଉଥିବା ସରକାରୀ ଚାରିଚକିଆ ଯାନ ଋଠ ହେବା ବାଧ୍ୟତାମୂଳକ କରାଯିବ । ୩- ବ୍ୟକ୍ତିଗତ ସରକାରୀ ବ୍ୟବହାର ପାଇଁ ସରକାରୀ ଯାନ ପାଇଥିବା ବରିଷ୍ଠ ଅଧିକାରୀମାନେ ନିଜ ନିଜ ମଧ୍ୟରେ କାରପୁଲିଂ କରିବେ, ଅର୍ଥାତ୍ ଯିବା ଆସିବା ପାଇଁ କେବଳ ଗୋଟିଏ ଗାଡ଼ି ବ୍ୟବହାର କରିବେ । ସରକାରୀ ଯାନ ବ୍ୟବହାର ପାଇଁ ରାଶିର ପରିମାଣ ମଧ୍ୟ ତଦନୁଯାୟୀ ଅଧା କରାଯିବ । ୪- କେଉଁ ପାହ୍ୟାର ବରିଷ୍ଠ ଅଧିକାରୀମାନେ ବ୍ୟକ୍ତିଗତ ଭାବେ ସରକାରୀ ଗାଡ଼ି ବ୍ୟବହାର



କରିପାରିବେ, ସେଥିପାଇଁ ଅର୍ଥବିଭାଗ ୧୫ ଦିନ ମଧ୍ୟରେ ଏକ ମାର୍ଗଦର୍ଶିକା ଜାରୀ କରିବ । ୫- ଦୂରସ୍ଥାନକୁ ପରିଦର୍ଶନରେ ଗଲାବେଳେ ଅଧିକାରୀ ଓ କର୍ମଚାରୀମାନେ ବସ୍ କିମ୍ବା ରେଳଯାତ୍ରା କରିବେ । ୬- ଯେଉଁ ଅଧିକାରୀମାନଙ୍କ ନିଜସ୍ୱ ବୈଦ୍ୟୁତିକ ଗାଡ଼ି ରହିଛି, ସେମାନେ ସରକାରୀ କାର୍ଯ୍ୟରେ କିଭଳି ଏହାକୁ ବ୍ୟବହାର କରିପାରିବେ, ସେ ସମ୍ପର୍କରେ ଅର୍ଥବିଭାଗ ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି । ୭- ବହୁଳମାତ୍ରାରେ ସରକାରୀ କର୍ମଚାରୀ ରହୁଥିବା ସ୍ଥାନରୁ କର୍ମଚାରୀମାନଙ୍କ ଯିବା ଆସିବା ପାଇଁ ବୈଦ୍ୟୁତିକ ବସ୍ କିମ୍ବା ମିନିବସ୍ ସେବା ଯୋଗାଇ ଦିଆଯିବ ।

## ଅଳ୍ପରେ ଖବର

▸▸ ନୀଳ ରଙ୍ଗର ପଥର, ତାହା ପୁଣି ଆକାଶରୁ ଖସିଲା । ଦେଖିବା ପରେ ଲୋକେ ଭୟଭୀତ । ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଛତ୍ରପୁର ଗାଁରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ ।

▸▸ କିଛି ଆଫ୍ରିକୀୟ ଦେଶରେ ଇବୋଲା ପ୍ରକୋପକୁ ଦୃଷ୍ଟିରେ ରଖି ଭାରତ ଏବଂ ଆଫ୍ରିକୀୟ ସଂଘ ୨୮ ରୁ ୩୧ ମଇ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ଭାରତ-ଆଫ୍ରିକା ଫୋରମ୍ ସମ୍ମିଳନୀକୁ ସ୍ଥଗିତ ରଖିଛନ୍ତି ।


▸▸ ତାଣ୍ଡବ ରଚିଲା କାଳବୈଶାଖୀ । ତିନି ଜଣଙ୍କ ମୃତ୍ୟୁ । କେନ୍ଦୁଝର ଟାଉନ୍ ଥାନା ଅନ୍ତର୍ଗତ ନରଣପୁରରେ ଅଭାବନୀୟ ଘଟଣା । କାଳବୈଶାଖୀର ପ୍ରବଳ ବର୍ଷା ପବନରେ ଚେଂଟ ଭୁଶୁଡ଼ିବାରୁ ଚାପି ହୋଇ ୩ଜଣଙ୍କ ମୃତ୍ୟୁ ହୋଇଛି ।

▸▸ ଆସନ୍ତା ଜୁନ୍ ୧ରୁ ୯ପର୍ଯ୍ୟନ୍ତ ପୁରୁଷୋତମ ମାସ ଉପଲକ୍ଷେ ଗଜପତି ଜିଲ୍ଲାର ପବିତ୍ର ମହେନ୍ଦ୍ରଗିରିଠାରେ 'ମହେନ୍ଦ୍ର ମେଳା' ଓ ନବକୁଣ୍ଡୀୟ ହରିହର ମହାଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି ।

## ଭାରତ ଓ ଆମେରିକା ମଧ୍ୟରେ ହେବ ବାଣିଜ୍ୟ ଆଲୋଚନା

### ଆସନ୍ତାକାଲି ଭାରତ ଆସିବେ ଆମେରିକୀୟ ଟିମ୍ : ମନ୍ତ୍ରୀ ପୀୟୂଷ ଗୋୟଲ

ନୂଆଦିଲ୍ଲୀ: ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ଆଗକୁ ବଢ଼ିବ । କଥାବାର୍ତା ପାଇଁ ଆମେରିକାର ଏକ ପ୍ରତିନିଧି ଦଳ ଆସନ୍ତାକାଲି ଭାରତ ଆସୁଥିବା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଛନ୍ତି । ଗତ ଏପ୍ରିଲ୍‌ରେ ଭାରତର ଏକ ପ୍ରତିନିଧି ଦଳ ଆମେରିକା ଗସ୍ତ କରି ବାଣିଜ୍ୟ ରାଜିନାମାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଆମେରିକା ଦଳ ଆସିଲେ ସେହି ଆଲୋଚନା ଆହୁରି ଆଗକୁ ବଢ଼ିବ । ଆମେରିକାର ବୈଦେଶିକ ସଚିବ ଆସନ୍ତାକାଲି ଭାରତ ଆସିବେ । ସେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା ଓ ଶକ୍ତି ସହଯୋଗିତା ସମ୍ପର୍କରେ ଆଲୋଚନା କରିବେ । ଏହା ହେଉଛି ରୁବିଓଙ୍କ ପ୍ରଥମ ଭାରତ ଗସ୍ତ । ଭାରତ ଓ ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ୨୦୩୦ ସୁଦ୍ଧା ୫୦୦ ବିଲିଅନ ଡଲାରରେ ପହଂଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ଗତବର୍ଷ



ସେନେଇ ଦୁଇ ଦେଶ ମଧ୍ୟରେ ସହମତି ହୋଇଥିଲା । କିନ୍ତୁ ଗତବର୍ଷ ଏପ୍ରିଲ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମେତ ବିଭିନ୍ନ ଦେଶ ଉପରେ ପାଲଟା ଶୁଳ୍କ ଲଗାଇଥିଲେ । ରୁଷଠାରୁ ତେଲ କିଣୁଥିବାରୁ ଆଉ ୨୫ ପ୍ରତିଶତର ଜରିମାନା ଭାରତ ଉପରେ ଲଗାଇଥିଲେ । ଫଳରେ ଭାରତ ଉପରେ ଆମେରିକାର ଶୁଳ୍କ ୫୦ ପ୍ରତିଶତକୁ ବୃଦ୍ଧି ପାଇଥିଲା । ଭାରତକୁ ଚାପରେ ରଖି ସୁହାଇବା ଭଳି ବାଣିଜ୍ୟ ରାଜିନାମା ହାସଲ କରିବାକୁ ଆମେରିକା ଉଦ୍ୟମ କରୁଥିଲା । କିନ୍ତୁ ସେହି ଚାପ ଆଗରେ ଭାରତ ମୁଣ୍ଡ ନୁଆଁଇ ନଥିଲା । ଶେଷରେ ଟ୍ରମ୍ପ ନିଜ ଆଡୁ ପୁଣି କଥାବାର୍ତା ଆଗକୁ ବଢ଼ାଇବାର ହାତ ବଢ଼ାଥିଲେ । ସେହି ଅନୁସାରେ କଥାବାର୍ତା ଆଗକୁ ବଢ଼ିଥିଲା । ଚଳିତ ବର୍ଷ ଫେବ୍ରୁଆରିରେ ଏକ ଅନ୍ତରୀଣ ବୁଝାମଣା ସମ୍ପର୍କରେ ଘୋଷଣା କରାଯାଇଥିଲା । ସେହି ରାଜିନାମା ହେବା ପୂର୍ବରୁ ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଅସିଦ୍ଧ ଘୋଷଣା କରିଥିଲେ । ଫଳରେ ବାଣିଜ୍ୟ ରାଜିନାମାର ସମ୍ପୂର୍ଣ୍ଣ କଥାବାର୍ତା ଏହାର ପ୍ରାସଙ୍ଗିକତା ହରାଇଥିଲା । ଉଭୟ ପକ୍ଷ କିଛି ଦିନ ଚୁପ୍ ରହିବା ପରେ ପୁଣି ଥରେ ବାଣିଜ୍ୟ ରାଜିନାମା ନେଇ କଥାବାର୍ତା ଆରମ୍ଭ କରିଛନ୍ତି ।

## ଓଡ଼ିଶା-ଜାପାନ ସହଯୋଗକୁ ସୁଦୃଢ଼ କରିବା ପାଇଁ ଜାପାନ କନସଲ ଜେନେରାଲଙ୍କ ସହ ମୁଖ୍ୟ ସଚିବଙ୍କ ବୈଠକ

ଭୁବନେଶ୍ୱର : ଔଦ୍ୟୋଗିକ ବିକାଶ, ଦକ୍ଷତା ବିକାଶ, ପର୍ଯ୍ୟଟନ, ସଂସ୍କୃତି, ଯୁବ ବିନିମୟ ଏବଂ ଲୋକ-ଜନ ସମ୍ପର୍କ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର ଜାପାନ ସରକାରଙ୍କ ସହିତ ଏକ ଆନୁଷ୍ଠାନିକ ବନ୍ଧୁତ୍ୱ ଚୁକ୍ତିନାମା ପ୍ରତିଷ୍ଠା କରିବା ପାଇଁ ଆଲୋଚନାକୁ ଆଗକୁ ବଢ଼ାଉଛି । ଗତକାଲି ୨୦ ମଇ, ୨୦୨୬ରେ କୋଲକାତାରେ ଜାପାନ କନସଲ ଜେନେରାଲଙ୍କ ସହିତ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବୈଠକ ପରେ, ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଶ୍ରୀମତୀ ଅନୁଗାର୍ଗ, ଆଇଏଏସ୍ ଏବଂ କୋଲକାତାରେ ଜାପାନ କନସଲ ଜେନେରାଲ ଇଶିକାୱା ଯୋଶିହିସାଙ୍କ ମଧ୍ୟରେ ଏକ ବ୍ୟକ୍ତିଗତ ବୈଠକ ଅନୁଷ୍ଠିତ ହୋଇଥିଲା । ଆଲୋଚନା ସମୟରେ ଗୃହ, ଶିଳ୍ପ ଏବଂ ସୂଚନା ଏବଂ ଜନସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ହେମନ୍ତ ଶର୍ମା, ଆଇଏଏସ୍ ମଧ୍ୟ ଉପସ୍ଥିତ ଥିଲେ । ଏହି ବୈଠକରେ ଓଡ଼ିଶା ଏବଂ ତୋଟୋରି ପ୍ରଦେଶ ମଧ୍ୟରେ




ପ୍ରସ୍ତାବିତ ବନ୍ଧୁତ୍ୱ ଚୁକ୍ତିନାମା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ପାରସ୍ପରିକ ସ୍ୱାର୍ଥ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ଗଭୀର କରିବା ପାଇଁ ସୁଯୋଗ ଅନୁସନ୍ଧାନ କରାଯାଇଥିଲା । ଚୁକ୍ତିନାମାର ଡ୍ରାଫ୍ଟ ଫ୍ରେମୱାର୍କରେ ଅର୍ଥନୀତି ଏବଂ ଶିଳ୍ପ, ପର୍ଯ୍ୟଟନ ପ୍ରୋତ୍ସାହନ, ଯୁବ ଏବଂ ଛାତ୍ର ବିନିମୟ, କର୍ମଚାରୀ ବିନିମୟ, ସଂସ୍କୃତି ଏବଂ ପରିବେଶ ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ପରିକଳ୍ପନା କରାଯାଇଛି । ଓଡ଼ିଶା ସରକାର, ଟୋକିଓରେ ଥିବା ଭାରତୀୟ ଦୂତାବାସ ଏବଂ ଟୋଟୋରି ପ୍ରିଫେକ୍ଚରାଲ୍ ସରକାରଙ୍କ ସହ ଭାଗୀଦାରୀ ପାଇଁ କାର୍ଯ୍ୟପଦ୍ଧତି ଏବଂ ସମୟସୀମା ଚୂଡ଼ାନ୍ତ କରିବା ପାଇଁ ସମନ୍ୱୟ ବୈଠକ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ଓଡ଼ିଶା ସରକାର ରାଜ୍ୟର ବର୍ଦ୍ଧିତ ଶିଳ୍ପ ଇକୋସିଷ୍ଟମ ଏବଂ ଉନ୍ନତ ଉତ୍ପାଦନ, ଦକ୍ଷତା ବିକାଶ, ପର୍ଯ୍ୟଟନ ଏବଂ ସାଂସ୍କୃତିକ ବିନିମୟ ଭଳି କ୍ଷେତ୍ରରେ ଉଦୀୟମାନ ସୁଯୋଗ ଉପରେ ଆଲୋକପାତ କରିଥିଲେ । ଉଭୟ ପକ୍ଷ ଜାପାନୀ ଭାଷା ତାଲିମ, ଛାତ୍ର ଏବଂ ଅଧ୍ୟାପକ ବିନିମୟ, ବୌଦ୍ଧ ସର୍କିଟ ଉପରେ ଧ୍ୟାନ ଦେଇ ପର୍ଯ୍ୟଟନ ପ୍ରୋତ୍ସାହନ, କ୍ରୀଡା ସହଯୋଗ ଏବଂ ଶିଳ୍ପ ସଂଯୋଗୀକରଣରେ ସହଯୋଗର ସମ୍ଭାବନା ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ପ୍ରସ୍ତାବିତ ଓଡ଼ିଶା-ଟୋଟୋରି ସହଭାଗୀତାକୁ ଜାପାନ ସହିତ ଓଡ଼ିଶାର ସମ୍ପର୍କ ବୃଦ୍ଧି କରିବା ଏବଂ ଅର୍ଥନୈତିକ, ସାଂସ୍କୃତିକ, ଶିକ୍ଷାଗତ ଏବଂ ଶିଳ୍ପ କ୍ଷେତ୍ରରେ ଦୀର୍ଘକାଳୀନ ସହଯୋଗକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ପରିକଳ୍ପନା କରାଯାଇଛି ।

## ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ସବୁ ଗାଁକୁ ପାଇପ୍ ଜଳ ଯୋଗାଇଦିଆଯିବ: ମନ୍ତ୍ରୀ

ଭୁବନେଶ୍ୱର: ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ସବୁ ଗାଁଗୁଡିକୁ ପାଇପ୍ ଜଳ ଯୋଗାଇ ଦିଆଯିବ । ବର୍ତମାନ ସୁଦ୍ଧା ମୋଟ ୨୦୭ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୩୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ବର୍ତମାନ ୨୪୦୨ଟି ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି । ଜୁନ୍ ଶେଷ ସୁଦ୍ଧା ଆହୁରି ୧୪ଟି ପ୍ରକଳ୍ପ ଶେଷ ହେବା ନେଇ ଲକ୍ଷ୍ୟ ରହିଛି ବୋଲି କହିଛନ୍ତି ପଂଚାୟତିରାଜ ମନ୍ତ୍ରୀ ରବି ନାୟକ । ୨୦୨୪ ମସିହାରୁ ବିଭିନ୍ନ ଅଂଚଳରେ ଜଳ ସଙ୍କଟ ଦୂର ପାଇଁ ୩୭ ହଜାର ୮୭୬ଟି



ନଳକୂପକୁ ଅନୁମୋଦନ ଦିଆଯାଇଛି । ବର୍ତମାନ ସୁଦ୍ଧା ମୋଟ ୬ ହଜାର ୩୬୯ଟି ସୋଲାର୍ ପିଡବ୍ଲୁଏସ୍ ସମ୍ପୂର୍ଣ୍ଣ ହୋଇଛି । ବର୍ତମାନ ସୁଦ୍ଧା ମୋଟ ୬ ହଜାର ୩୬୯ଟି ସୋଲାର୍ ପିଡବ୍ଲୁଏସ୍ ସମ୍ପୂର୍ଣ୍ଣ ହୋଇଛି । ୭୦୪୨ଟି ଗ୍ରାମକୁ ଷ୍ଟାଣ୍ଡ ପୋଷ୍ଟ ମାଧ୍ୟମରେ ଜଳ ଯୋଗାଣ କରାଯାଉଥିବା ମନ୍ତ୍ରୀ କହିଛନ୍ତି । ଚଳିତ ବର୍ଷ ଜଳ କଷ୍ଟ ଅଂଚଳର ପାନୀୟ ଜଳ ଯୋଗାଣ ପାଇଁ ୬୨୯ଟି ଟ୍ୟାଙ୍କର୍ ଯୋଗାଇ ଦିଆଯାଇଛି । ବିଭିନ୍ନ ଗ୍ରାମୀଣ ଅଂଚଳରେ ମୋଟ ୮୨୮୧ଟି ଜଳ ଛତ୍ର ଖୋଲାଯାଇଛି । ଏପର୍ଯ୍ୟନ୍ତ ମୋଟ ୨୦ ହଜାର ୮୭୫ଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ ଜାରି ରହିଛି ।

## ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଓଡ଼ିଶା ପୋଲିସର ପ୍ରସ୍ତୁତି ବୈଠକ

କଟକ : ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଓଡ଼ିଶା ପୋଲିସର ବ୍ୟାପକ ପ୍ରସ୍ତୁତି । ଡିଜିପି ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି । ଆସନ୍ତା ଜୁଲାଇ ୧୬ ତାରିଖରେ ପୁରୀରେ ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏହି ଐତିହାସିକ ମହାପର୍ବକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ରଥଯାତ୍ରା ସମୟରେ ସମସ୍ତ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଡିଜିପି । କୌଣସି ପରିସ୍ଥିତିରେ ଯେପରି ତ୍ରୁଟିବିଚ୍ୟୁତି ନ ଘଟେ, ସେଥିପାଇଁ ପ୍ରତ୍ୟେକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ନଜର




ରଖିବାକୁ ସେ ପରାମର୍ଶ ଦେଇଥିଲେ । ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ବିଭିନ୍ନ ରୀତିନୀତି ନିର୍ଦ୍ଦିଷ୍ଟ ତାରିଖରେ ପାଳନ କରାଯିବ । ଆସନ୍ତା ଜୁନ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୧୪ ତାରିଖରେ ନବଯୌବନ ଦର୍ଶନ, ଜୁଲାଇ ୧୬ ତାରିଖରେ ରଥଯାତ୍ରା, ଜୁଲାଇ ୨୦ ତାରିଖରେ ହେରା ପଂଚମୀ, ଜୁଲାଇ ୨୩ ତାରିଖରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୨୪ ତାରିଖରେ ବାହୁଡା ଯାତ୍ରା, ଜୁଲାଇ ୨୫ ତାରିଖରେ ସୁନାବେଶ, ଜୁଲାଇ ୨୬ ତାରିଖରେ ଅଧରପଣା ଏବଂ ଜୁଲାଇ ୨୭ ତାରିଖରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ । ଏହି ସମସ୍ତ ଅବସରରେ ଦେଶ-ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀରେ ସମାଗମ ହେବାର ସମ୍ଭାବନା ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ ଓ ଅଧିକ ସକ୍ରିୟ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା । ରଥଯାତ୍ରାରେ ଭକ୍ତମାନଙ୍କ ସୁରକ୍ଷା ଓ ସୁଚାରୁରୂପେ ଭିଡ଼ ନିୟନ୍ତ୍ରଣ କରିବାକୁ ଚଳିତ ବର୍ଷ ଅନେକ ନୂତନ ପଦକ୍ଷେପ ଗ୍ରହଣ କରାଯିବାକୁ ଯୋଜନା କରାଯାଇଛି । ଯାତାୟାତ ଓ ଟ୍ରାଫିକ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଅତିରିକ୍ତ ୮ଟି ପାର୍କିଂ ସ୍ଥଳୀ ଚିହ୍ନଟ କରାଯାଇଛି । ରଥ ଟଣା ସମୟରେ ରଥଗୁଡ଼ିକର ସୁଗମ ଗତି ସୁନିଶ୍ଚିତ କରିବାକୁ ରଥ ଆଗରେ ସ୍ୱତନ୍ତ୍ର କ୍ଲିୟରାନ୍ସ ପାର୍ଟି ନିୟୋଜିତ କରାଯିବ । ଅଧିକ ଭିଡ଼ ଥିବା ସ୍ଥାନଗୁଡ଼ିକରେ କ୍ରାକ୍ ଟିମ୍ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ ।





# ଦ୍ୱିତୀୟ ଦିନରେ ଅରଡ଼ବଜାର ଠାରେ ଜବରଦଖଲ ଉଚ୍ଛେଦ ଅବ୍ୟାହତ

ବାଲେଶ୍ୱର(ନି.ପ୍ର.) : ବାଲେଶ୍ୱର ଅରଡବଜାର ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ସ୍ଥାନରେ ଦୀର୍ଘ ଦିନ ଧରି ଜବରଦଖଲ କରି ସେଠାରେ ଶତାଧିକ ପକ୍କା ଘର ଓ ଦୋକାନ ଘର କରି ରହିଆସୁଥିଲେ । ଯାହାଫଳରେ ସେଠାରେ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିଲା । ଉକ୍ତ ଅଂଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ରଖିବା ପାଇଁ ପୌରପାଳିକା ପକ୍ଷରୁ ଉକ୍ତ ଅଂଚଳରେ ୧୬୩ ଧାରା ଜାରି କରାଯାଇ ଜବରଦଖଲରେ ରହିଥିବା ଘର, ଦୋକାନ ଘରକୁ ବୁଧବାର ଉଚ୍ଛେଦ କରାଯାଇଛି । ୨୨୬ଟି ଘରକୁ ପୌରପାଳିକା ପକ୍ଷରୁ ଭଙ୍ଗାଯାଇ ଜବରଦଖଲ ଉଚ୍ଛେଦ କରାଯାଇଛି ।ସୂଚନା ଅନୁସାରେ, ସହରର ଅରଡବଜାର ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ଜମିକୁ କିଛି ବ୍ୟକ୍ତି ଜବରଦଖଲ କରି ରହିଆସୁଥିଲେ । କିଛି ଲୋକ ସେଠାରେ ବିଭିନ୍ନ ଦୋକାନ କରିବା ଫଳରେ ଉକ୍ତ ଅଂଚଳରେ ସର୍ବଦା ଜନଗହଳି ସୃଷ୍ଟି ହୋଇ





ବହୁ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିଲା । ଏହାକୁ ରୋକିବା ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ପ ଉକ୍ତ ଅଂଚଳରେ ଜବରଦଖଲରେ ରହୁଥିବା ଲୋକଙ୍କୁ ଉକ୍ତ ସ୍ଥାନ ଛାଡିବାକୁ ନୋଟିସ କରାଯାଉଥିଲେ ମଧ୍ୟ ସେମାନେ ଛାଡୁନଥିଲେ । ତେଣୁ ବୁଧବାର ପୌରପାଳିକା ପକ୍ଷରୁ ଉକ୍ତ ଅଂଚଳରେ ଭାରତୀୟ ସଂହିତା ଧାରା ୧୬୩ ଜାରି କରାଯାଇ ଆନନ୍ଦବଜାର ଶନିମନ୍ଦିର ଠାରୁ ମୁଣିଆଯୋଡି ପୋଲ ପର୍ଯ୍ୟନ୍ତ ଥିବା ସମସ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଛି । ସେଠାରେ ଥିବା ୯୯ଟି ଘର ଓ ୧୦୯ଟି ଦୋକାନ ଘର, ୧୧ଟି ବାଉଣ୍ଡରୀ ୱାଲ ସମେତ ଅନ୍ୟାନ୍ୟ ଜବର ଦଖଲକୁ ଉଛେଦ କରାଯାଇଛି । ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲବ୍ୟଙ୍କ ତତ୍ୱାବଧାନରେ ଏହି ଉଛେଦ କାର୍ଯ୍ୟ ଚାଲଇଥିଲା ବେଳେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଉକ୍ତ ଉ ଛେଦ କାର୍ଯ୍ୟରେ ମାଜିଷ୍ଟ୍ରେଟ ଏବଂ ବିଭାଗୀୟ ଅଧିକାରୀଙ୍କୁ ମିଶାଇ ମୋଟ ୧୮ଜଣ ଅଧିକାରୀ ଉପସ୍ଥିତ ଥିଲା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୩ଜଣ ଅତିରିକ୍ତ ଏସପି, ୫ଜଣ ଡିଏସପି, ୬ଜଣ ଇନ୍ସପେକ୍ଟର, ୨୦ଜଣ ଏସଆଇ ଓ ଏଏସଆଇ ସମେତ ପୁଲିସ ଫୋର୍ସ ମୁତୟନ ଥିଲେ ।

# ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ସ୍ମୃତି ସମାବେଶ

ବାଲେଶ୍ୱର, (ନି.ପ୍ର.) ସ୍ଥାନୀୟ ନୃତ୍ୟ ସଂଗୀତ ମହାବିଦ୍ୟାଳୟ ପରିସରସ୍ଥ ସଭାଗୃହରେ ବିଶିଷ୍ଟ ଶିକ୍ଷାବିତ୍, ଗବେଷକ, ଲେଖକ, ସାହିତ୍ୟିକ ଓ ଶିକ୍ଷା ସଂଗଠନ ତଥା ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅପରାହ୍ନ ୫ଘଟିକା ସମୟରେ ଏକ ପ୍ରସ୍ତୁତି ବୈଠକ ଆହୁତ ହୋଇଥିଲଶ । ଏହି ସଭାରେ ଆବାହକ ଡକ୍ଟର ମହାନ୍ତିଙ୍କ କନିଷ୍ଠ ପୁତ୍ର ଡ. ପୂର୍ଣ୍ୟବ୍ରତ ମହାନ୍ତି ମଂଚକୁ ଅତିଥିମାନଙ୍କୁ ଆବାହକ କରିଥିଲେ । ମଂଚ ମଣ୍ଡନ କରିଥିଲେ ଚନ୍ଦ୍ରଭାଗା ଅନୁଷ୍ଠାନର ସର୍ବମୟ କର୍ତା କବି ଶ୍ରୀଦେବ, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ସୁବାସ ଚନ୍ଦ୍ର ପାତ୍ର, ଉପସଭାପତି ଅଂଜଳି ପଣ୍ଡା, ଆଡ୍‌ଭୋକେଟ ପୁରୁଷତମ ବିଶ୍ୱାଳ ଓ ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ଜ୍ୟୋଷ୍ଠ ପୁତ୍ର ଶିକ୍ଷାବିତ ଡକ୍ଟର ପ୍ରଶାନ୍ତ ମହାନ୍ତି । ସଭାରେ




ପୌରହିତ୍ୟ କରିଥିଲେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଶିରୀଶ ଚନ୍ଦ୍ର ଜେନା । ଉକ୍ତ ସଭାରେ ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ଶ୍ରାଦ୍ଧ ଉତ୍ସବରେ ଏକ ସ୍ମୃତି ଗ୍ରନ୍ଥ ପ୍ରକାଶିତ ହେବାର ସିଦ୍ଧାନ୍ତ ଗ୍ରହଣ କରାଗଲା । ଏହାର ମୁଖ୍ୟ ସଂମ୍ପାଦନା ଦାୟିତ୍ୱ କବି ଶ୍ରୀଦେବଙ୍କ ଉପରେ ନ୍ୟସ୍ତ କରାଗଲା । ଏହି ଗ୍ରନ୍ଥ ସମ୍ପାଦନା ପାଇଁ ଏକ ଉପଦେଷ୍ଟା ଭାବେ ଗ୍ରହଣ କରାଗଲା । ସମ୍ପାଦନା ମଣ୍ଡଳୀରେ ରହିଲେ ଡକ୍ଟର ସୁବାସ ଚନ୍ଦ୍ର ପାତ୍ର, ଡଃ ହରିଶ୍ଚନ୍ଦ୍ର ବେହେରା, ଡଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡକ୍ଟର ଶିରୀଶ ଚନ୍ଦ୍ର ଜେନା, ଅରୁଣା ରାୟ, ଅଂଜଳି ପଣ୍ଡା, ଡକ୍ଟର ରତ୍ନାକର ସିଂହ ଏବଂ କବି ଦୀପକ ବୋଷ ।

ଏହି ସଭାରେ ଯେଉଁମାନେ ନିଜ ନିଜର ମନ୍ତବ୍ୟ ତଥା ବିଭିନ୍ନ ଦିଗକୁ ନେଇ ସୁଚିନ୍ତିତ ପରାମର୍ଶ ଦେଲେ ସେମାନେ ହେଉଛନ୍ତି ତପନ ରାୟ, ନିବାରଣ ଜେନା, ପ୍ରଦୀପ ଚାଟାର୍ଜୀ, ଅର୍ଚ୍ଚନା ନନ୍ଦୀ, କବି କାଳିପଦ ପଣ୍ଡା, ଶାନ୍ତି ସ୍ୱରୂପ ମିଶ୍ର, ଲକ୍ଷ୍ମୀ ନାରାୟଣ ଘୋଷ, କଲ୍ୟାଣୀ ନନ୍ଦ, ସ୍ମୃତି ଦାସ, ପ୍ରତିମା ପଣ୍ଡା, ପୁରୁଷୋତମ ବିଶ୍ୱାଳ, ରଘୁନାଥ ନାୟକ ପ୍ରଭୃତି ଅନେକ ସାହିତ୍ୟିକ ଓ ସମାଜସେବୀ । ପରିବାରର ସଦସ୍ୟା ଡଃ ନିବେଦିତା ମହାନ୍ତି, ଡଃ ନବନୀତା ଦାସ, ପ୍ରୀତିନନ୍ଦା ମହାନ୍ତି ପ୍ରଭୃତି ଯୋଗଦାନ କରି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଜାତୀୟ ରାଜପଥରେ ଯୁବକଙ୍କୁ ଭୁଜାଲିରେ ଆକ୍ରମଣ, ୩ ଅଟକ

ବାଲେଶ୍ୱର(ନି.ପ୍ର,)ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜ ପଥର ଜୁଣବଳଦା ଛକ ନିକଟରେ ଆଜି ସ ସନ୍ଧ୍ୟା ୭ ଟା ସମୟରେ ଜଣେ ଯୁବକକୁ ଭୁଜାଲିରେ ଆକ୍ରମଣ କରାଯାଇଛି । ଗୁରୁତର ଆହତ ଯୁବକଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତି କରାଯାଇଛି । ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି । ଆହତ ଯୁବକ ଜଣକ ଜୁଣବଳଦା ଗ୍ରାମର କମଳାକାନ୍ତ ମଲ୍ଲିକ ଙ୍କ ପୁଅ ସଂଜିତ(୨୪) ।ସୂଚନା ଅନୁଯାୟୀ, ପ୍ରାୟ ସନ୍ଧ୍ୟା ୭ଟା ସମୟରେ ସଂଜିତ ଙ୍କ ସହିତ ଉକ୍ତ ଛକ ରେ ସ୍ଥାନୀୟ ଅଂଚଳର କିଛି ଯୁବକଙ୍କ ସହିତ ପ୍ରଥେମେ କଥା କଟାକଟି ପରେ ସେମାନଙ୍କ



ମଧ୍ୟରୁ ଜଣେ ଭୁଜାଲିରେ ସଂଜିତର ଛାତି, ପେଟ, ହାତ ଓ ମୁଣ୍ଡରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ସ୍ଥାନୀୟ ଲୋକେ ସଂଜିତକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇବା ସହିତ ବସ୍ତା ପୋଲିସକୁ ଖବର ଦେଇଥିଲେ । ଏହି ? ଘଟଣା ରେ ପୋଲିସ ୩ ଜଣକୁ ବିଭିନ୍ନ ସ୍ଥାନରୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି । ଗିରଫ ଅଭିଯୁକ୍ତ ମାନେ ଶିଖର ପୁର ଅଂଚଳର ବାପି ଓରଫ୍ ଚିତରଞ୍ଜନ ପ୍ରଧାନ, ପଦିମା ଗ୍ରାମର ଅନିକେତ କତ ପାତ୍ର ଓ ଅନ୍ୟ ଜଣକ ପରି ପରିଚୟ ମିଳିପାରିନାହିଁ । ଖବର ଲେଖା ହେବା ବେଳକୁ ଘଟଣା ସ୍ଥଳରେ ଉତେଜନା ଲାଗିରହିଥିଲା, ଜାତୀ ତୀୟ ରାଜପଥର ଦୁଇ ଇପାଶ୍ୱର୍ରେ ହଜାର ହଜାର ଗାଡି ମୋଟର ଜାମ ହୋଇଥିବା ଦେଖିବାକୁ ମିଳିଥିଲା ।

# ପୋଖରୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ସହରର ମଠସାହି ନିକଟସ୍ଥ ହରଗଙ୍ଗା ପୋଖରୀରେ ଗାଧୋଇବା ବେଳେ ଜଣେ ୧୫ ବର୍ଷୀୟ ନାବାଳକ ବୁଡ଼ିଯାଇ ମୃତ୍ୟୁବରଣ କରିଥିବା ଘଟଣା ସହରରେ ଶୋକର ପରିବେଶ ସୃଷ୍ଟି କରିଛି । ମୃତ ନାବାଳକ ହେଲେ ଖପରାପଦା ଅଂଚଳର ସମିର ହୁସେନ ।ସୂଚନା ଅନୁଯାୟୀ, ସମିର ତାଙ୍କ ୫ ଜଣ ସାଙ୍ଗଙ୍କ ସହ ହରଗଙ୍ଗା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ । ଗାଧୋଇବା ସମୟରେ ସେ ଅସାବଧାନତାବଶତଃ ଗଭୀର ପାଣିକୁ ଚାଲିଯାଇ ବୁଡ଼ିଯାଇଥିଲେ । ସାଙ୍ଗମାନେ ଚିତ୍କାର କରିବା ପରେ ସ୍ଥାନୀୟ ଲୋକେ ଟାଉନ ଥାନା ପୋଲିସ ଓ ଦମକଳ ବାହିନୀକୁ ସୂଚନା



ଦେଇଥିଲେ । ଘଟଣାସ୍ଥଳରେ ପହଂଚି ଦମକଳ ବାହିନୀ ଓ ପୋଲିସ ପ୍ରାୟ ଦେଢ଼ ଘ[ା ଧରି ଖୋଜାଖୋଜି କରିବା ପରେ ପାଣି ଭିତରୁ ସମିରଙ୍କୁ ଉଦ୍ଧାର କରିଥିଲେ । ତୁରନ୍ତ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଏହି ଘଟଣାକୁ ନେଇ ବାଲେଶ୍ୱର ଟାଉନ ଥାନା ପୋଲିସ ତଦନ୍ତ ଜାରି ରଖିଛି ।

# ଦେଶୀ, ବିଦେଶୀ ମଦ ଜବତ; ୧୦ ଗିରଫ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଓ ଭ୍ରାମ୍ୟମାଣ ଅବକାରୀ ବିଭାଗ ନିରୀକ୍ଷକ ହରିହର ସିଂ, ନୀଳଗିରି ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସଙ୍କ ତତ୍ୱାବଧାନରେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଓ ବାଲେଶ୍ୱର ସଦର-୨ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭବେଶ ଦାସ, ଏପିଆର ଫୋର୍ସ ଓ ଅବକାରୀ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି । ସିମୁଳିଆ ଥାନା ଅନ୍ତର୍ଗତ ମଇତାପୁର, ଅନ୍ତରା ବଜାର, ବାଲିଖଣ୍ଡ ବଜାର, ଜାମୁଝାଡ଼ି ବଜାର ଏବଂ ସୋର



ଥାନା ଅନ୍ତର୍ଗତ ବାଗୁଡ଼ି, ମହୁମୁହାଣ ଓ ଗୁଡ଼ିଖୋଲା ଗ୍ରାମରେ ଚଢ଼ଉ କରାଯାଇ ୮୫୦ ଲିଟର ଦେଶୀ ମଦ ଓ ୧୭.୨୮୦ଲିଟର ବିଦେଶୀ ମଦ ଓ ୫୨ ଲିଟର ବିୟର ଜବତ କରାଯିବା ସହିତ ଏଥିରେ ସମ୍ପୃକ୍ତ ମୋଟ ୧୦ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରା ଯାଇଛି । ଗିରଫ ବ୍ୟକ୍ତିମାନେ ହେଲେ ଅନ୍ତରା ଗ୍ରାମର କେଶବ ସାହାଣୀ ଓ ଜଗନ୍ନାଥ ପଲେଇ, ମଇତାପୁର ଗ୍ରାମର କମଳାକାନ୍ତ ଶିଅଳ ଓ ଶଙ୍କର୍ଷଣ ଶିଅଳ, ପୁରୁଷୋତ ମପୁର ଗ୍ରାମର ମନୋରଞ୍ଜନ ନାୟକ, ଜାମୁଝାଡି ଗ୍ରାମର ତପନ କୁମାର ଆରୁଖ, ମହୁମୁହାଣ ଗ୍ରାମର ସୋମନାଥ ମହାନ୍ତି, ଗୁଡ଼ି ଖୋଳା ଗ୍ରାମର ଟିଲୁ ଭକ୍ତ, ବାଗୁଡ଼ି ଗ୍ରାମର ଗଙ୍ଗା ସିଂ ଓ ଆଦିକନ୍ଦ ସାହୁ । ଏନେଇ ଭ୍ରାମ୍ୟମାଣ ସ୍କାଡ୍, ଖଇରା ଓ ସୋର ଆଦର୍ଶ ଅବକାରୀ ଥାନା ପକ୍ଷରୁ ମୋଟ ୧୦ଟି ମାମଲା ରୁଜୁ କରାଯାଇଛି ।

# ବଟବୃକ୍ଷ ସୁରକ୍ଷା ମଂଚ ତରଫରୁ ନିଆରା ଢଙ୍ଗ ରେ ଜନ୍ମଦିନ ପାଳନ



ବାଲେଶ୍ୱର(ନି.ପ୍ର.)୨୧ ତାରିଖ ପୂର୍ବାହ୍ନରେ ବଟବୃକ୍ଷ ସୁରକ୍ଷା ମଂଚ ପକ୍ଷ ରୁ ଓଟିଭି ରେ କାର୍ଯ୍ୟରତ ପ୍ରତିନିଧି ଚନ୍ଦ୍ରକାନ୍ତ ଜେନାଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି , ଆୟୋଜିତ କାର୍ଯ୍ୟକ୍ରମ ରେ ଗଣମାଧ୍ୟମର ପ୍ରତିନିଧି କଳିଙ୍ଗ ସାହୁ , ମନୋଜ ବିଶ୍ୱାଳ, ଅଭୟ କୁମାର ଦାସ,ଧିରଜ କୁମାର ଦାସ,ଦେବବ୍ରତ ପାଣିଗ୍ରାହୀ, ହ୍ରିତିକ ନାୟକ ସମେତ କଞ୍ଚମଣୀ ସ୍ୱାଇଁ,ତପନ ଦାସ ସଞ୍ଜୟ କୁମାର ମହାଳିକ, ସଞ୍ଜିତ କୁମାର ଘୋଷ, ଆଶୁତୋଷ ମଲ୍ଲିକ, ମିତ୍ରଭାନୁ ପଲେଇ, ଜୀବନ ଜ୍ୟୋତି ନାୟକ, ପ୍ରସନ୍ନଜିତ ଆଶ, ଭଗବାନ ଚନ୍ଦ୍ର ଦାସ, ପ୍ରଦୀପ ବେରା, ଭାଗବତ ଦାସ, ଗୁରୁପ୍ରସାଦ ବାରିକ, ଚନ୍ଦନ ପାଣିଗ୍ରାହୀ, ବିନାୟକ ମହାପାତ୍ର, ତ୍ରିଲୋଚନ ଉପାଧ୍ୟାୟ, ଚିତରଞ୍ଜନ ନାୟକ, ରମଣୀରଞ୍ଜନ ଦାସ ଓ ମୃତ୍ୟୁଞ୍ଜୟ ପଟ୍ଟନାୟକ, ଆଶୁତୋଷ ମଲ୍ଲିକ, ପ୍ରସନ୍ନଜିତ୍ ଆଶ, ଭଗବାନ ଚନ୍ଦ୍ର ଦାସ, ଗୁରୁପ୍ରସାଦ ବାରିକ ପ୍ରମୁଖ ଯୋଗଦେଇଥିଲେ ।

# ଫକୀରମୋହନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମହିତ ପଟ୍ଟନାୟକ ଟପ୍ପର

ବାଲେଶ୍ୱର, (ନି.ପ୍ର.) : ଚଳିତ ବର୍ଷ ପ୍ରକାଶିତ ଯୁକ୍ତ ଦୁଇ ପରୀକ୍ଷା ଫଳାଫଳରେ ବାଲେଶ୍ୱରର ଫକିରମୋହନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ର ମହିତ ପଟ୍ଟନାୟକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସେ ମୋଟ ୬୦୦ ନମ୍ବରରୁ ୫୯୫ ନମ୍ବର ରଖି କଲେଜରେ ସର୍ବାଧିକ ମାର୍କ ହାସଲ କରି ଟପ୍ପର ହୋଇଛନ୍ତି ।ମହିତଙ୍କ ଏହି ଅସାଧାରଣ ସଫଳତା ପରେ କଲେଜ ପରିବେଶରେ ଖୁସିର ଲହରୀ ଖେଳିଯାଇଛି । ଶିକ୍ଷକ ଓ ସହପାଠୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିବାବେଳେ ପରିବାରରେ ମଧ୍ୟ



ଆନନ୍ଦର ମାହୋଲ୍ ସୃଷ୍ଟି ହୋଇଛି । ମହିତଙ୍କ ପିତା ସମରେନ୍ଦ୍ର କୁମାର ପଟ୍ଟନାୟକ ଓ ମାତା ଇତିଶ୍ରୀ ପଟ୍ଟନାୟକ ପୁଅର ସଫଳତାରେ ଗର୍ବିତ ବୋଲି କହିଛନ୍ତି । ବାଲେଶ୍ୱର ଗୋପାଳଗାଁ ଅଂଚଳର ବାସିନ୍ଦା ମହିତ ନିୟମିତ ପଢ଼ାଶୁଣା ଓ କଠିନ ପରିଶ୍ରମ ଫଳରେ ଏହି ସଫଳତା ହାସଲ କରିଥିବା କହିଛନ୍ତି । ଭବିଷ୍ୟତରେ ଉଚ୍ଚ ଶିକ୍ଷା ଗ୍ରହଣ କରି ଦେଶ ପାଇଁ କିଛି କରିବା ତାଙ୍କର ଲକ୍ଷ୍ୟ ବୋଲି ମହିତ ପ୍ରକାଶ କରିଛନ୍ତି ।

# ଅଜଣା ବ୍ୟକ୍ତିଙ୍କ ଶବ ସତ୍କାର କଲା ହେଲପିଙ୍ଗ ସୋସାଇଟି

ବାଲେଶ୍ୱର,(ନି.ପ୍ର.) : ତିନି ଦିନ ପୂର୍ବେ ବାଲେଶ୍ୱର ଜିଲ୍ଲାର ସିମୁଳିଆ ଥାନା ନିକଟରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା । ଘଟଣା ପରେ ସିମୁଳିଆ ଥାନା ପକ୍ଷରୁ ଶବଟିକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଫ୍ରିଜରରେ ରଖାଯାଇଥିଲା । ତେବେ ଗତ ତିନି ଦିନ ଧରି ବିଭିନ୍ନ ସ୍ଥାନରେ ସୂଚନା ପ୍ରଚାର କରାଯାଇଥିଲେ ମଧ୍ୟ ମୃତକଙ୍କ ପରିଚୟ ମିଳିପାରିନଥିଲା । ଶବଟି ଗଳିତ ଅବସ୍ଥାକୁ ଆସିଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସିମୁଳିଆ ଥାନା ପକ୍ଷରୁ ସତ୍କାର ପାଇଁ ସୂଚନା ଦିଆଯାଇଥିଲା । ଏହା ପରେ ବାଲେଶ୍ୱର ସହରର ପ୍ରମୁଖ ସାମାଜିକ ସଂଗଠନ "ହେଲପିଙ୍ଗ ସୋସାଇଟି" ମାନବିକତାର ପରିଚୟ ଦେଇ



ଶବ ସତ୍କାର ପାଇଁ ଆଗେଇ ଆସିଥିଲା ।ସଂଗଠନର ସଭାପତି ହ୍ରିତିକ ନାୟକଙ୍କ ତତ୍ୱାବଧାନରେ ସହରସ୍ଥ ଆଇଟିଆଇ ଛକ ନିକଟରେ ଥିବା ଶ୍ମଶାନରେ ଆଜି ଉକ୍ତ ଅଜଣା ବ୍ୟକ୍ତିଙ୍କ ଶବର ସତ୍କାର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ଅମିୟ ମହାନ୍ତି, ଉପସଭାପତି ଜୀବନ ସଂଗ୍ରାମ ମିଶ୍ର, ସମ୍ପାଦକ ଦିବ୍ୟ ରଞ୍ଜନ ଦାସ, ପ୍ରୀତି ସୁନ୍ଦର ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ହେଲ୍ପିଂ ସୋସାଇଟି ବିଭିନ୍ନ ସମୟରେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଅସହାୟ, ଗରୀବ, ରାସ୍ତାରେ ନିରାଶ୍ରୟ ଭାବେ ବାସ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଖାଦ୍ୟ ସାମଗ୍ରୀ ବିତରଣ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ରାଜ୍ୟରେ ।

## ସରସ୍ୱତୀ ଶିଶୁ ମନ୍ଦିରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଉଦଳା(ନିପ୍ର) : ମୟୂରଭଞ୍ଜ ଜିଲ୍ଲା ଉଦଳ ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶିଶୁ ମନ୍ଦିର ସଭାପତ ଡା ଗଣେଶ୍ୱର ସିଂଙ୍କ ସଭାପତିତ୍ୱରେ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଅ ନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟରେ ପ୍ରଧାନ ଆଚାର୍ଯ୍ୟ ଅଜିତ କୁମାର ମହାପାତ୍ର ସମ୍ପାଦକ ଦିଲ୍ଲୀପ କୁମାର ପର ମାଣିକ ଛାତ୍ର ଛାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ମାର୍ଗ ଦର୍ଶନ ପ୍ରଦାନ କରିଥିଲେ । ଆଗାମୀ ଦିନରେ ସମୟର ସଦ ଉପଯୋଗ ସହ କଠିନ ପରିଶ୍ରମ ଲକ୍ଷ୍ୟ ପଥରେ ପହଂଚାଇବାରେ ସାହାଯ୍ୟ କରି ଥାଏ ବୋଲି ସଭାପତି ଶ୍ରୀଯୁକ୍ତ ସିଂହ ବକ୍ତବ୍ୟ ରଖିଥିଲେ । ମ୍ୟାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା କାର୍ଯକ୍ରମକୁ ସଫଳ କରିବାରେ ସମ୍ପାଦକ ଶ୍ରୀଯୁକ୍ତ ପରମାଣିକଙ୍କ ଭୂମିକା ଅତନ୍ତ୍ୟ ପ୍ରଶଂସନୀୟ । ଶିଶୁ ମନ୍ଦିରର ବରିଷ୍ଠ ଆଚାର୍ଯ୍ୟ ଅଜୟ କୁମାର ସାହୁ ଅତିଥି ମାନଙ୍କର ପରିଚୟ କରିଥିବାବେଳେ ରଣଜିତ ହାତୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ଭିତିଭୂମି ପ୍ରକଳ୍ପ ଲୋକାର୍ପିତ



ମେରାମଣ୍ଡଳୀ(ନିପ୍ର): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅଧୀନ ଗଣ୍ଡିଗାଡ଼ିଆ ଏବଂ ନୂଆହତା ଗ୍ରାମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍ଏଫ୍) ପକ୍ଷରୁ ନିର୍ମିତ ଏକାଧିକ ଭିତିଭୂମି ଉନ୍ନୟନ ପ୍ରକଳ୍ପର ଉଦଘାଟନ ହୋଇଯାଇଛି । ମାନ୍ୟବର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ନବନିର୍ମିତ ପ୍ରକଳ୍ପଗୁଡ଼ିକର ଲୋକାର୍ପଣ କରିଛନ୍ତି । କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀର କର୍ପୋରେଟ୍ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା, ଟିଏସଏଫର ଇନଫ୍ରାଷ୍ଟ୍ରକ୍ଚର ଲିଡ୍ ଅନନ୍ତ ପଲ୍, ନୂଆହତା ସରପଂଚ ରେଣୁବାଳା ଧୀର ଏବଂ ଗଣ୍ଡିଗାଡ଼ିଆ ଗ୍ରାମ ସଭାପତି ପଙ୍କଜ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ । ଗଣ୍ଡିଗାଡ଼ିଆ ଗ୍ରାମରେ ଏକ କମ୍ୟୁନିଟି ସେଂଟର ସହ ଗ୍ରାମକୁ ପିଡବ୍ଲ୍ୟୁଡି ମୁଖ୍ୟ ରାସ୍ତା ସହ ଯୋଡୁଥିବା ସିମେଂଟ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଛି । ଏହାସହ ଡିହ ସାହି ଗ୍ରାମରେ ହାଇମାଷ୍ଟ ଲାଇଟ୍ ଟାୱାର ସ୍ଥାପନ କରାଯାଇଛି । ଏହାଦ୍ୱାରା ସ୍ଥାନୀୟ ଅଂଚଳର ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ । ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଅତିଥିମାନେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ । ସୂଚନାଥାଉ କି, ଗତ ୧୦ଦିନ ମଧ୍ୟରେ ଟିଏସ୍ଏଫ୍ ପକ୍ଷରୁ ବଅଁରପାଳ, ଓଡ଼ାପଡ଼ା, ହିନ୍ଦୋଳ ବ୍ଲକରେ କଂକ୍ରିଟ ରାସ୍ତା, କମ୍ୟୁନିଟି ସେଂଟର, ଯାତ୍ରୀ ଆଶ୍ରୟସ୍ଥଳ, ସ୍କୁଲ ବିଲ୍ଡିଂ, ବିଜ୍ଞାନ ପରୀକ୍ଷାଗାର ଏବଂ ସୌରଚାଳିତ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା ଆଦି ମାନ୍ୟବର ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ମାନ୍ୟବର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ମାନ୍ୟବର ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ଦ୍ୱାରା ଲୋକାର୍ପଣ ଓ ଶିଳାନ୍ୟାସ କରାଯାଇଛି । ଯାହାଦ୍ୱାରା ସ୍ଥାନୀୟ ଅଂଚଳର ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଲାଭାନ୍ୱିତ ହେବେ ।

## ପୌରପାଳିକାର ଅବହେଳା ପାଇଁ ପାଣିରେ ଉବୁଟୁବ ହେବ ଉତରେଶ୍ୱର ଅଂଚଳ

ସୋର(ନିପ୍ର) : ଆଉ ଅଳ୍ପ ଦୂର ରହିଲା ମୌସୁମି । ପାଣିପାଗ ଆକଳନ ଅନୁସାରେ ଜୁନ୍ ପ୍ରାରମ୍ଭରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ନାଳ ନର୍ଦ୍ଦମାଗୁଡ଼ିକୁ ସଫା କରାଯିବା ସହିତ ଆଗମୀ ବନ୍ୟ ପରିସ୍ଥିତିକୁ ମୁକାବିଲା ପାଇଁ ସୋର ପୌରପାଳିକା ପ୍ରସ୍ତୁତ ହେଇଥିବା ଜଣାଯାଇଛି । ମାତ୍ର ୧୬ ନମ୍ବର ଜାତୀୟ ରାଜପଥ ସୋର ଉତରେଶ୍ୱର ୬ଟିକିଆ ରାସ୍ତା ସଂପ୍ରସାରଣ କାର୍ଯ୍ୟ ଏକ ପ୍ରକାର ସରି ଆସିଥିବା ବେଳେ ଉତରେଶ୍ୱର ପାଇକାଲୀ ଠାରୁ କଲେଜଛକ ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ର ଡ୍ରେନ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଶେଷ ହୋଇପାରି ନାହିଁ । ଅବଶ୍ୟ ପୂର୍ବପାଖ ଡ୍ରେନ କାମ ଯଥାତଥା ଚାଲିଥିବା ବେଳେ ବସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଲେଜଛକଠାରୁ ବରଫକଳ ଛକ ପର୍ଯ୍ୟନ୍ତ ପଶ୍ଚିମ ପାଶ୍ୱର୍ ଡ୍ରେନର କାମ ବିବାଦୀୟ କାରଣରୁ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ । ସୂଚନା ଅନୁସାରେ ବ୍ରିଜ୍‌ଗୋପାଳ କମ୍ପାନୀର ଉଭୟ ପାଶ୍ୱର୍ରେ ଦେଢ଼ ମିଟର ଓସାରର ଡ୍ରେନ ପାଇଁ ପ୍ଲାନ ଥିବା ବେଳେ ଏହି କାମରୁ ୨୦୨୩ ମସିହାରେ ପୂର୍ବତନ ପୌରାଧ୍ୟକ୍ଷ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଏହି କାର୍ଯ୍ୟକୁ ବନ୍ଦ କରାଇ ଏହାକୁ ୩ ମିଟର ଓସାର କରିବା ପାଇଁ ପ୍ରସ୍ତାବ ଦେବା ଫଳରେ ପଶ୍ଚିମ ପାଶ୍ୱର୍ ଡ୍ରେନ୍ କାର୍ଯ୍ୟ ପାଇଁ ଅର୍ଥ କମ୍ପାନୀ ତରଫରୁ ପୂର୍ତ୍ତବିଭାଗରେ ଜମା କରିଥିବା ବେଳେ ଅବଶିଷ୍ଟ ଅର୍ଥ ରାଜ୍ୟ ସରକାର ବହନ କରିବାର ପ୍ରସ୍ତାବ ଥିଲା । ମାତ୍ର ଆଜି ପର୍ଯ୍ୟନ୍ତି ଏହି ଆବଶ୍ୟକ ଅର୍ଥ ମଞ୍ଜୁର ନହେବା ଫଳରେ ଦୀର୍ଘ ୩ ବର୍ଷଧରି ଏହି କାର୍ଯ୍ୟ ଅଟକରି ରହିଛି । ଫଳରେ ପ୍ରତି ବର୍ଷ ବର୍ଷା ଦିନେ ଅଧିକାଂଶ ସମୟରେ ସାମନ୍ୟ ବର୍ଷାରେ ବି ୧,୨ଏବଂ ୩ ନମ୍ବର ୱାର୍ଡ଼ର ଉତରେଶ୍ୱର, ବଡଖୁରୀ, ଖରିଦା, କମରପୁର, ଚକରାଇପୁର, କଲେଜଛକ ପ୍ରଭୃତି ଗ୍ରାମଗୁଡ଼ିକ ବର୍ଷା ଜଳ ନିଷ୍କାସନ ହୋଇ ନପାରି ପାଣି ଘେରରେ ରହି ଆସୁଛି । ଫଳରେ ଏଠାରେ ବସବାସ କରୁଥିବା ଜନସାଧାରଣ ଏବଂ ଦୋକାନୀମାନେ ଘୋର ଅସୁବିଧା ସମ୍ମୁଖିନ ହୋଇ ଆସୁଛନ୍ତି । ଏପରିକି ବର୍ଷାଦିନେ ବସ୍ ଯାତ୍ରୀମାନେ ମଧ୍ୟ ଏହି ରାସ୍ତାଦେଇ ଯିବା ଆସିବାରେ ଘୋର ଅସୁବିଧାରେ ପଡୁଥିବା ଦେଖାଯାଇଛି । ଗତ ଆଠମାସ ତଳେ ବିଧାୟକ ମାଧବ ଧଡ଼ା, ପୂର୍ତ୍ତ ବିଭାଗ ସୁପରିଟେଣ୍ଡେଂଟ, ଡ୍ରେନ ବିଭାର ସହକାରୀ ନିର୍ବାହୀ ଯନ୍ତ୍ରୀ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ପାଇକାଳୀଠାରୁ କଲେଜ ପର୍ଯ୍ୟନ୍ତ ସର୍ଭେକରି ସର୍ଭିସ ରୋଡ଼ ନିର୍ମାଣ ସହିତ ଡ୍ରେନ କାର୍ଯ୍ୟକୁ ତରନ୍ତ ଶେଷ କରିବା ପାଇଁ ନିଷ୍ପତି ହୋଇଥିଲା । ଏପର୍ଯ୍ୟନ୍ତ ବିଦ୍ୟୁତ ଖୁଂଟି ଅପସାରଣ ଓ ଡ୍ରେନ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ଏହାକୁ ନେଇ ଅନିର୍ଶ୍ଚିତତା ଲାଗି ରହିଥିବାରୁ ପୁଣି ଏବର୍ଷ ବି ଉତରେଶ୍ୱର ପାଣି ଘେରରେ ବୁଡ଼ିରହିବ ବୋଲି ଉତରେଶ୍ୱର ଏବଂ ସ୍ଥାନୀୟବାସୀ ଆଶଙ୍କ ପ୍ରକାଶ କରିଛନ୍ତି । ଏ ଦିଗରେ ଜିଲା ପ୍ରଶାସନ, ପୂର୍ତବିଭାଗ, ଡ୍ରେନେଜ ବିଭାଗ ଓ ପୌରପାଳିକା ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

## ସୋର-ଖନ୍ତାପଡ଼ା ତୃତୀୟ ଲାଇନ୍ କାର୍ଯ୍ୟ ଶେଷ

ସୋର(ନିପ୍ର): ଦକ୍ଷିଣ-ପୂର୍ବ ରେଳପଥ ଖଡ଼ଗପୁର ଡିଭିନର ତୃତୀୟ ଲାଇନ୍ ଖନ୍ତାପଡ଼ାଠାରୁ ରାଣୀତାଲ ପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇଥିବା ବେଳେ ଗତ ୨ ଦିନ ଧରି ଏହି ରେଳ ଲାଇନ୍ ?ରେ କଲକତାର ରେଳ ସୁରକ୍ଷା କମିଶନର ଗତ ୧୯ ଏବଂ ୨୦ ଦୁଇଦିନ ଧରି ଖନ୍ତାପଡ଼ାରୁ ସୋର ପର୍ଯ୍ୟନ୍ତ ନବ ନିର୍ମିତ ୩ୟ ଲାଇନ୍ ପାଇଁ ଯାଂଚ କରିଛନ୍ତି । ଏହି ଯାଂଚ ବେଳେ ବିଭିନ୍ନ ଟ୍ରାକ୍ ଲାଇନ୍, ବିଦ୍ୟୁତ, ସଙ୍ଗ୍ନାଲ, ଏବଂ ପେନାଲ ରୁମ୍ ଅନୁଧାନ କରି ପରୀକ୍ଷାମୂଳକ ଭାବେ ଟ୍ରାଏଲ ଇଂଜିନ ଚଳଚଳ କରିଥିଲା । ଏହି ଟ୍ରାଏଲ ଇଂଜିନିରେ ରେଳ ସୁରକ୍ଷା କମିସନର, ଖଡ଼ଗପୁର ଡିଭିଜନର ଏଇଏନ୍ ?, ପିଏଲଆଇ, ଡିପିଆଇ, ଏସ୍ଏମ୍ଆର୍ ପ୍ରମୁଖ ଅଧିକାରୀମାନେ ବସିଥିଲେ ।

## କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କଟକ(ନିପ୍ର): କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ମୋ ଗାଁ ମୋ ଗୌରବ ଅନ୍ତର୍ଗତ ଦିନିକିଆ ସଚେତନତା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାର, କଟକ ସଦର ଅଧୀନସ୍ଥ ଗୋପୀନାଥପୁର, ସତ୍ୟଭାମାପୁର ଗ୍ରାମ ପଂଚାୟତର ୩୦ ଜଣ ସରପଂଚ, ସମିତି ସଭ୍ୟ, ୱାର୍ଡ ମେମ୍ବର ଏବଂ ସରପଂଚ ପ୍ରତିନିଧି ମାନେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବହୁଳ ପରିମାଣରେ ରସାୟନିକ ସାର ପ୍ରୟୋଗ ନ କରି ସନ୍ତୁଳିତ ପରିମାଣରେ ଏବଂ ବୈଜ୍ଞାନିକ ପଦ୍ଧତିରେ ପ୍ରୟୋଗ କରିବା । ଏହି କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ ଅନୁଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ଡକ୍ଟର ପ୍ରତାପ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ସରପଂଚ ଏବଂ ବଂ ଅନ୍ୟାନ୍ୟ ପ୍ରତିନିଧିମାନଙ୍କୁ ସେମାନଙ୍କ ପଂଚାୟତ ଅନସ୍ଥ କୃଷକ ଭାଇ ଓ ଭଉଣୀ ମାନଙ୍କୁ ଯେଭଳି ସନ୍ତୁଳିତ ପରିମାଣରେ ଏବଂ ବୈଜ୍ଞାନିକ ପଦ୍ଧତିରେ ସାର ପ୍ରୟୋଗ କରିବେ, ସେ ଦିଗରେ ଆଗଭର ହେବାକୁ ଆହ୍ୱାନ ଦେଇଥିଲେ । ଅନୁଷ୍ଠାନର ବୈଜ୍ଞାନିକ ଡକ୍ଟର ଆର୍ନି ପୂନମ, ଡକ୍ଟର ସୁଶାନ୍ତ କୁମାର ନାୟକ, ଡକ୍ଟର ଉପେନ୍ଦ୍ର କୁମାର ଏବଂ ଡକ୍ଟର ଦିବ୍ୟେନ୍ଦୁ ଚାଟର୍ଜୀ ସମନ୍ୱିତ ଖାଦ୍ୟ ପରିଚାଳନା, ମୃତିକାର ମାନ ବୃଦ୍ଧି, ଜୈବିକ ସାର ପ୍ରୟୋଗ ଏବଂ ମୃତିକା ପରୀକ୍ଷା ଉପରେ ବିଶେଷ ବକ୍ତବ୍ୟ ଓ ତଥ୍ୟ ରଖିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମକୁ ଡକ୍ଟର ଶ୍ରୀକାନ୍ତ ଲେଙ୍କା, ଡକ୍ଟର ସୁଦୀପ୍ତ ପାଲ, ଡକ୍ଟର ଶିବଶଙ୍କରୀ, ଡକ୍ଟର ଆନ୍ନମଲାଇ ସୂଚାରୁ ରୂପେ ପରିଚାଳନା କରିଥିଲେ ।

## ପାରାଦୀପ ପ୍ରେସ ଗ୍ୟାଲେରୀରେ ବିଶ୍ୱ ଚାହା ଦିବସ ପାଳିତ

ପାରାଦୀପ(ନିପ୍ର): ଦୈନନ୍ଦିନ ଚାହା ବ୍ୟବହାର ସାଧାରଣରେ ଏକ ଅଭ୍ୟାସ ରେ ପରିଣତ ହୋଇଥିବା ବେଳେ କ୍ଷୀର ଚାହା ବଦଳରେ ଅଦା ମିସା ଚାହା ପିଇବା ସ୍ୱାସ୍ଥ୍ୟ ପକ୍ଷେ ବହୁ ଉପକାର ହୋଇଥାଏ । ତେବେ ବିଶ୍ୱ ଚାହା ଦିବସ ପରିପ୍ରେକ୍ଷୀରେ ପାରାଦୀପ ବଡ଼ପଡ଼ିଆ ଥାନା ଛକ ନିକଟସ୍ଥ ପ୍ରେସ ଗ୍ୟାଲେରୀ ଠାରେ ଚାହା ଦିବସ ଅତ୍ୟନ୍ତ ଉତ୍ସାହ ସହ ପାଳିତ ହୋଇ ଯାଇଛି । ସ୍ଥାନୀୟ ସାମ୍ବାଦିକଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁବାର ସକାଳେ ସାମ୍ବାଦିକଙ୍କ ସମେତ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବିଜେପି ନଗର ସଭାପତି ସୁବ୍ରତ ପ୍ରଧାନ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାର ସିଂହ, ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ସଞ୍ଜୟ ମିଶ୍ର, ପ୍ରଭାକର ସାହୁ,ରବିନ୍ଦ୍ର ଜେନା, ସନ୍ତୋଷ ଭାରତୀ, ବିରଜା ତ୍ରିପାଠୀ, ବିବେକାନନ୍ଦ ରାଉତ, ଆଲୋକ ମହାପାତ୍ର, ସଦାନନ୍ଦ ବେହେରା, ଅଜିତ ଦାସ ପ୍ରମୁଖ ଯୋଗଦେଇ ମୁଡି ସହ ସୁସ୍ୱାଦୁ ମସଲା ଯୁକ୍ତ ନାଲି ଚାହା ପାନ କରି ନିଜର ନିଆରା ଅନୁଭୂତି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ଭାଗିରଥି ମଲ୍ଲିକ ପରିଚାଳନା କରିଥିବା ବେଳେ ରାକେଶ ପଟ୍ଟନାୟକ ଓ ଅନ୍ୟମାନେ ସହଯୋଗ କରିଥିଲେ ।




## ବିଧବା ମହିଳାଙ୍କ ନିର୍ମମ ହତ୍ୟା

ବେତନଟୀ(ନିପ୍ର): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ବାଲିଆପିଟା ଗ୍ରାମରେ ଜଣେ ୫୨ ବର୍ଷୀୟା ବିଧବା ମହିଳାଙ୍କୁ ହାତ-ଗୋଡ଼ ବାନ୍ଧି ଉଲଗ୍ନ ଅବସ୍ଥାରେ ତଂଟି ଚିପି ହତ୍ୟା କରାଯାଇଥିବା ଘଟଣା ସମଗ୍ର ଅଂଚଳରେ ତୀବ୍ର ଚାଂଚଲ୍ୟ ସୃଷ୍ଟି କରିଛି । ପୁଲିସ ଏହାକୁ ଦୁଷ୍କର୍ମ ପରେ ହତ୍ୟା ବୋଲି ପ୍ରାଥମିକ ସନ୍ଦେହ କରୁଛି । ମୃତ ମହିଳା ହେଉଛନ୍ତି ସ୍ୱର୍ଗତ ରାଜୁ ସିଂହଙ୍କ ପତ୍ନୀ ଅନିତା ସିଂହ । ସେ ଗ୍ରାମରେ ଏକାକୀ ରହୁଥିଲେ ଏବଂ ଘର ସମ୍ମୁଖରେ ଏକ ଛୋଟ ଦୋକାନ କରି ଘର ଚଳାଉଥିଲେ । ତାଙ୍କର ଏକମାତ୍ର ପୁତ୍ର ବୀରେନ୍ଦ୍ର ସୁଦୂର ପଣ୍ଡିଚେରୀରେ ଚାକିରି କରନ୍ତି । ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ତାଙ୍କ ହାତ ଓ ଗୋଡ଼ ବାନ୍ଧି ପାଟିରେ କନା ପୁରାଇ ତଂଟି ଚିପି ହତ୍ୟା କରିଥିଲେ । ମହିଳାଙ୍କ ଶରୀରକୁ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ରଖାଯାଇଥିଲା । ଗୁରୁବାର ସକାଳେ ପାଖପଡୋଶୀ ଦୋକାନରୁ ସାମଗ୍ରୀ କିଣିବାକୁ ଆସି ତାଙ୍କୁ ଦୋକାନରେ ନପାଇ ଡାକି ଥିଲେ ସେ ନସୁଣିବାରୁ କବାଟ ଖୋଲା ଥିବା ଦେଖି ଭିତରକୁ ପଶି ଥିଲେ ସେଠାରେ ଏହି ଭୟଙ୍କର ଦୃଶ୍ୟ ଦେଖିବାକୁ ପାଇଥିଲେ । ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠା ଯାଇଛି । ହତ୍ୟାର ଉଦ୍ଦେଶ୍ୟ ଓ ଦୁଷ୍କର୍ମକାରୀର ପରିଚୟ ଚିହ୍ନଟ କରିବା ପାଇଁ ପୁଲିସ ତନାଘନା ଜାରି ରଖିଛି । ପ୍ରାଥମିକ ତଦନ୍ତରୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ଏହି ଜଘନ୍ୟ ଘଟଣା ଗ୍ରାମାଂଚଳରେ ମହିଳା ସୁରକ୍ଷା ନେଇ ପୁନଃ ପ୍ରଶ୍ନ ଉଠାଇଛି । ସ୍ଥାନୀୟ ଲୋକେ ଦୁର୍ବୃତକୁ ଶୀଘ୍ର ଚିହ୍ନଟ କରି ଗିରଫ କରି ବାକୁ ଦାବି କରିଛନ୍ତି । ପୁଲିସ ଶୀଘ୍ର ଦୋଷୀକୁ ଧରି ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି ।

**AFFIDAVIT**

By virtue of an affidavit sworn before Executive Magistrate, Bhadrak, dated 19.05.2026, I, Kamalakanta Malik, S/o- Madan Mohan Malik permanent resident of At- Begunia, Po- Ada, PS- Simulia, Dist- Baleswar, Pin- 756134 declare that I have changed my name from Kamala Malik to Kamalakanta Malik. Henceforth, I shall be known as Kamalakanta Malik for all purposes.

Sd/-
**Kamalakanta Malik**

**AFFIDAVIT**

By virtue of an affidavit sworn before Notary Public, Bhubaneswar dated 18.05.2026, I, Balaram Dandapat, S/o- Kusa Dandapat permanent resident of At- Sankarpur, Po- Panchupali, Ps- Baliapal, Dist- Baleswar, Odisha, Pin- 756024 declarethat I have changed my name from Chaitanya Dandapat to Balaram Dandapat. Henceforth, I shall be known as Balaram Dandapat for all purposes.

Sd/-
**Balaram Dandapat**

**ଖଡ଼ଗପୁର ଡିଭିଜନରେ କ୍ୟାଟରିଂ ଚୁକ୍ତିନାମାର ଇ-ନିଲାମ ପାଇଁ ଶୁଦ୍ଧିପତ୍ର ନୋଟିସ୍**

କେଟରିଂ ୟୁନିଟ୍ ଚୁକ୍ତିନାମାର ପରିଚାଳନା ପାଇଁ ଇ-ନିଲାମ ନୋଟିସ୍ ପାଇଁ ଶୁଦ୍ଧିପତ୍ର ଆଇଆରଇପିଏସ୍‌ରେ ପୂର୍ବରୁ ଅପଲୋଡ୍ କରାଯାଇଛି । ଏହି ପ୍ରଭାବରେ ନିଲାମ କ୍ୟାଟାଲଗ୍ ନଂ. ସିଏଟିଜି-କେଜିପି-୨୬-ଏ ପାଇଁ ଇ-ନିଲାମ ସମୟ ୦୨.୦୬.୨୦୨୬, ୧୧:୦୦ ଘଂଟା ରୁ ୫:୦୦ ଘଂଟା ପର୍ଯ୍ୟନ୍ତ ପୁନଃନିର୍ଦ୍ଧାରିତ କରାଯାଇଛି । ଏହି କ୍ୟାଟାଲଗ୍ ପାଇଁ ସମସ୍ତ ନିୟମ ଏବଂ ସର୍ତାବଳୀ ସମାନ ରହିଛି ।

(PR-211/C) **ବରିଷ୍ଠ ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର/କେଜିପି**

**AFFIDAVIT**

By virtue of an affidavit No. 2390 dtd.21.05.26, before A.K. Swain Notary Public, Balasore I, Sri Umakanta Behera, aged 43 years, S/O.-Basanta Kumar Behera, At./P.O/P.S.-Khantapada, Dist.-Balasore do hereby declare that in my all educational certificate i.e. Matric, +2 , in which my name has been mentioned as "UMAKANT BEHERA", but in my Aadhar Card, Pan Card,Driving Licence and other legal documents, in which my name has been mentioned as "UMAKANTA BEHERA". That, I declare that "UMAKANT BEHERA" & "UMAKANTA BEHERA" is one and same person. That, now onwards I shall be known as UMAKANTA BEHERA for all future purposes.

Sd/-
**Umakanta Behera**

No. 13001/577/2627

No. 2936-BLS(19) Dt. 19.05.2026 /

**Quotation document for supply, installation/mounting, testing, commissioning of Electrical Equipments & other electrical accessories with complete attachments for Office of BALASORE MUNICIPALITY, BALASORE**

The Executive Officer, Balasore Municipality on behalf of Balasore Municipal Council, Balasore invites Sealed quotation from intending & authorized supplying firms regarding Supply, installation/mounting, testing, commissioning of **VOLTAS/ CARRIER / BLUE STAR make fixed split air conditioner, SONY/HAIER make (65") Wall Led TV, ORIENT/BAJAJ make Ceiling fans & other electrical accessories with complete attachments**. The Quotation Schedule, terms & conditions, specification and other necessary documents can be download and obtained from the site of official website of Balasore District, **http://balasore.odisha.gov.in** w.e.f DT: 21.05.2026 to 30.05.2026


**(Can also be Obtained in detail from Govt Website-http://balasore.odisha.gov.in)**

Sd/-
Executive Officer,
Balasore Municipality

OIPR. 13001/13154/1/26-27/0005

## ଏମଭି-୭୯ରେ ହେବ ଅତ୍ୟାଧୁନିକ ଜିମ୍: ଯୁବପିଢ଼ୀଙ୍କ ମଧ୍ୟରେ ଉତ୍ସାହ

ମାଲକାନଗିରି(ନିପ୍ର): ଏମଭି-୭୯ ଅଂଚଳରେ ଖୁବ୍ ଶୀଘ୍ର ଏକ ଅତ୍ୟାଧୁନିକ ଜିମ୍ ସ୍ଥାପନ ହେବାକୁ ଯାଉଥିବା ସୂଚନା ମିଳିବା ପରେ ଅଂଚଳର ଯୁବପିଢ଼ୀଙ୍କ ମଧ୍ୟରେ ଖୁସି ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି । ଏମଭି-୭୯ରେ ପୂର୍ବରୁ ଚାଉଳ ବଂଟନ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିବା ଗୃହଟିକୁ ମରାମତି କରି ଜିମ୍ ସେଂଟରରେ ପରିଣତ କରାଯିବାକୁ ଯୋଜନା ହୋଇଛି । ସୂଚନା ଅନୁଯାୟୀ, ପ୍ରାୟ ୨.୫ ଲକ୍ଷ ଟଙ୍କା ବ୍ୟୟରେ ଗୃହଟିର ତଳ ମରାମତି, ସିଲିଂ ସହ ଅନ୍ୟାନ୍ୟ କାମ ଚାଲିଛି ଏବଂ ଏହି ମାସ ୩୦ ତାରିଖ ସୁଦ୍ଧା କାମ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି । କାମ ଶେଷ ହେବା ପରେ ଏଠାରେ ଯୁବମାନଙ୍କ ପାଇଁ ଆଧୁନିକ ଜିମ୍ ସୁବିଧା ଆରମ୍ଭ ହେବ ବୋଲି ଆଶା କରାଯାଉଛି । ଏହି ସ୍ଥାନଟି କଲେଜ, ସ୍କୁଲ ଓ ଖେଳ ପଡ଼ିଆ ନିକଟରେ ଥିବାରୁ ଜିମ୍ ପାଇଁ ଉପଯୁକ୍ତ ସ୍ଥାନ ବୋଲି ମନେ କରାଯାଉଛି । ଏହି ପ୍ରକଳ୍ପ ପାଇଁ ସରପଂଚ ସତ୍ୟ ମାଡକାମି ପ୍ରସ୍ତାବ ଦେଇଥିବାରୁ ଅଂଚଳବାସୀ ଓ ଯୁବପିଢ଼ୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଅଂଚଳରେ ଦୀର୍ଘଦିନ ଧରି ଏକ ଜିମ୍ ସେଂଟର୍ ସ୍ଥାପନ ପାଇଁ ଦାବି ହୋଇଆସୁଥିଲା । ବର୍ତ୍ତମାନ ସରକାରୀ ତତ୍ପରତା ଓ ସ୍ଥାନୀୟ ଯୁବମାନଙ୍କ ଆଗ୍ରହ ଫଳରେ ଏହା ସକାର ହେବାକୁ ଯାଉଥିବାରୁ ସମସ୍ତଙ୍କ ମଧ୍ୟରେ ଆଶା ବଢ଼ିଛି । ପ୍ରତିଦିନ ଅଂଚଳର ଯୁବମାନେ କାମର ତଦାରଖ କରୁଥିବା ବେଳେ ଗୁଣବତାପୂର୍ଣ୍ଣ ଓ ଶୀଘ୍ର କାମ ସମାପ୍ତ କରିବାକୁ ଦାବି କରିଛନ୍ତି । ଯୁବମାନଙ୍କ କହିବା ଅନୁଯାୟୀ, "ଏହି ଜିମ୍ ଆମ ଅଂଚଳର ଯୁବପିଢ଼ୀଙ୍କ ପାଇଁ ବହୁତ ଉପକାରୀ ହେବ । ଏହାର ନିର୍ମାଣ ଠାରୁ ଆରମ୍ଭ କରି ରକ୍ଷଣାବେକ୍ଷଣ ପର୍ଯ୍ୟନ୍ତ ଆମେ ସହଯୋଗ କରିବୁ ।" ସୂଚନାଯୋଗ୍ୟ ଯେ, ଏମଭି-୭୯ ଅଂଚଳରେ ଯୁକ୍ତ ତିନି ମହାବିଦ୍ୟାଳୟ, ଯୁକ୍ତ ଦୁଇ କଲେଜ ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ରହିଛି । ତେଣୁ ଏହି ଜିମ୍ ସ୍ଥାପନ ହେଲେ କେବଳ ଏମଭି-୭୯ ନୁହେଁ, ଆଖପାଖ ଅଂଚଳର ଅନେକ ଯୁବକ-ଯୁବତୀ ମଧ୍ୟ ଉପକୃତ ହେବେ ।





ଅଧୈର୍ଯ୍ୟ ହେଲେ କୌଣସି ସମସ୍ୟାର ସମାଧାନ ହୋଇ ନଥାଏ ବୋଲି ଜାଣି ରଖନ୍ତୁ, ବରଂ ପରିସ୍ଥିତି ଅଧିକ ଜଟିଳ ହୁଏ ।

# ଆଜିକାଲି



*ଅଅହଂକାରେଣ ମୂଢ଼ାତ୍ମା, ଗୀତାର୍ଥଂ ନୈବ ମନ୍ୟତେ*
*କୁମ୍ଭୀପାକେଷୁ ପଚ୍ୟେତ, ଯାବତ୍ କଳ୍ପକ୍ଷୟୋ ଭବେତ୍*
*(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ଯେଉଁ ମୂଢ଼ମନା ବ୍ୟକ୍ତି ଗୀତାର ଅର୍ଥକୁ ମାନେ ନାହିଁ, ସେ କଳ୍ପକ୍ଷୟ ହେବା ପର୍ଯ୍ୟନ୍ତ କୁମ୍ଭୀପାକ ନରକରେ ପଡ଼ି ସିଝୁଥାଏ ।

## ନିଶାକାରବାର ବୃଦ୍ଧି ପାଉଛି

ରାଜ୍ୟରେ ଚୋରା ନିଶା କାରବାର ନୂଆ ଘଟଣା ନୁହେଁ । ପ୍ରତିଦିନ କୌଣସି ନା କୌଣସି ଅଂଚଳରେ ଚୋରା ମଦ, ଗଂଜେଇ ଓ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ କାରବାର ପୋଲିସ ହାତରେ ପଡ଼ି ଚୋରା ବେପାରୀ ଗିରଫ ହୋଇଥିବା ଜଣାପଡ଼ିଛି । ଗତ କିଛି ମାସ ଧରି ଆଉ ଏକ ସାଂଘାତିକ ଖବର ରାଜ୍ୟକୁ ଏକପ୍ରକାର ବିଚଳିତ କରି ଦେଇଛି । ସାରା ବିଶ୍ୱରେ ବ୍ରାଉନସୁଗାର କାରବାର ଜୋର ଧରିଥିବା ବେଳେ ଏବେ ଓଡ଼ିଶା ଏହାର ପେଣ୍ଠସ୍ଥଳୀ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଶେଷ କରି କରୋନା ପରଠାରୁ ବ୍ରାଉନସୁଗାର କାରବାର ସାରା ରାଜ୍ୟର କୋଣ ଅନୁକୋଣରେ ବିକ୍ରି ହୋଇଥିବା ଅଭିଯୋଗ ହୋଇ ଆସୁଛି । ଗତକିଛି ଦିନ ଧରି ସପ୍ତାହର ୩/୪ ଦିନ ଭିତରେ ଲକ୍ଷଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ହୋଇ ଚୋରା ବେପାରୀ ଗିରଫ ଘଟଣା ଲୋକଲୋଚନକୁ ଆସିଛି । ବିଭିନ୍ନ ସ୍ଥାନରେ ଦେଢ଼କୋଟିରୁ ଦୁଇ କୋଟି ଚୋରା ବ୍ରାଉନ ସୁଗାର ଧରିଥିବା ବେଳେ ୭ ଜଣ ବେପାରୀଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି । ଏଥି ସହ ସଂପୃକ୍ତ ବେପାରୀଙ୍କ ନିକଟରୁ ନଗଦ ୨୦ ଲକ୍ଷରୁ ଅଧିକ ଟଙ୍କା ଓ ଅଳଙ୍କାର ଜବତ କରିଛନ୍ତି । ପୋଲିସ ସୂଚନା ଅନୁଯାୟୀ ଦିନକ ମଧ୍ୟରେ ଜଗତସିଂହପୁର ସର୍ବାଧିକ ୭ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ନୟାଗଡ଼ ଜିଲ୍ଲାରେ ୫ ଜଣ ଯାଜପୁରରେ ୩ ଜଣ ଓ ଢ଼େଙ୍କାନାଳରେ ୨ ଜଣଙ୍କୁ ପୋଲିସ ଗିରଫ କରିଛି । ଏହି ଜିଲ୍ଲା ମାନଙ୍କରେ ପୋଲିସ ଏକ ସଂଗେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି କୋଟି କୋଟି ଟଙ୍କାର ବ୍ରାଉନସୁଗାର ଜବତ କରିବା ସହ ଏହି ଚଢ଼ାଉ ଆହୁରି ଜୋରଦାର ହୋଇଛି । ଯାହା ଖବର ମିଳୁଛି ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ହେଉଛି ବ୍ରାଉନସୁଗାରର ପେଣ୍ଠସ୍ଥଳୀ । ଦେଶର ବିଭିନ୍ନ ସ୍ଥାନରୁ ବିଶେଷ କରି ପଶ୍ଚିମବଙ୍ଗରୁ ଚୋରା ବ୍ରାଉନ ସୁଗାର ବାଲେଶ୍ୱର ସୀମା ଅତିକ୍ରମ କରି ଜଳେଶ୍ୱରରେ ପହଂଚିବାରେ ସଫଳ ହୋଇଥାନ୍ତି ଏବଂ ସେଠାରୁ ପର୍ଯ୍ୟାୟକ୍ରମେ ରାଜ୍ୟର ବିଭିନ୍ନ ସ୍ଥାନକୁ କୋଟି କୋଟି ଟଙ୍କାର ଚୋରା ବ୍ରାଉନସୁଗାର ପଠାଯାଇଥାଏ । ଏ ଖବର ପାଇବା ପରେ ସୀମାନ୍ତ ଅଂଚଳ ଓ ବିଭିନ୍ନ ଜିଲ୍ଲାରେ କେଉଁଠି ଚୋରା ବ୍ରାଉନସୁଗାର ବିକ୍ରି ହେଉଛି ଏ ନେଇ ପୋଲିସ ଜାଣିବାରେ ସଫଳ ହେଉଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଗୋଟିଏ ଦିନରେ କୋଟି କୋଟି ଟଙ୍କା ମୂଲ୍ୟର ଚୋରା ବ୍ରାଉନସୁଗାର ଜବତ ଓ ଗୋ ବେପାରୀଙ୍କୁ ଗିରଫ ବିଶେଷ କରି ବାଲେଶ୍ୱର, ଭଦ୍ରକ, ପୁରୀ, ଯାଜପୁର, ଜଗତସିଂହପୁର ପ୍ରଭୃତି ଜିଲ୍ଲାରେ ବାଉନସୁଗାର କାରବାର ବଢ଼ିବଢ଼ି ଚାଲିଛି । ଫଳରେ ଯୁବପିଢ଼ି ଏହାର ଶୀକାର ହେଉଛନ୍ତି । ବିଶେଷ କରି ସ୍କୁଲ କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନେ ନନିଶା ପାଇଁ ବ୍ରାଉନସୁଗାରକୁ ଆପଣେଇ ନେଇଛନ୍ତି । ଏହି ଦୃଷ୍ଟିରୁ ପୋଲିସ ପକ୍ଷରୁ ଯେଉଁଭଳି ଚଢ଼ାଉ ଚୋରଦାର ହେଉଛି ତାହାକୁ ଅଧିକ ଭାବରେ କଡ଼ାକଡ଼ି କଲେ ବ୍ରାଉନସୁଗାର ଚୋରା ବେପାରୀ ମାନେ ସାବଧାନ ହୋଇ ପାରନ୍ତି ବୋଲି ଆମେ ଆଶା କରୁଛୁ । ଯଦି ଜଳେଶ୍ୱର ଏହାର ମୂଳପେଣ୍ଠସ୍ଥଳୀ ହୋଇଛି ସେଠାରେ ବହୁ ଚୋରା ବେପାରୀ ଏହି କାରବାରରେ ସଂପୃକ୍ତ ଥିବା କୁହାଯାଉଛି । ରାଜ୍ୟର ସମସ୍ତ ସୀମାରେ ଯଦି ପୋଲିସ ପକ୍ଷରୁ ଚଢ଼ାଉ କରାଯାଏ ତାହେଲେ ନିଶ୍ଚିତ ଭାବେ ଚୋରା ବେପାରୀ ମାନେ ହୁସିଆର ହୋଇଯିବେ । ଆମେ ଆଶା କରୁଛୁ ଯୁବପିଢ଼ୀଙ୍କ ସ୍ୱାର୍ଥ ପାଇଁ କେବଳ ପୋଲିସ ନୁହେଁ ପ୍ରତ୍ୟେକ ରାଜ୍ୟବାସୀ ଓ ପରିବାର ଏବେଠୁ ସତର୍କ ରହିବା ଉଚିତ ।

## କେଉଁ କେଉଁ ଖାଦ୍ୟରେ କି କି ଦ୍ରବ୍ୟଗୁଣ



◀◀ ପୋଟଳ - ବୀର୍ଯ୍ୟକାରକ, କୃମିନାଶକ, ଜ୍ୱରନାଶକ ।

◀◀ କଲରା - ଏହା ତିକ୍ତ ଗୁଣ



ବିଶିଷ୍ଟ । ପିତ, କଫ, ମେହ ଓ କୃମି ରୋଗ ନିବାରକ ।

◀◀ ଚାଉଳରେ ତୈଳ ଭାଗ ନାହିଁ । ପଖାଳ ଭାତ ପଚିଗଲେ ସେଥିରେ ଏକ ପ୍ରକାର ନିଶା ଜାତୀୟ ପଦାର୍ଥ ବାହାରେ । ଭାତରୁ ହାଣ୍ଡିଆ ମଧ ହୁଏ । ଏହା ବଳକାରକ ।



◀◀ ଶାଗରେ ଲୁଣର ମାତ୍ରା



ବେଶୀ ଥାଏ । ବାସୀ ଶାଗ ବାୟୁକାରକ ଓ ଅମ୍ଳବର୍ଦ୍ଧକ ।

◀◀ ଜହ୍ନି - ଏହା ତିକ୍ତ ଓ ମଧୁର ଗୁଣ ବିଶିଷ୍ଟ, ଏହା ମନ୍ଦାଗ୍ନି କାରକ

ବାଇଗଣ - ଏହା ମଧୁର



ରୁଚିକାରକ, ଶ୍ୱାସ, କଫ, ମେହନାଶକ ।

◀◀ ଆଳୁରେ ବହୁ ପରିମାଣରେ ମିଠା ଭାଗ ଥାଏ, ଏହା



ମଧୁମେହ ଓ ରୋଗବୃଦ୍ଧି କାରକ ।

# ମଧ୍ୟପ୍ରାଚ୍ୟ ବିବାଦର ଧାର୍ମିକ ପୃଷ୍ଠଭୂମି



◆ଅଧ୍ୟାପକ ଗୋପବନ୍ଧୁ

ଧର୍ମପ୍ରାଧାନ୍ୟ ରାଷ୍ଟ୍ରୀୟତା ସାମ୍ପ୍ରତିକ ଅବସ୍ଥାରେ ଦେଖା ଦେଇଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧର ଅନ୍ୟତମ କାରଣ । ଇସ୍ରାଏଲ ଇହୁଦୀ ପ୍ରଧାନ୍ୟ ରାଷ୍ଟ୍ର ହୋଇଥିବା ବେଳେ ଇରାନ ହେଉଛି ମୁସଲମାନ ପ୍ରାଧାନ୍ୟ ମୌଳବାଦୀ ରାଷ୍ଟ୍ର । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୮ ମସିହାରେ ଇସ୍ରାଏଲ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ପ୍ରତିଷ୍ଠିତ ହୋଇଥିଲା । ଉଦ୍ଦେଶ୍ୟ ଥିଲା ଇହୁଦୀମାନଙ୍କୁ ଏକ ରାଷ୍ଟ୍ରସତ୍ୱାର ଅନ୍ତର୍ଭୁକ୍ତ କରିବା । ଏବେ ଇସ୍ରାଏଲ ପାଶ୍ଚାତ୍ୟ ସଭ୍ୟତା ଦ୍ୱାରା ପ୍ରଭାବିତ । ଏଠାରେ ଭିନ୍ନ ଧର୍ମାବଲମ୍ବୀମାନଙ୍କ ପାଇଁ କୌଣସି ପ୍ରତିବନ୍ଧକ ନାହିଁ ସତ୍ୟ ହେଲେ ଦେଶର ଶାସନ ଓ ପ୍ରଶାସନ ଇହୁଦିମାନଙ୍କ ସପକ୍ଷରେ । ଏହାର ଜନସଂଖ୍ୟାର ପ୍ରାୟ ଶତକଡ଼ା ୭୫ ଭାଗ ହେଉଛନ୍ତି ଇହୁଦୀ । ଇସ୍ରାଏଲ ଚାରିପଟେ ମୁସଲମାନ ରାଷ୍ଟ୍ରଗୁଡିକ ଘେରି ରହିଛନ୍ତି । ଏମାନେ ଧାର୍ମିକ ଓ ଭୌଗଳିକଭାବେ ଇସ୍ରାଏଲର ପ୍ରତିଷ୍ଠାକୁ ଏଯାଏଁ ସ୍ୱୀକାର କରିପାରି ନାହାଁନ୍ତି । ଏମାନଙ୍କ ବିଶ୍ୱାସ ଯେ ଏମାନଙ୍କ ଅଂଚଳରେ ଇସ୍ରାଏଲ ସ୍ଥାପିତ ହୋଇଛି । ଯେଉଁ ଅଂଚଳ ସହିତ ମୁସଲମାନ ମାନଙ୍କ ଐତିହାସିକ, ଧାର୍ମିକ ଓ ସାଂସ୍କୃତିକ ସମ୍ବନ୍ଧ ରହିଛି । ୧୯୪୮ ମସିହାରେ, ୧୯୬୭ ମସିହାରେ ଓ ୧୯୭୩ ମସିହାରେ ଆରବ ଦେଶମାନଙ୍କ ସହିତ ଇସ୍ରାଏଲର ଯୁଦ୍ଧ ହୋଇଛି । ସମବେତ ଆକ୍ରମଣ ସତ୍ତ୍ୱେ ଇସ୍ରାଏଲକୁ ଏମାନେ ପରାସ୍ତ କରିପାରି ନାହାଁନ୍ତି । ଏହାବାଦେ ବିଭିନ୍ନ ସମୟରେ ସୀମିତ ଯୁଦ୍ଧବି ହୋଇଛି । ପରବର୍ତ୍ତୀ ସମୟରେ ବିଭିନ୍ନ ଇସଲାମିକ୍ ଉଗ୍ରବାଦୀ ସଂଗଠନ ଗୁଡିକ ଇସ୍ରାଏଲ ଉପରେ ଗରିଲା ଆକ୍ରମଣ ଜାରି ରଖିଛନ୍ତି । ୧୯୬୭ ମସିହା ଲଢେଇ ପରେ ଇସ୍ରାଏଲ ଜୋର୍ଡାନ ଅଧୀନସ୍ଥ ୱେଷ୍ଟବେଙ୍କର କିଛି ଅଂଚଳ ଓ ଇଜିପ୍ଟ ଅଧୀନସ୍ଥ ଗାଜାପଟିର କିଛି ଅଂଚଳକୁ ଅଧିକାର କରିନେଇଛି । ଇସ୍ରାଏଲର ରାଜଧାନୀ ଜେରୁଜେଲମ୍ ଇହୁଦୀମାନଙ୍କ ଧାର୍ମିକ କେନ୍ଦ୍ର । ଏହା ସହିତ ଏହା ଇସାୟୀ ଓ ମୁସଲମାନମାନଙ୍କ ପାଇଁ ମଧ ଧାର୍ମିକ ଓ ସାଂସ୍କୃତିକ କେନ୍ଦ୍ର ଭାବେ ପରିଚିତ । ଏହା ଅତୀତରେ ପାଲେଷ୍ଟାଇନ ଅଂଚଳର କ୍ଷମତା କେନ୍ଦ୍ର ଥିଲା । ଏମାନେ ସମ୍ପୃକ୍ତ ଅଂଚଳର ପ୍ରାଚୀନ ଜନଗୋଷ୍ଠୀ । ଏମାନଙ୍କ ମଧ୍ୟରୁ ପାଖାପାଖି ଶତକଡା ୯୦ ଭାଗ ହେଉଛନ୍ତି ମୁସଲମାନ । ଜେରୁଜେଲମ ତିନୋଟି ଯାକ ଧର୍ମ ପାଇଁ ପବିତ୍ର ସ୍ଥାନ । ପ୍ରତ୍ୟେକେ ଏହା ଉପରେ ମାଲିକାନା ଜାହିର କରିବାକୁ ଚାହାଁନ୍ତି । ଇସ୍ରାଏଲ ଗଠନ ହେବା ପୂର୍ବରୁ ପାଲେଷ୍ଟାଇନ ଓ ଇସ୍ରାଏଲ ଗୋଟିଏ ଅଂଚଳର ଅନ୍ତର୍ଭୁକ୍ତ ଥିଲା । ଏହା ପୂର୍ବ ଭୂମଧ୍ୟସାଗରୀୟ ତଟବର୍ତ୍ତୀ ଅଂଚଳ । ଇହୁଦୀ ଓ ପାଲେଷ୍ଟାଇନ ମାନେ ସମଗ୍ର ଅଂଚଳରେ ବିକ୍ଷିପ୍ତ ଭାବେ ବସବାସ କରୁଥିଲେ । ମଧ ଅଂଚଳକୁ ନେଇ ଇସ୍ରାଏଲ ଗଠିତ ହେଲା । ଫଳରେ କିଛି ପାଲେଷ୍ଟାଇନ ପୂର୍ବକୁ ଓ କିଛି ପଶ୍ଚିମକୁ ବିତାଡିତ ହେଲେ । କିଛି ଇସ୍ରାଏଲରେ ରହିଗଲେ । ମଧ ଭାଗକୁ ଛାଡିଦେଲେ ପାଲେଷ୍ଟାଇନ ବସବାସ କରୁଥିବା ଅଂଚଳ ଦୁଇ ଭାଗରେ ବିଭକ୍ତ ହୋଇଯାଇଛି । ଠିକ ପୂର୍ବ ପାକିସ୍ଥାନ ଓ ପଶ୍ଚିମ ପାକିସ୍ଥାନ ପରି । ମଝିରେ ରହିଛି ଇସ୍ରାଏଲ । ପୂର୍ବରେ ୱେଷ୍ଟବେଙ୍କ (ପଶ୍ଚିମତଟ) ଓ ପଶ୍ଚିମରେ ଗାଜାଷ୍ଟ୍ରିପ୍ (ଗାଜାପଟି) । ୧୯୮୮ ମସିହାରେ ପାଲେଷ୍ଟାଇନ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଲା । ବର୍ତ୍ତମାନ ଏଠାରେ ଏକ ଧର୍ମନିରପେକ୍ଷ ସରକାର ଚାଲିଛି । କିନ୍ତୁ ଏହି ସରକାରର ନିୟନ୍ତ୍ରଣରେ କେବଳ ୱେଷ୍ଟବେଙ୍କ ରହିଛି । ଅନ୍ୟ ପକ୍ଷରେ ଗାଜା ଉଗ୍ରବାଦୀ ସଂଗଠନ ହାମାସର ନିମନ୍ତ୍ରଣରେ ରହିଛି । ଏଠାରେ ଏମାନେ ଏକପ୍ରକାର ସମାନ୍ତରାଳ ସରକାର ଚଳାଇଛନ୍ତି । ବିଗତ କେଇ ଦଶକରେ ମଧ୍ୟପ୍ରାଚ୍ୟ ଓ ଏହାର ସଂଲଗ୍ନ ପଶ୍ଚିମ ଏସିଆରେ ଅନେକ ଇସଲାମୀୟ ଉଗ୍ରବାଦୀ ସଂଗଠନ ଜନ୍ମ ନେଇଛି । ହାମାସ ଏମାନଙ୍କ ମଧ୍ୟରେ ଅନ୍ୟତମ । ଏମାନେ ଇସଲାମୀୟ ରେଜିଷ୍ଟାନ୍ସ ମୁଭମେଂଟ ଭାବେ ପରିଚିତ, ଯେଉଁମାନଙ୍କ ଲକ୍ଷ୍ୟ ମୁସଲମାନ ମାନଙ୍କ ସ୍ୱାର୍ଥ ରକ୍ଷା । ଇସ୍ରାଏଲ ପ୍ରତି ଏମାନଙ୍କ ମଧ ଉଗ୍ର ମନୋଭାବ ରହିଛି । ଅନ୍ୟପକ୍ଷରେ ଇସ୍ରାଏଲ ତାର ସୈନିକ ଶକ୍ତି ମଜଭୂତ କରିବା ଉପରେ ବିଶ୍ୱାସ ରଖୁଛି । ଏହା ପଛରେ ଯୁକ୍ତି ମଧ ରହିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ତାଙ୍କ ଉପରେ ହୋଇଥିବା ବର୍ବରତାକୁ ଇହୁଦୀ ମାନେ ଏଯାଏଁ ଭୁଲି ନାହାଁନ୍ତି । ଜର୍ମାନୀରେ ସେମାନେ କିପରି ଗ୍ୟାସ ଚାମ୍ବର



ଭିତରେ ଗଣହତ୍ୟାର ଶୀକାର ହୋଇ ଥିଲେ ତାହାର ଲୋମହର୍ଷଣକାରୀ କାହାଣୀ ଏବେବି ସତେଜ ଅଛି । ଏହା ଛଡ଼ା ଇସ୍ରାଏଲ ଚାରିପଟେ ମୁସଲମାନ ରାଷ୍ଟ୍ରମାନେ ଘେରି ରହିଛନ୍ତି । ଏମାନେ ସମସ୍ତେ ମିଳିତଭାବେ ଆକ୍ରମଣ କରିବାର ସମ୍ଭାବନା ରହିଛି । ଅତୀତରେ ଏପରି ପରିସ୍ଥିତି ଉପୁଜି ସାରିଛି । ଏହା ସହିତ ପୋଡେଶୀ ଅଂଚଳରେ ଇସଲାମିକ୍ ଉଗ୍ରବାଦୀଙ୍କ କାର୍ଯ୍ୟକଳାପ ବଢ଼ି ଚାଲିଛି । ଯେଉଁମାନଙ୍କ ନିକଟତମ ଟାର୍ଗେଟ ହେଉଛି ଇସ୍ରାଏଲ । ଏପରି ପରିସ୍ଥିତିରେ ଇସ୍ରାଏଲ ନିଜ ସୁରକ୍ଷା ପାଇଁ ଚିନ୍ତିତ ହେବା ସ୍ୱାଭାବିକ । ଅତୀତରେ ସମସ୍ତ ମୁସଲମାନ ଦେଶ ଇସ୍ରାଏଲ ବିରୋଧରେ କଡା ମନ୍ତବ୍ୟ ଦେଇଛନ୍ତି ଓ ଏବେ ମଧ୍ୟ ଦେଉଛନ୍ତି । ତେଣୁ ଇସ୍ରାଏଲ ତାର ସୁରକ୍ଷା ପାଇଁ ସର୍ବଦା ଚିନ୍ତିତ । ତେବେ ଇସ୍ରାଏଲର ସାମ୍ରାଜ୍ୟବାଦୀ ମନୋଭାବ ପରିସ୍ଥିତିକୁ ଅଧିକ ଜଟିଳ କରିଛି । ଇସ୍ରାଏଲ ୱେଷ୍ଟବେଙ୍କ ଓ ଗାଜାପଟିର ଅନେକ ଅଂଚଳକୁ ଅଧିକାର କରି ନିଜ କବଜାରେ ରଖିଛି । ପାଲେଷ୍ଟାଇନ ଗଠନ ହେବା ପରେ ଏହି ଅଂଚଳ ପାଲେଷ୍ଟାଇନର ଅଧୀନକୁ ଆସିଛି । ସିଦ୍ଧାନ୍ତିକ ଭାବେ ପଶ୍ଚିମ ଜେରୁଜେଲମ ଇସ୍ରାଏଲର ରାଜଧାନୀ ହୋଇ ଥିଲେ ହେଁ ଏହା ପୂର୍ବ ଜେରୁଜେଲମକୁ ଅଧିକାର କରିନେଇ ନିଜ ରାଜଧାନୀର ଅନ୍ତର୍ଗତ କରିଛି । ଅଧିକୃତ ସମସ୍ତ ଅଂଚଳରେ ନିଜର ଆଧିପତ୍ୟକୁ ଜାହିର କରି ଚାଲିଛି । ଅଧିକୃତ ଅଂଚଳରେ ଦମନଲୀଳା ମଧ ଚଳାଇଛି । ଅଧିକୃତ ଅଂଚଳରୁ ଅନେକ ପାଲେଷ୍ଟାଇନ ନାଗରିକଙ୍କୁ ରାଷ୍ଟ୍ରଦ୍ରୋହ ଅଭିଯୋଗରେ ଗିରଫ କରି ଜେଲରେ ରଖିଛି । ଅନେକଙ୍କ ବିରୁଦ୍ଧରେ ଅଭିଯୋଗ ଅମୂଳକ ଓ ଅଭିସନ୍ଧିଯୁକ୍ତ । ବିନା ବିଚାରରେ ଏମାନଙ୍କୁ ଦୀର୍ଘକାଳ ବନ୍ଦିକରି ରଖା ଯାଇଛି । ଆଉ କେତେକଙ୍କୁ ବିନା ଅନୁମତିରେ ସମ୍ପୃକ୍ତ ଅଂଚଳକୁ ପ୍ରବେଶ ଅଭିଯୋଗରେ ଗିରଫ କରାଯାଇଛି । ପୁଣି ଇସ୍ରାଏଲର ଏକତରଫା ନିୟମ ଅସନ୍ତୋଷର ଅନ୍ୟତମ କାରଣ । ୧୯୪୮ ମସିହାରେ ଯେଉଁମାନେ ଇସ୍ରାଏଲ ଛାଡି ପଳାଇଥିଲେ ସେମାନଙ୍କ ମଧ୍ୟରୁ କେବଳ ଇହୁଦୀମାନଙ୍କୁ ନାଗରୀକତ୍ୱ ପ୍ରଦାନ କରାଯାଉଛି । ଭିନ୍ନ ଧର୍ମାବଲମ୍ବୀଙ୍କୁ ଏସୁବିଧା ଦିଆଯାଉ ନାହିଁ । ଦୁଇବର୍ଷ ତଳେ ହଠାତ୍ ହାମାସ ଇସ୍ରାଏଲ ଉପରେ ଅତର୍କିତ ଆକ୍ରମଣ କଲା । ସୀମା ଅତିକ୍ରମ କରି ଅନେକ ଇସ୍ରାଏଲୀଙ୍କୁ ହତ୍ୟା କରିବା ସହିତ ଅନେକଙ୍କୁ ପଣବନ୍ଦୀ କଲା । ପଣବନ୍ଦି ରଖିଥିବା ଇସ୍ରାଏଲୀଙ୍କ ସଂଖ୍ୟା ପ୍ରାୟ ୨୦୦ ରୁ ୨୫୦ ମଧ୍ୟରେ । ହାମାସ ମୁଖ୍ୟ ଦାବୀ ହେଉଛି ଇସ୍ରାଏଲର ବିଭିନ୍ନ ଜେଲରେ ପ୍ରାୟ ୬୦୦୦ ପାଲେଷ୍ଟାଇନ ବନ୍ଦି ଅଛନ୍ତି, ତାଙ୍କୁ ମୁକ୍ତ କରିବା । ଇସ୍ରାଏଲ ହାମାସର ଦାବୀକୁ କର୍ଣ୍ଣପାତ କରିନାହିଁ । ଏହା ନିଜ ସାର୍ବଭୌମତ୍ୱ ଉପରେ ଆକ୍ରମଣ କହି ପ୍ରତିଆକ୍ରମଣ ଆରମ୍ଭ କରିଛି । ଇସ୍ରାଏଲ ରକ୍ତମୁଖା ହୋଇଯାଇ ହାମାସ ଉପରେ ଆକ୍ରମଣ ଜାରି ରଖିଛି । ଏହି କ୍ରମରେ ବମ୍ ପକାଇ ଗାଜାପଟିକୁ ଧ୍ୱସ୍ତବିଧ୍ୱସ୍ତ କରି ସାରିଲାଣି । କୋଉ ଜାଗା ଛାଡୁ ନାହିଁ । ଭୂମିଗତ ଯୁଦ୍ଧ ମଧ୍ୟ ଆରମ୍ଭ ହୋଇଛି । ଇସ୍ରାଏଲ ଅନେକ ଅଂଚଳକୁ ଦଖଲ କରି ନେଇଛି । ଅନେକ ଉଗ୍ରବାଦୀ ଓ ସାଧାରଣ ଜନତା ମୃତ୍ୟୁବରଣ କରିଛନ୍ତି । ନିଜର ଅନେକ ପଣବନ୍ଦୀଙ୍କୁ ମୁକୁଳାଇବାର ସକ୍ଷମ ହୋଇଛି । କୁହାଯାଉଛି ଅନବରତ ଆକ୍ରମଣ ଯୋଗୁଁ ହାମାସର ମେରୁଦଣ୍ଡ ଭାଙ୍ଗି ଯାଇଛି । ସାମୟିକଭାବେ ଚାଲି ଆସିଥିବା ମଧ୍ୟପ୍ରାଚ୍ୟ ଯୁଦ୍ଧରେ କିଛିଟା ବିରାମ ଲାଗିଛି । ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ ବନ୍ଦ ରଖିଛନ୍ତି, କିନ୍ତୁ ଇରାନ ଲେବାନନ ସ୍ଥିତ ହେଜବୁଲ୍ଲା ଘାଟି ଉପରେ ଆକ୍ରମଣ ଜାରି ରଖିଛି । ହେଜବୁଲ୍ଲା ଅନ୍ୟ ଏକ ଇସଲାମିକ୍ ଉଗ୍ରବାଦୀ ସଂଗଠନ । ଇରାନ ଏମାନଙ୍କୁ ସୈନିକ ସହାୟତା ଦେଇ ଆସିଛି । ଦୀର୍ଘବର୍ଷ ହେଲା ଏମାନଙ୍କ ସହିତ ଇସ୍ରାଏଲର ଲଢ଼େଇ ଚାଲିଛି । ପ୍ରାୟତଃ ସମସ୍ତ ମଧ୍ୟପ୍ରାଚ୍ୟ ମୁସଲମାନ ଦେଶ ଏଯାଏଁ ଇସ୍ରାଏଲକୁ ଏକ ସାର୍ବଭୌମ ରାଷ୍ଟ୍ରଭାବେ ସ୍ୱୀକୃତି ଦେଇନାହାଁନ୍ତି । ଅନ୍ୟପକ୍ଷରେ ଇସ୍ରାଏଲ ମଧ ପାଲେଷ୍ଟାଇନକୁ ଏକ ସ୍ୱାଧୀନ ସାର୍ବଭୌମ ରାଷ୍ଟ୍ରଭାବେ ସ୍ୱୀକୃତି ଦେଉ ନାହିଁ । ଇସ୍ରାଏଲ ଚାହୁଁଛି କୌଣସି ମଧ୍ୟପ୍ରାଚ୍ୟ ଦେଶ ତାକୁ ମୁକାବିଲା କଲାଭଳି ଶକ୍ତିଶାଳୀ ନହେଉ । ଇଉନାଇଟେଡ୍ ଆରବ ଏମିରେଟସ୍ ଯୁକ୍ତରାଷ୍ଟ୍ର ଆମେରିକାର ଗଡାଣିଆ । ଏହି ଦେଶମାନଙ୍କରେ ଆମେରିକାର ଯୁଦ୍ଧଘାଟି ରହିଛି । ତେଣୁ ଏମାନଙ୍କ ତରଫରୁ ଇସ୍ରାଏଲ ପ୍ରତି ବିପଦ ନାହିଁ । ଅନ୍ୟଦେଶ ମାନେ ମୁକାବଲା କରିବା ଅବସ୍ଥାରେ ନାହାଁନ୍ତି । ଇରାକରେ ଆମେରିକାର ବୋଲକରା ସରକାର ଚାଲିଛି । କେବଳ ଇରାନ ଏ ଅଂଚଳରେ ଶକ୍ତିଶାଳୀ ରାଷ୍ଟ୍ରଭାବେ ମୁଣ୍ଡ ଟେକୁଛି, ଯାହା ଇସ୍ରାଏଲ ଚାହୁଁନାହିଁ । ଇସ୍ରାଏଲର ଇରାନ ସହିତ ସୀମା ସଂଯୋଗ ନାହିଁ । ଭବିଷ୍ୟତରେ ଇରାନ ଇସ୍ରାଏଲକୁ ଆକ୍ରମଣ କରି ଧ୍ୱଂସ କରିଦେବା ଭୟରେ ଏ ଆକ୍ରମଣ ହୋଇଛି । ଇରାନ ଉପରେ ଆଣବିକ ଅସ୍ତ୍ର ତିଆରି କରୁଥିବାର ଅଭିଯୋଗ ଆସିଛି । ଏହାରି ଆଳରେ ଇସ୍ରାଏଲ ଯୁକ୍ତରାଷ୍ଟ୍ର ଆମେରିକାକୁ ଯୁଦ୍ଧରେ ସାମିଲ କରାଇଛି । ନାଟୋ ଦେଶ ଗୁଡିକ ଯୁଦ୍ଧରେ ସିଧାସଳଖ ସାମିଲ ହୋଇନଥିଲେ ହେଁ ଇସ୍ରାଏଲର ଆଭିମୁଖ୍ୟ ପ୍ରତି ତାଙ୍କ ସମର୍ଥନ ରହିଛି । ଇସ୍ରାଏଲ ପ୍ରତି ଏମାନଙ୍କ କୋହଳ ମନୋଭାବ ରହିଛି । ଚୀନ ଓ ରୁଷିଆ ଇରାନକୁ ସମର୍ଥନ କରୁଥିଲେହେଁ ପ୍ରତ୍ୟକ୍ଷ ଯୁଦ୍ଧକୁ ଓହ୍ଲାଇ ନାହାଁନ୍ତି । ପରୋକ୍ଷ ସୈନିକ ସହାୟତା ଯୋଗାଉ ଥିବାର ଅଭିଯୋଗ ହେଉଛି । ଭାରତବର୍ଷ ଚତୁରତାର ସହିତ ଏହି ବିବାଦ ଠାରୁ ନିଜକୁ ଦୂରେଇ ରଖିଛି । ତେବେ ବିବାଦର ସ୍ଥାୟୀ ସମାଧାନ ପାଇଁ ଭାରତ ମଧ୍ୟସ୍ଥିର ଭୂମିକାରେ ଅବତୀର୍ଣ୍ଣ ହେବା ଉଚିତ୍ । ଏହା ବିଶ୍ୱରେ ଆମ ପ୍ରତିଷ୍ଠାକୁ ଆହୁରି ମଜଭୂତ କରିବ । ଇରାନ ସହିତ ଭାରତର ପ୍ରାଚୀନ ସମ୍ବନ୍ଧ ରହିଛି । ଇସ୍ରାଏଲକୁ ଆମ ପ୍ରଧାନମନ୍ତ୍ରୀ ପିତୃଭୂମି ବୋଲି କହିଛନ୍ତି । ସମସ୍ୟାର ସ୍ଥାୟୀ ସମାଧାନ ଜରୁରୀ । ଏଥିପାଇଁ ୧୯୪୮ ମସିହାରେ ଇସ୍ରାଏଲ ପାଇଁ ଯେଉଁ ସୀମାରେଖା ନିର୍ଦ୍ଧାରଣ ହୋଇଥିଲା ତାହାର ଉଲ୍ଲଙ୍ଘନ ହୋଇଛି କି ନାହିଁ ତାହାର ସଠିକ ଅନୁଧ୍ୟାନ ହେଉ । ସେ ତାର ରାଷ୍ଟ୍ରସତାକୁ ନିଜ ସୀମା ମଧ୍ୟରେ ସୀମିତ ରଖୁ ଓ ପାଲେଷ୍ଟାଇନକୁ ଏକ ସାର୍ବଭୌମ ରାଷ୍ଟ୍ରଭାବେ ସ୍ୱୀକୃତି ଦେଉ । ବଦଳରେ ଇସଲାମୀୟ ରାଷ୍ଟ୍ରମାନେ ଇସ୍ରାଏଲକୁ ଏକ ସାର୍ବଭୌମ ରାଷ୍ଟ୍ରଭାବେ ସ୍ୱୀକୃତି ଦିଅନ୍ତୁ । ୱେଷ୍ଟବେଙ୍କ ଓ ଗାଜାପଟିର ଯେଉଁ ଅଂଚଳକୁ ଇସ୍ରାଏଲ ଅଧିକାର କରି ରଖିଛି, ତାହାର ସ୍ଥାୟୀ ସମାଧାନ ହେଉ । ହାମାସ ଓ ହେଜବୁଲ୍ଲା ପରି ଉଗ୍ରବାଦୀ ସଂଗଠନଗୁଡିକୁ ନିୟନ୍ତ୍ରଣ କରାଯାଉ । ଉଭୟ ଇସ୍ରାଏଲ ଓ ଇରାନକୁ ଆଣବିକ ଅସ୍ତ୍ରଶସ୍ତ୍ର ଶୂନ୍ୟ କରାଯାଉ । ଉଗ୍ରବାଦୀ ସଂଗଠନ ଯେଉଁପରି ବୃଦ୍ଧି ପାଉଛି, ତାହା ବିଶ୍ୱଶାନ୍ତି ପାଇଁ ବିପଦ ସୃଷ୍ଟି କରୁଛି । ଏମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ମିଳିତ ପଦକ୍ଷେପ ନିଆଯାଉ । ଇସ୍ରାଏଲ ମଧ ସାମ୍ରାଜ୍ୟବାଦୀ ଆଭିମୁଖ୍ୟ ଛାଡୁ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଉପରେ ଗୁରୁତ୍ୱ ଦେଉ । ଯୁକ୍ତରାଷ୍ଟ୍ର ଆମେରିକା ନିରପେକ୍ଷ ରହି ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ସୂତ୍ର ବାହାର କରୁ ।

*ଦର୍ଶନ ବିଭାଗ (ଅବସରପ୍ରାପ୍ତ)*
*ବାରିପଦା, ମୟୂରଭଞ୍ଜ,*
*ମୋ. ୭୦୦୮୯୭୬୧୮୦*

# ଓଡ଼ିଶାର ସାମ୍ପ୍ରତିକ ସ୍ଥିତି : ସମ୍ଭାବନା, ସଂକଟ ଓ ନବଗଠନର ଆହ୍ୱାନ





◆ସୌଭାଗ୍ୟ ରଂଜନ ମହାନ୍ତି (ରାଜା)

ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ଓଡିଶା ଆଜି ଏଭଳି ଏକ ସନ୍ଧିକ୍ଷଣରେ ଉପନୀତ, ଯେଉଁଠି ପୁରାତନ ଗୌରବର ସ୍ମୃତି ଏବଂ ଆଧୁନିକ ପ୍ରଗତିର ଆକାଂକ୍ଷା ମଧ୍ୟରେ ଏକ ଅଦୃଶ୍ୟ ଦ୍ୱନ୍ଦ ଚାଲିଛି । ବର୍ତମାନର ସାମାଜିକ-ରାଜନୈତିକ ଏବ ଅର୍ଥନୈତିକ ପରିଦୃଶ୍ୟକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଜଣାପଡେ ଯେ ରାଜ୍ୟ ଏକ ବଡ ଧରଣର ରୂପାନ୍ତରଣ ପ୍ରକ୍ରିୟା ଦେଇ ଗତି କରୁଛି, ଯେଉଁଠାରେ ସଫଳତାର ଚମକ ଯେତିକି ରହିଛି, ଅସମାହିତ ସମସ୍ୟାର ଅନ୍ଧକାର ମଧ ସେତିକି ଗଭୀର । ଶିଳ୍ପାୟନ, ଭିତିଭୂମିର ବିକାଶ ଏବଂ ବୈଷୟିକ ପ୍ରଗତି କ୍ଷେତ୍ରରେ ଓଡିଶା ଲମ୍ଫା ଡେଇଁଥିଲେ ହେଁ, ମୌଳିକ ସାମାଜିକ ସୂଚକାଙ୍କ, ଗ୍ରାମୀଣ ଅର୍ଥନୀତି ଏବଂ ଆଂଚଳିକ ଅସ୍ମିତାର ସୁରକ୍ଷା ଭଳି ପ୍ରସଙ୍ଗଗୁଡିକ ଆଜି ବି ପ୍ରଶ୍ନବାଚୀ ସୃଷ୍ଟି କରୁଛନ୍ତି । ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ଯଦି ଆମେ ଆଲୋଚନାର ପରିସରକୁ ନେବା, ତେବେ ଖଣି ଓ ମେଟାଲ୍ କ୍ଷେତ୍ରରେ ଓଡିଶା ଏକ ବିଶ୍ୱସ୍ତରୀୟ ହବ୍ ଭାବେ ଉଭା ହୋଇଛି ଏବଂ ବୃହତ୍ ପୁିନିବେଶକୁ ଆକର୍ଷିତ କରିବାରେ ସଫଳ ହୋଇଛି, ମାତ୍ର ଏହି ପୁି-କେନ୍ଦ୍ରିକ ଶିଳ୍ପାୟନ ରାଜ୍ୟର ବେକାରୀ ସମସ୍ୟାର ସ୍ଥାୟୀ ସମାଧାନ କରିବାରେ ସମ୍ପୂର୍ଣ୍ଣ ସମର୍ଥ ହୋଇନାହିଁ, ଯେଉଁଥିପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରମିକ ଓ ମେଧାବୀ ଯୁବକଯୁବତୀ ଦାଦନ ଖଟିବାକୁ ବା ବୃତିଗତ ସୁଯୋଗ ସନ୍ଧାନରେ ବାହାର ରାଜ୍ୟକୁ ପଳାୟନ କରୁଛନ୍ତି, ଯାହା ମାନବ ସମ୍ବଳର ଅପଚୟକୁ ଦର୍ଶାଉଛି । କୃଷି କ୍ଷେତ୍ରର ସ୍ଥିତି ମଧ ବିଶେଷ ଆଶାଜନକ ନୁହେଁ, କାରଣ ରାଜ୍ୟର ଶତକଡା ଷାଠିଏରୁ ଅଧିକ ଜନସଂଖ୍ୟା ଜୀବିକା ପାଇଁ କୃଷି ଉପରେ ନିର୍ଭର କରୁଥିଲେ ହେଁ ଜଳସେଚନର ଅଭାବ, ଶୀତଳ ଭଣ୍ଡାର ଅସମକ୍ଷିତ ବ୍ୟବସ୍ଥା, ବଜାର ସଂଯୋଗୀକରଣର ଅଭାବ ଏବଂ ଅଦିନିଆ ବର୍ଷା ବା ବତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟାୟ ଚାଷୀକୁ ସର୍ବଦା ଋଣବୋଝ ଓ ମାନସିକ ଚାପ ମଧ୍ୟକୁ ଠେଲି ଦେଉଛି, ଯାହାର ପରିଣାମସ୍ୱରୁପ ଗ୍ରାମୀଣ ଅର୍ଥନୀତି ସଙ୍କୁଚିତ ହେବାରେ ଲାଗିଛି । ସାମାଜିକ କ୍ଷେତ୍ରକୁ ଦେଖିଲେ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ଅତି ମୌଳିକ ସେବାର ସରକାରୀକରଣ ଓ ଆଧୁନିକୀକରଣ ପାଇଁ ବହୁବିଧ ଯୋଜନା ଓ ଭିତିଭୂମିର ବିକାଶ କରାଯାଉଥିଲେ ସୁଦ୍ଧା, ଗ୍ରାମାଚଂଳ ଓ ଉପାନ୍ତ ଅଂଚଳରେ ଡାକ୍ତର ଓ ଶିକ୍ଷକମାନଙ୍କର ସ୍ଥାୟୀ ଅଭାବ କାରଣରୁ ଗରିବ ଲୋକେ ଉପଯୁକ୍ତ ସେବାରୁ ବଂଚିତ ହେଉଛନ୍ତି ଏବଂ ବିଭିନ୍ନ ସମୟରେ ଘଟୁଥିବା ଚିକିତ୍ସାଳୟର ଅଘଟଣ ବା ପ୍ରଶାସନିକ ଅବହେଳା ଜନସାଧାରଣଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବଡ ପ୍ରଶ୍ନଚିହ୍ନ ଲଗାଉଛି । ରାଜନୈତିକ ବାତାବରଣରେ ମଧ ଏକ ବ୍ୟାପକ ପରିବର୍ତନ ପରିଲକ୍ଷିତ ହେଉଛି, ଯେଉଁଠାରେ ବହୁବର୍ଷର ସ୍ଥିରତା ପରେ ଏବେ ଏକ ନୂତନ ପ୍ରତିଯୋଗିତାମୂଳକ ଓ ଜଟିଳ ରାଜନୀତିର ସୂତ୍ରପାତ ହୋଇଛି, ଯେଉଁଥିରେ ଶାସନଗତ ସ୍ୱଚ୍ଛତା, ଗଣତାନ୍ତ୍ରୀକ ସ୍ୱଚ୍ଛତା, ଗଣତାନ୍ତ୍ରୀକ ମୂଲ୍ୟବୋଧ ଏବଂ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ଭାଗିଦାରୀକୁ ନେଇ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି, କିନ୍ତୁ ଏହି ପ୍ରକ୍ରିୟାରେ ଅନେକ ସମୟରେ ଅମଲାତନ୍ତ୍ରର ଅତ୍ୟଧିକ ପ୍ରଭାବ ଗଣତାନ୍ତ୍ରୀକ ବିକେନ୍ଦ୍ରୀକରଣକୁ ଦୁର୍ବଳ କରୁଥିବା ଅଭିଯୋଗ ହେଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି 'ଓଡିଆ ଅସ୍ମିତା' ବା ଆଂଚଳିକ ପରିଚୟକୁ ସୁରକ୍ଷା, କାରଣ ବର୍ତମାନର ଜଗତୀକରଣ ଏବଂ ସାଂସ୍କୃତିକ ଆକ୍ରମଣ ମଧ୍ୟରେ ଓଡିଆ ଭାଷାର ପ୍ରୟୋଗ ଶାସନ ଓ ଶିକ୍ଷା କ୍ଷେତ୍ରରେ ଆଶାନୁରୂପ ଭାବେ ବୃଦ୍ଧି ପାଇପାରିନାହିଁ, ଯାହା ଫଳରେ ଯୁବପିଢି ନିଜର ସାହିତ୍ୟିକ ଓ ଐତିହାସିକ ଚେରଠାରୁ ଦୂରେଇ ଯାଉଛନ୍ତି । ବିଭିନ୍ନ ଜିଲ୍ଲା ଯଥା କଟକ, କେନ୍ଦୁଝର କିମ୍ବା ପଶ୍ଚିମ ଓ ଦକ୍ଷିଣ ଓଡିଶାର ବିଭିନ୍ନ ପ୍ରାନ୍ତରେ ଘଟୁଥିବା ସ୍ଥାନୀୟ ସମସ୍ୟା ଓ ଦୁର୍ଘଟଣାଗୁଡିକ ପ୍ରଶାସନିକ ଜବାବଦେହିତାର ଶିଥିଳତାକୁ ପଦାରେ ପକାଉଛି ଏବଂ ବିକାଶର ପ୍ରକ୍ରିୟା କେବଳ କେତେକ ନିର୍ଦ୍ଦିଷ୍ଟ ସହରାଚଂଳରେ ସୀମିତ ନରହି କିପରି ସମଗ୍ର ରାଜ୍ୟରେ ସମାନ ଭାବେ ବଂଟନ ହୋଇପାରିବ, ତାହା ବର୍ତମାନର ସବୁଠାରୁ ବଡ ଦାବି ହୋଇଛି । ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଏହି ପ୍ରଦେଶରେ ଜଳ, ଜଙ୍ଗଲ, ଜମି ଓ ଖଣିଜ ଦ୍ରବ୍ୟର ମାତ୍ରାଧିକ ଦୋହନ ପରିବେଶୀୟ ସନ୍ତୁଳନ ବିଗାଡୁଥିବାବେଳେ ଜଳବାୟୁ ପରିବର୍ତନର ପ୍ରଭାବ ସ୍ୱରୁପ ବାରମ୍ବାର ଗ୍ରୀଷ୍ମ ପ୍ରବାହ ଓ ବନ୍ୟା-ବାତ୍ୟାର ପ୍ରକୋପ ଓଡିଶାର ଅର୍ଥନୀତିକୁ ପଛକୁ ଟାଣୁଛି । ଏହି ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଓଡିଶାର ଯୁବ ସମାଜ ମଧ୍ୟରେ ବୈଜ୍ଞାନିକ ଗବେଷଣା ଷ୍ଟାର୍ଟ-ଅପ୍ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଗକୁ ବଢିବାର ଏକ ସକାରାତ୍ମକ ପ୍ରବୃତି ଦେଖାଦେଇଛି, ଯାହାକୁ ସରକାରୀ ଓ ବେସରକାରୀ ସ୍ତରରେ ଉପଯୁକ୍ତ ମାର୍ଗଦର୍ଶନ ଓ ପୃଷ୍ଠପୋଷକତା ଯୋଗାଇଦେଲେ ଓଡିଶା କେବଳ ଶ୍ରମିକ ଯୋଗାଣକାରୀ ରାଜ୍ୟ ନୁହେଁ, ବରଂ ଜ୍ଞାନଭିତିକ ଅର୍ଥନୀତିରେ ଏକ ପ୍ରମୁଖ କେନ୍ଦ୍ର ପାଲଟିପାରିବ । ଭୁବନେଶ୍ୱର ଭଳି ପ୍ରଗତିଶୀଳ ସହରର କଳେବର ବୃଦ୍ଧି ପାଉଥିବା ସମୟରେ ଆମକୁ ମନେ ରଖିବାକୁ ହେବ ଯେ, ପ୍ରକୃତ ଓଡିଶା ତାର ଗାଁଗୁଡିକରେ ବାସ କରେ ଏବଂ ସେହି ଗ୍ରାମୀଣ ଜନଜୀବନର କ୍ରୟଶକ୍ତି, ସ୍ୱାସ୍ଥ୍ୟ ସୁରକ୍ଷା ଓ ଶିକ୍ଷାର ସ୍ତର ଉନ୍ନତ ନହେବା ପର୍ଯ୍ୟନ୍ତ କୌଣସି ବିକାଶକୁ ସର୍ବାଙ୍ଗୀନ ବୋଲି କୁହାଯାଇ ପାରିବ ନାହିଁ । ବର୍ତମାନର ସାମଗ୍ରିକ ସ୍ଥିତିକୁ ସୁଧାରିବା ପାଇଁ ହେଲେ ରାଜନୈତିକ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଉଠି ଓଡିଶାର ସ୍ୱାର୍ଥ, ଭାଷା, ସଂସ୍କୃତି ଓ ଜନସାଧାରଣଙ୍କ ସ୍ୱାଭିମାନକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ହେବ, ଯେଉଁଥିରେ ପ୍ରଶାସନିକ ସ୍ୱଚ୍ଛତା, ଦୁର୍ନୀତିମୁକ୍ତ ବ୍ୟବସ୍ଥା ଏବଂ ନିମ୍ନ ସ୍ତରରୁ ନେତୃତ୍ୱ ସୃଷ୍ଟି କରିବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଡିବ । ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ଓଡିଶା ଗଠନ ପାଇଁ ସରକାର, ବିରୋଧୀ ଦଳ, ସାମାଜିକ ସଂଗଠନ ଏବଂ ପ୍ରତ୍ୟେକ ନାଗରିକଙ୍କ ସମ୍ମିଳିତ ପ୍ରୟାସ ହିଁ ଏକମାତ୍ର ବିକଳ୍ପ, ଯାହା ଆଗାମୀ ଦିନରେ ଓଡିଶାକୁ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ କରିପାରିବ ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/*
*୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋ-୯୪୩୭୯୯୪୩୭୯*







# ନୂଆପଡ଼ା ଜିଲ୍ଲାରେ ଆରମ୍ଭ ହେଲା ରବି ଧାନ ମଣ୍ଡି



ନୂଆପଡ଼ା : (ନି.ପ୍ର) ନିୟନ୍ତ୍ରିତ ବଜାର କମିଟି ଖରିଆର ରୋଡ ତରଫରୁ ଆଜି ଠାରୁ ନୂଆପଡ଼ା ଜିଲ୍ଲାରେ ରବି ଧାନ କ୍ରୟ ର ଶୁଭାରମ୍ଭ କରା ଯାଇଛି । ଖଡ଼ିଆଳ ଉପ ବଜାର ପ୍ରାଙ୍ଗଣରେ ଏନେଇ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ,ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ସରପଂଚ ଶୁବାଶିନି ପାନ, ଜିଲ୍ଲା ପେକ୍ସ ସଭାପତି ଗୋପୀନାଥ ରାଉତରାଏ ପ୍ରମୁଖ ଯୋଗଦେଇ ରବି ଧାନ କ୍ରୟ ପାଇଁ ରହିଥିବା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ ।ଚଳିତ ବର୍ଷ ରବି ଧାନ ବିକ୍ରୟ ପାଇଁ ୧୯,୩୪୭ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ, ଏହା ଗତ ବର୍ଷ ତୁଳନାରେ ୬,୦୫୦ ଜଣ ଅଧିକ ଓ ପ୍ରାୟ ୪୫ ପ୍ରତିଶତ ବୃଦ୍ଧି ହୋଇଛି । ଏହି ବର୍ଷ ଜିଲ୍ଲାରେ ୨୬ ଟି ପେକ୍ସ ମାଧମରେ ୫୧ ଟି ମଣ୍ଡି ରେ ଧାନ କ୍ରୟ କରାଯିବ ବୋଲି ସୂଚନା ଦିଆ ଯାଇଛି । ରାଜ୍ୟରେ ବରଗଡ଼ ପରେ ନୂଆପଡ଼ା ଜିଲ୍ଲାରେ ମଣ୍ଡି ଆରମ୍ଭ ହୋଇଛି । ଆସନ୍ତା ୨୫ ତାରିଖରୁ ଅନ୍ୟାନ୍ୟ ମଣ୍ଡି ଆରମ୍ଭ ହେବାକୁ ଥିବା ବେଳେ ପ୍ରତ୍ୟେକ ମଣ୍ଡିରେ ସି ସି କ୍ୟାମେରା ସହ ପାନୀୟ ଜଳ ବ୍ୟବସ୍ଥା ଓ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଏବର୍ଷ ସାଢ଼େ ସାତ ଲକ୍ଷ କ୍ୱିଂଟାଲ ଧାନ କ୍ରୟ କରାଯିବାକୁ ଲକ୍ଷ୍ୟ ରହିଥିବା ବେଳେ ସାଢ଼େ ଚାରିଲକ୍ଷ କ୍ୱିଂଟାଲ ପାଇଁ ଟୋକନ୍ ଆସି ସାରିଛି ବୋଲି ବିଧାୟକ କହିଥିଲେ ।ପଡୋଶୀ ଛତିଶଗଡ଼ ରାଜ୍ୟରୁ ଧାନ ନ ଆସିବା ପାଇଁ ଛଅଟି ସ୍ଥାନରେ ସି ସି କ୍ୟାମେରା ସହ ଲୋକ ମୁତୟନ ହେବେ ବୋଲି ଜିଲ୍ଲାପାଳ କହିଛନ୍ତି ।

# ଭୋଟର ତାଲିକା ତୀବ୍ର ସଂଶୋଧନ ଜନିତ ପ୍ରଶାସନ ଓ ରାଜନୈତିକ ଦଳ ବୈଠକ

ଖୋର୍ଦ୍ଧା : ଗତ କାଲି ସ୍ୱତନ୍ତ୍ର ପ୍ରଦକ୍ଷଣ ଭବନ ସମ୍ମିଳନୀ କକ୍ଷ ଭୁବନେଶ୍ୱର ଠାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପରିପ୍ରେକ୍ଷୀରେ ରାଜନୈତିକ ଦଳ ଏବଂ ଜିଲ୍ଲା ପ୍ରଶାସନ ମିଳିତ ବୈଠକ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି କ୍ଷ ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର, ବେଉରା ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଭୁବନେଶ୍ୱର ଶ୍ରୀ ରମେଶ ଚନ୍ଦ୍ର ଜେନା, ଉପଜିଲ୍ଲାପାଳ ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଡେପୁଟି କଲେକ୍ଟର ରଞ୍ଜନ କୁମାର ମହାନ୍ତି, ସଂଗ୍ରାମ କିଶୋର ଜେନା ପ୍ରମୁଖ ଯୋଗ ଦେଇଥିବା



ବେଳେ ରାଜନୈତିକ ଦଳ ମଧରେ ଭାରତୀୟ ଜାତୀୟ କଂଗ୍ରେସ ର ଜିଲ୍ଲା ସାଧାରଣ ସମ୍ପାଦକ ସୌମ୍ୟ ପଟ୍ଟନାୟକ, ବିଜୁ ଜନତା ଦଳ ଖୋର୍ଦ୍ଧା ଜିଲ୍ଲା ସଭାପତି ରାଜେନ୍ଦ୍ର କୁମାର ସାହୁ, ଭାରତୀୟ ଜନତା ପାଟି ଖୋର୍ଦ୍ଧା ଜିଲ୍ଲା ଉପ ସଭାପତି ନରେନ୍ଦ୍ର ବଡ଼ ଜେନା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଭାରତର ନିର୍ବାଚନ କମିଶନ ତା ୦୧,୦୭,୨୦୨୬ କୁ ନୂତନ ଭୋଟର ମାନଙ୍କ ନିମନ୍ତେ ଯୋଗ୍ୟତା ତାରିଖ ରଖିଛନ୍ତି । ଏହି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ କେହି ହେଲେ ଜଣେ ଯୋଗ୍ୟ ଭୋଟର , ଯେପରି ତାଲିକାରୁ ବାଦ ନ ପଡନ୍ତୁ ଏବଂ କେହି ହେଲେ ଜଣେ ଅଯୋଗ୍ୟ ଭୋଟର, ତାଲିକାରେ ନ ରୁହନ୍ତୁ ସଂଶୋଧନର ମୂଳ ଲକ୍ଷ ଅଟେ । ଏହି ସ୍ୱତନ୍ତ୍ର ତୀବ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ଜ୍ୟୋଗ୍ୟତା ତାରିଖ ୦୧, ୦୭ ,୨୦୨୬ ରିଖ ଥିବା ବେଳେ ପ୍ରସ୍ତୁତି ,ତାଲିମ ଓ ପ୍ରିଂଟିଙ୍ଗ ୨୦.୦୫ ,୨୦୨୬ ରୁ ୨୯ ,୦୫ ,୨୦୨୬, ବୁଥ ଲେବଲ ଅଫିସର ଘର ଘର ବୁଲି ତଥ୍ୟ ସଂଗ୍ରହ କରିବା ୩୦, ୦୫, ୨୦୨୬ରୁ ୨୮,୦୬, ୨୦୨୬ , ମତଦାନ କେନ୍ଦ୍ର ସଙ୍ଗତି କରଣ ପାଇଁ ତା ୨୮. ୦୬. ୨୦୨୬ ରିଖ, ଭୋଟର ତାଲିକା ପ୍ରକାଶନ ପାଇଁ ତା ୦୫.୦୬.୨୦୨୬ ରିଖ ,ଆପତି ଅଭିଯୋଗ ଗ୍ରହଣ କାରିବା ନିମନ୍ତେ ତା ୦୫ ୦୭ ୨୦୨୬ ରୁ ୦୪, ୦୮. ୨୦୨୬ ରିଖ ପର୍ଯ୍ୟନ୍ତ, ଆପତି ଅଭିଯୋଗର ସମାଧାନ ନିମନ୍ତେ ୫. ୦୭.୨୦୨୬ ରୁ ୦୨. ୦୯. ୨୦୨୬ ଏବଂ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ ପାଇଁ ତା ୦୬/୦୯/୨୦୨୬ରିଖ ନିର୍ବାଚନ କମିଶନ ପକ୍ଷରୁ ସ୍ଥିର କରାଯାଇ ଅଛି । ସେହି ପରି ଭୋଟର ତାଲିକାରେ ନାମ ଯୋଗ କରିବା ନିମନ୍ତେ ,ନାମ କାଟିବା ନିମନ୍ତେ ଏବଂ ପରିବର୍ତନ ନିମନ୍ତେ ନାଗରିକ ମାନେ ଅନଲାଇନ ଇ. ସି .ଆଇ ନେଟ ବ୍ୟବହାର କରିପାରିବେ । ଏହି ସ୍ୱତନ୍ତ୍ର ଭୋଟର ତାଲିକା ତୀବ୍ର ସାଂଶୋଧନ କାଯ୍ୟକୁ ସମସ୍ତ ରାଜନୈତିକ ଦଳ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ସହଯୋଗ କରି ଖୋର୍ଦ୍ଧା ଜିଲାରେ ଏସ ଆଇ ଆର କାର୍ଯ୍ୟକୁ ତୃଟିଶୁନ୍ୟ କରିବାକୁ ଅଧକ୍ଷ ବୈଠକରେ ରାଜନୈତିକ ନେତୃ ବର୍ଗଙ୍କ ସହାୟତା ଲୋଡ଼ି ଥିଲେ ।

# କୃତି ଛାତ୍ରଛାତ୍ରୀଙ୍କର ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ




କଟକ: (ନି. ପ୍ର.) ସେଂଟ ଜାଭିୟର୍ସ ସି. ବି. ଏସ. ସି, ବାରବାଟୀ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ତାଙ୍କର ସଫଳତା ପାଇଁ ବାରବାଟୀ ସ୍ଥିତ 'ହର୍ସ ଗେଟ ' ଠାରେ ଏକ ଭବ୍ୟ ଉତ୍ସବରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଅଛି । ଏହି ସୁବର୍ଣ୍ଣ ଅବସରରେ ବିଦ୍ୟାଳୟର ଅଧକ୍ଷ ଡଃ ପ୍ରିୟଦର୍ଶୀ ନାୟକ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ କଟକ ସଦର ବିଧାୟକ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦାନ କରିଥିଲେ । ସେଂଟ ଜାଭିୟର୍ସ ବିଦ୍ୟାଳୟ ସମୂହର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡଃ ଜି. ଏସ. ପଟ୍ଟନାୟକ ସମସ୍ତ ଦ୍ୱାଦଶ ଶ୍ରେଣୀ ର ସଫଳ ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କର କୃତିତ୍ୱ ପାଇଁ ଶୁଭକାମନା ଜଣାଇ ସେମାନଙ୍କର ଉନ୍ନତ ଭବିଷ୍ୟତ କାମନା କରିଥିଲେ । ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶତକଡା ୧୦୦% ଛାତ୍ରଛାତ୍ରୀ ଉତର୍ଣ୍ଣ ହେବା ସହ ୪୧ଜଣ ଛାତ୍ରଛାତ୍ରୀ ଶତକଡା ୮୫% ରୁ ଉର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟର ଗୌରବ ରଖିଛନ୍ତି । ବାଣିଜ୍ୟରେ ଶ୍ରେୟା ସାନିଧ୍ଯ ପାତ୍ର ଶତକଡା (୯୫. ୪%), ବିଜ୍ଞାନରେ ସୋନାଲିନ ସାହୁ ଶତକଡା (୯୩.୨%) ନମ୍ବର ରଖିଛନ୍ତି । ଏହି ଅବସରରେ ଅଭିଭାବକ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ ଏହା କେବଳ ଏକ ଅନୁଷ୍ଠାନ ନୁହେଁ, ଏହା ହେଉଛି ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ପରିଶ୍ରମ ସଙ୍କଳ୍ପ ଓ ସଫଳତାର ଉତ୍ସବ ।ପ୍ରିୟ ଛାତ୍ରଛାତ୍ରୀ ମାନେ, ତୁମ୍ଭ ମାନଙ୍କର ଏହି ସଫଳତା ସହଜରେ ଆସିନାହିଁ । ଏହାର ପଛରେ ରହିଛି ଅନେକ ଦିନର ଅଧ୍ୟୟନ, ଅନେକ ରାତ୍ରିର ନିଦ୍ରାହୀନ ପରିଶ୍ରମ ଓ ଅଦତମ ଭବିଷ୍ୟତ କାମନା କରିବା ସହିତ ଅନେକ ହିତ ଉପଦେଶ ଦେଇଥିଲେ ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବେତନଟୀ: (ନି ପ୍ର)ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ନୟାପୁରୁଷୋତମପୁର ଗ୍ରାମ ନିକଟରେ ସୁବର୍ଣ୍ଣରେଖା କେନାଲ ପାର୍ଶ୍ୱରେ ଥିବା ଏକ ଗଛରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ମୃତା ହେଉଛନ୍ତି ସ୍ଥାନୀୟ ନୟାପୁରୁଷୋତମପୁର ଗ୍ରାମର କାଇଲୁ ମାଝୀଙ୍କ ସ୍ତ୍ରୀ କାପୁରା ମାଝୀ (୫୦) । ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ସ୍ୱାମୀ-ସ୍ତ୍ରୀ ମଧରେ କୌଣସି କଥା ନେଇ ବଚସା ହୋଇ ଥିଲା । ଏହା ପରେ କାପୁରା ଘରୁ ବାହାରି ଯାଇ ଆଉ ଫେରି ନ ଥିଲେ । ସୋମବାର ପୂର୍ବାହ୍ନରେ ଘର ପାଖ କେନାଲ ପାର୍ଶ୍ୱରେ ଥିବା ଗଛରୁ ତାଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇ ଥିଲେ । କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସ୍ ?ଆଇ ରତ୍ନାକର ବାରିକ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏ ଘଟଣାରେ ବେତନଟୀ ଥାନାରେ ୨୨ ନମ୍ବର ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ପୁଲିସ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଜାରି ରଖିଛି ।

# ମାନ୍ୟବର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଶିଳାନ୍ୟାସ ଏବଂ ଲୋକାର୍ପିତ

(ଝାରସୁଗୁଡ଼ା) :ବ୍ରଜରାଜନଗର ପୌରପରିଷଦ ଅଂଚଳର ବ୍ୟାପକ ବିକାଶ ପାଇଁ ଓଡ଼ିଶା ସରକାରଙ୍କ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀଙ୍କ କରକମଳରେ ବ୍ରଜରାଜନଗରଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ ଏବଂ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ମନ୍ତ୍ରୀ ବ୍ରଜରାଜନଗର ଠାରେ ବହୁ ପ୍ରତୀକ୍ଷିତ ଅତ୍ୟାଧୁନିକ 'ଅଟଳ ବସ୍ ଷ୍ଟାଣ୍ଡ' ର ଶିଳାନ୍ୟାସ କରିଥିଲେ । ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମର ୨୦୨୩-୨୪ ଯୋଜନା ଅନୁସାରେ ଅନୁମୋଦିତ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ ଦ୍ୱାରା କରାଯିବ । ଏହାର ମୋଟ ନିର୍ମାଣ ବ୍ୟୟ ୩୨.୭୮ କୋଟି ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ୨୦୨୭ ଅଗଷ୍ଟ ସୁଦ୍ଧା କାମ ସମାପ୍ତ କରିବାକୁ ଲକ୍ଷ୍ୟ ରହିଛି । ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗରର ପ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମୋଟ ୨୩.୪୮ କୋଟି ଟଙ୍କା ବିନିମୟରେ ୮୨ ଗୋଟି ନୂତନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯିବା ସହ ୨.୭୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୨ ଗୋଟି ପ୍ରକଳ୍ପର ଲୋକାର୍ପଣ କରାଯାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି । ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଶ୍ୱ ରଞ୍ଜନ ନାୟକ, ଭାରପ୍ରାପ୍ତ ନଗରପାଳ ଶ୍ରୀଯୁକ୍ତ କ୍ରିଷ୍ଣା ଗୋପାଲ ସିତାନୀ, ବ୍ରଜରାଜନଗର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଚନ୍ଦ୍ରମଣି ସ୍ୱାଇଁ, ଏସଡିପିଓ ଚିନ୍ତାମଣି ପ୍ରଧାନ, ହାଉସିଙ୍ଗ ବୋର୍ଡର ଡେପୁଟି ମ୍ୟାନେଜର ସନ୍ତୋଷ କୁମାର ଦଳେଇ ଝାରସୁଗୁଡ଼ା ଜିଲ୍ଲା ଆଂ*ଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ଓଏସ ଆରଟିସିର ଜିଲ୍ଲା ମ୍ୟାନେଜର ଚିନ୍ତା ପାଲ ଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଥିଲେ ଯେ, ପ୍ରସ୍ତାବିତ ବସ୍ ଷ୍ଟାଣ୍ଡଟି ସ୍ଥାନୀୟ ଅଂଚଳର ଭିତିଭୂମି ବିକାଶ କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଂଟ ସାବ୍ୟସ୍ତ ହେବ । ପ୍ରାୟ ୩.୩୦ ଏକର ଜମିରେ ନିର୍ମିତ ହେବାକୁ ଥିବା ଏହି ଆଧୁନିକ ବସ୍ ଷ୍ଟାଣ୍ଡର ମୋଟ ନିର୍ମିତ କ୍ଷେତ୍ରଫଳ ୯୨୧୯.୩୨ ବର୍ଗ ମିଟର ରହିବ । ଏଠାରେ ଯାତ୍ରୀ ଏବଂ ଚାଳକମାନଙ୍କ ସୁବିଧା ନିମନ୍ତେ ସୁବିସ୍ତୃତ ପାର୍କିଂ, ଇଭି ଚାର୍ଜିଂ ଶେଡ୍, ଲିଫ୍ଟ, ସିସିଟିଭି ସୁରକ୍ଷା, ଡର୍ମିଟୋରୀ (ବିଶ୍ରାମ ଗୃହ) ଓ ଫୁଡ୍ କୋର୍ଟ ସମେତ ୧୯ଟି ବିଶ୍ୱସ୍ତରୀୟ ମୌଳିକ ସୁବିଧା ସୁଯୋଗ ଉପଲବ୍ଧ କରାଯିବ । ଏଥିସହିତ ବ୍ରଜରାଜନଗରର ସର୍ବାଙ୍ଗୀନ ବିକାଶ ଆମ ସରକାରଙ୍କର ମୁଖ୍ୟ ସଂକଳ୍ପ । ଆଜି ଯେଉଁ ସବୁ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ ହୋଇଛି, ତାହା କେବଳ ସହରର ଭିତିଭୂମିକୁ ସୁଦୃଢ଼ କରିବ ନାହିଁ, ବରଂ ଏହା ମାଧମରେ ଆମେ ଆମର ସ୍ଥାନୀୟ ଯୁବକମାନଙ୍କ ପାଇଁ ବ୍ୟାପକ ରୋଜଗାରର ସୁଯୋଗ ସୃଷ୍ଟି କରିବାକୁ ଯାଉଛୁ । ନୂତନ ସପିଂ କମ୍ପ୍ଲେକ୍ସ ଏବଂ ଆଧୁନିକ ବଜାର ଭଳି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅର୍ଥନୀତିକୁ ଗତିଶୀଳ କରିବ ଏବଂ ଯୁବପିଢ଼ିଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ କରିବ । ଏହା ସହିତ, ଦିନରାତି ଜାତୀୟ ରାଜପଥରେ ଯାତାୟାତ କରୁଥିବା ଆମ ଗାଡ଼ି ଚାଳକ ଭାଇମାନଙ୍କ ସୁରକ୍ଷା ଓ ବିଶ୍ରାମ ପାଇଁ ଜାତୀୟ ରାଜପଥ କଡ଼ରେ ଏକ ଅତ୍ୟାଧୁନିକ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ । ପ୍ରତିଟି ବର୍ଗର କଲ୍ୟାଣ ଏବଂ ଏକ 'ବିକଶିତ ବ୍ରଜରାଜନଗର' ଗଠନ ଦିଗରେ ଆମେ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ ।' ସୂଚନାଯୋଗ୍ୟ ଯେ, ଉଦ୍ଘାଟିତ ହୋଇଥିବା ୧୨ଟି ମୁଖ୍ୟ ପ୍ରକଳ୍ପ ମଧରେ ଗୋଆଲ ଚୌକଠାରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଡ୍ରାମା ପେଣ୍ଡାଲ, ଇକୋ ପାର୍କରେ ୧୮ ଲକ୍ଷ ଟଙ୍କାର ଯୋଗ ପିଣ୍ଡି, ୧୭ ଲକ୍ଷ ଟଙ୍କା ବ୍ୟୟରେ ଶହୀଦ ସ୍ମୃତି ରକ୍ଷା ଓ ମଧୁସୂଦନ ଚୌକର ନବୀକରଣ ଏବଂ ୨୦୬ ଲକ୍ଷ ଟଙ୍କା ବ୍ୟୟରେ ୫ଟି ଅତିରିକ୍ତ ଶ୍ରେଣୀ ଗୃହ ସହ ସ୍କୁଲ ବିଲ୍ଡିଂ ନିର୍ମାଣ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ସାଂସଦ ପାଣ୍ଠିରୁ ଲାମଟିବାହାଲଠାରେ କମ୍ୟୁନିଟି ସେଂଟର (ଦୁର୍ଗା ମଣ୍ଡପ) ପାଇଁ ୬.୭୫ ଲକ୍ଷ ଏବଂ ପାୱାର ହାଉସ ପଡ଼ାଠାରେ କମ୍ୟୁନିଟି ସେ[ର ପାଇଁ ୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି । ସେହିପରି ଭିତିପ୍ରସ୍ତର ସ୍ଥାପନ କରାଯାଇଥିବା ବୃହତ ପ୍ରକଳ୍ପଗୁଡ଼ିକ ମଧରେ ଜି.ଏମ. କମ୍ପ୍ଲେକ୍ସ ନିକଟରେ ୩.୬ କୋଟି ଟଙ୍କାର ଆଧୁନିକ ଆମିଷ ବଜାର, ମହିଳା ମହାବିଦ୍ୟାଳୟ ନିକଟରେ ୩.୪୨ କୋଟି ଟଙ୍କାର ସ୍ୱତନ୍ତ୍ର ପାଠାଗାର, ଲାମଟିବାହାଲଠାରେ ୨.୧ କୋଟି ଟଙ୍କାର କଲ୍ୟାଣ ମଣ୍ଡପ ଏବଂ ଟନେଲ ରୋଡ୍ ନିକଟରେ ୧.୨ କୋଟି ଟଙ୍କା ବ୍ୟୟରେ ଏକ ସପିଂ କମ୍ପ୍ଲେକ୍ସ ନିର୍ମାଣ କରାଯିବା ନେଇ ପ୍ରସ୍ତୁତି ସରିଛି । ଏହି କାର୍ଯ୍ୟକ୍ରମରେ ବିଶେଷ କରି ତେଲେନପାଲି ଅଂ*ଳର ସର୍ବାଙ୍ଗୀନ ବିକାଶ ଉପରେ ଫୋକସ୍ କରାଯାଇଛି । ଏଥିପାଇଁ ଖଇଣଝ କ୍ଲବରେ ୫୦ ଲକ୍ଷ ଟଙ୍କାର ସେଡ୍ ନିର୍ମାଣ, ଭଗତପଡ଼ାଠାରେ ୬୦ ଲକ୍ଷ ଟଙ୍କାର କଲ୍ୟାଣ ମଣ୍ଡପ ନିର୍ମାଣ ସହ ଅନ୍ୟ ଏକ କଲ୍ୟାଣ ମଣ୍ଡପର କାର୍ଯ୍ୟ ସମାପ୍ତି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ସହିତ ଉଗର ପାଣ୍ଠିରୁ ମଞ୍ଜୁର ହୋଇଥିବା ୧ କୋଟି ଟଙ୍କା ବ୍ୟୟରେ ତେଲେନପାଲି ସାହୁପଡ଼ା ପଡ଼ିଆର ଉନ୍ନତିକରଣ ଏବଂ ୬୦ ଲକ୍ଷ ଟଙ୍କା ବ୍ୟୟରେ ତେଲେନପାଲି ପୋଖରୀର ପୁନରୁଦ୍ଧାର କାର୍ଯ୍ୟର ମଧ ଶୁଭାରମ୍ଭ କରାଯାଇଛି । ଏଥିସହ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବ୍ରଜରାଜନଗର ପୌରପାଳିକା ପକ୍ଷରୁ ପ୍ରାୟ ୩୬ କୋଟି ଟଙ୍କାର ଏକ ଭବିଷ୍ୟତ କାର୍ଯ୍ୟଯୋଜନା ପ୍ରସ୍ତାବିତ କରାଯାଇଛି । କାର୍ଯ୍ୟକ୍ରମର ଶେଷରେ ହାଉସିଙ୍ଗ ବୋର୍ଡର ଡେପୁଟି ମ୍ୟାନେଜର ଶ୍ରୀ ସନ୍ତୋଷ କୁମାର ଦଳେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ସ୍ଥାନୀୟ ଅଂଚଳର ଶତାଧିକ ଜନତା ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନକୁ ନେଇ ଜିଲ୍ଲାପାଳଙ୍କ ବୈଠକ

✦ ସ୍ୱତନ୍ତ୍ର ସଘନ ସଂଶୋଧନ ଯୋଗ୍ୟତା ତାରିଖ ଜୁଲାଇ ୦୧ ✦ ୩୦ ମଇ ରୁ ୨୮ ଜୁନ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀଙ୍କ ନିର୍ବାଚକଙ୍କ ଘରକୁ ଘର ପରିଦର୍ଶନ ଏବଂ ପରିଗଣନା ଫର୍ମ ବଂଟନ ଓ ସଂଗ୍ରହ ✦ ୦୫ ଜୁଲାଇ ରୁ ଅଗଷ୍ଟ ୦୪ ପର୍ଯ୍ୟନ୍ତ ଦାବି ଓ ଆପତି ଦାଖଲ ✦ ସେପ୍ଟେମ୍ବର ୬ରେ ପ୍ରକାଶ ପାଇବ ଚୂଡାନ୍ତ ଭୋଟର ତାଲିକା



ବାରିପଦା : ମୟୂରଭଞ୍ଜ ଜିଲ୍ଲାରେ ହେବାକୁ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ କାର୍ଯ୍ୟକ୍ରମକୁ ସ୍ୱଚ୍ଛ, ନିର୍ଭୁଲ ଏବଂ ସୁବ୍ୟବସ୍ଥିତ ଭାବେ କାର୍ଯ୍ୟାନ୍ୱୟନ କରିବା ନେଇ ମଙ୍ଗଳବାର ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ ଏକ ବିସ୍ତୃତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ । ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ, ୦୧ ଜୁଲାଇ ୨୦୨୬କୁ ଏସ୍.ଆଇ.ଆର ପାଇଁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି । ୨୦ ମଇରୁ ୨୯ ମଇ ପର୍ଯ୍ୟନ୍ତ ପ୍ରିଟିଂ, ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟ ସମ୍ପନ୍ନ ହେବା ପରେ ୩୦ ମଇରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଭୋଟରଙ୍କ ପରିଦର୍ଶନ କରିବା ସହ ପରିଗଣନା ଫର୍ମ ବଂଟନ ଓ ସଂଗ୍ରହ କରିବେ । ଏହାସହ ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ରଗୁଡିକର ପୁନର୍ବିନ୍ୟାସ କାର୍ଯ୍ୟ ସମ୍ପନ୍ନ ହେବାକୁ ଥିବାବେଳେ, ୦୫ ଜୁଲାଇରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ୦୫ ଜୁଲାଇରୁ ୦୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତି ଦାଖଲ କରାଯିବ ଏବଂ ୦୫ ଜୁଲାଇରୁ ୦୨ ସେପ୍ଟେମ୍ବର ପର୍ଯ୍ୟନ୍ତ ସେଗୁଡିକର ସମାଧାନ ପ୍ରକ୍ରିୟା ଚାଲିବ । ଶେଷରେ ୦୬ ସେପ୍ଟେମ୍ବର ୨୦୨୬ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ବୈଠକରେ ଭୋଟର ତାଲିକାର ସଠିକତା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ବୁଥ୍ ସ୍ତରୀୟ ଏଜେଂଟମାନଙ୍କ ଭୂମିକା ଓ ଦାୟିତ୍ୱ ଉପରେ ମଧ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲ୍ଲାର ୯ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଭିନ୍ନ ରାଜନୈତିକ ଦଳ ଦ୍ୱାରା ମୋଟ ୧୪୨୧ ଜଣ ବିଏଲଏ ମନୋନୀତ ହୋଇଥିବା ସୂଚନା ମଧ ଦିଆଯାଇଥିଲା । ସେହିପରି ବର୍ତମାନ ସୁଦ୍ଧା ଜିଲ୍ଲାର ଅଧିକାଂଶ ଭୋଟରଙ୍କ ମ୍ୟାପିଙ୍ଗ ଓ ବର୍ଗୀକରଣ କାର୍ଯ୍ୟ ବୁଥ୍ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ସମ୍ପାଦିତ ହୋଇସାରିଥିବା ବେଳେ, ଏହି ସମଗ୍ର ପ୍ରକ୍ରିୟାକୁ ସମାବେଶୀ ଓ ସ୍ୱଚ୍ଛ କରିବା ପାଇଁ ସମସ୍ତ ରାଜନୈତିକ ଦଳଙ୍କ ସହଯୋଗ କାମନା କରିଥିଲେ ଜିଲ୍ଲାପାଳ । ଘରକୁ ଘର ପରିଗଣନା ସମୟରେ ପ୍ରତ୍ୟେକ ଭୋଟରଙ୍କୁ ଦୁଇଟି ପୂର୍ବମୁଦ୍ରିତ ପରିଗଣନା ଫର୍ମ ପ୍ରଦାନ କରାଯିବ । ପୂରଣ ହୋଇଥିବା ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଅନ୍ୟ ନକଲଟି ଦସ୍ତଖତ ସହ ରସିଦ ଭାବେ ଭୋଟରଙ୍କୁ ଫେରସ୍ତ କରାଯିବ । ଭୋଟରମାନେ ଚାହିଁଲେ ନିର୍ବାଚନ ଆୟୋଗଙ୍କ ସରକାରୀ ପୋର୍ଟାଲରୁ ଫର୍ମ ଡାଉନଲୋଡ୍ କରି ଅନଲାଇନ୍‌ରେ ମଧ ଅପଲୋଡ୍ କରିପାରିବେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା, ବାରିପଦା ଅତିରିକ୍ତ ଉପଜିଲ୍ଲାପାଳ ରାଖାଲ ଚନ୍ଦ୍ର ପରିଡ଼ା, ଡେପୁଟି କଲେକ୍ଟର କ୍ରିସେନସିଆ ତିର୍କୀ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ମଧ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ବଅଁରପାଳଠାରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ଭିତିଭୂମି ପ୍ରକଳ୍ପ ଲୋକାର୍ପିତ

★ ପ୍ରକଳ୍ପ ଉଦଘାଟନ କଲେ ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ★ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ କମ୍ୟୁନିଟି ସେଂଟର, କଂକ୍ରିଟ୍ ରାସ୍ତା ଏବଂ ହାଇମାଷ୍ଟ ଆଲୋକୀକରଣ ବ୍ୟବସ୍ଥା ★ଗତ ୧୦ଦିନରେ ଟିଏସ୍ଏଫ୍ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ, ଲୋକାର୍ପଣ ଯୋଗୁ ଲାଭାନ୍ୱିତ ହେବେ ୩୦ହଜାରରୁ ଉର୍ଦ୍ଧ୍ୱ ଲୋକ



ମେରାମଣ୍ଡଳୀ : ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅଧୀନ ଗଣ୍ଡିଗାଡ଼ିଆ ଏବଂ ନୂଆହତା ଗ୍ରାମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍ଏଫ୍) ପକ୍ଷରୁ ନିର୍ମିତ ଏକାଧିକ ଭିତିଭୂମି ଉନ୍ନୟନ ପ୍ରକଳ୍ପର ଉଦଘାଟନ ହୋଇଯାଇଛି । ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ନବନିର୍ମିତ ପ୍ରକଳ୍ପଗୁଡ଼ିକର ଲୋକାର୍ପଣ କରିଛନ୍ତି । କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀର କର୍ପୋରେଟ୍ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା, ଟିଏସଏଫର ଇନଫ୍ରାଷ୍ଟ୍ରକ୍‌ଚର ଲିଡ୍ ଅନନ୍ତ ପଲ୍, ନୂଆହତା ସରପଂଚ ରେଣୁବାଳା ଧୀର ଏବଂ ଗଣ୍ଡିଗାଡ଼ିଆ ଗ୍ରାମ ସଭାପତି ପଙ୍କଜ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ । ଗଣ୍ଡିଗାଡ଼ିଆ ଗ୍ରାମରେ ଏକ କମ୍ୟୁନିଟି ସେଂଟର ସହ ଗ୍ରାମକୁ ପିଡବ୍ଲ୍ୟୁଡି (ଚଡଉ)ମୁଖ୍ୟ ରାସ୍ତା ସହ ଯୋଡୁଥିବା ସିମେଂଟ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଛି । ଏହାସହ ଡିହ ସାହି ଗ୍ରାମରେ ହାଇମାଷ୍ଟ ଲାଇଟ୍ ଟାୱାର ସ୍ଥାପନ କରାଯାଇଛି । ଏହାଦ୍ୱାରା ସ୍ଥାନୀୟ ଅଂଚଳର ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ । ଉଦଘାଟନୀ ସମାରୋହରେ ଯୋଗଦେଇ ଅତିଥିମାନେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ । ସୂଚନାଥାଉ କି, ଗତ ୧୦ଦିନ ମଧରେ ଟିଏସ୍ଏଫ୍ ପକ୍ଷରୁ ବଅଁରପାଳ, ଓଡ଼ାପଡ଼ା, ହିନ୍ଦୋଳ ବ୍ଲକରେ କଂକ୍ରିଟ ରାସ୍ତା, କମ୍ୟୁନିଟି ସେଂଟର, ଯାତ୍ରୀ ଆଶ୍ରୟସ୍ଥଳ, ସ୍କୁଲ ବିଲ୍ଡିଂ, ବିଜ୍ଞାନ ପରୀକ୍ଷାଗାର ଏବଂ ସୌରଚାଳିତ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା ଆଦି ମାନ୍ୟବର ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି, ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ମାନ୍ୟବର ହିନ୍ଦୋଳ ବିଧାୟିକା ଶ୍ରୀମତି ସୀମାରାଣୀ ନାୟକଙ୍କ ଦ୍ୱାରା ଲୋକାର୍ପଣ ଓ ଶିଳାନ୍ୟାସ କରାଯାଇଛି । ଯାହାଦ୍ୱାରା ସ୍ଥାନୀୟ ଅଂଚଳର ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଲାଭାନ୍ୱିତ ହେବେ ।




# ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬: ସନ୍ତୁଳିତ ଉପଭୋଗ ଓ ସୁସ୍ଥ ଜୀବନ ଦିଗରେ ବୈଶ୍ୱିକ ପଦକ୍ଷେପ

ଆଜି ସାରା ବିଶ୍ୱ ଯେତେବେଳେ ୨୦୨୬ର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିବାକୁ ଯାଉଛି, ମାନବ ସମାଜ ଏକ ନିର୍ଣ୍ଣାୟକ ସଭ୍ୟତା ମୁହୂର୍ତ୍ତରେ ଦଣ୍ଡାୟମାନ ହୋଇଛି । ଆମେ ବର୍ତ୍ତମାନ ଏଭଳି ଏକ ଯୁଗରେ ବାସ କରୁଛୁ ଯେଉଁଠି ଅଭୁତପୂର୍ବ ବୈଷୟିକ ଏବଂ ବସ୍ତୁବାଦୀ ଅଗ୍ରଗତି ଘଟିଛି, ମାତ୍ର ଏହା ସହିତ ଆମେ କ୍ରମବର୍ଦ୍ଧିଷ୍ଣୁ ଜୀବନଶୈଳୀ ଜନିତ ରୋଗ, ଅତ୍ୟଧିକ ମାନସିକ ଚାପ, ପରିବେଶର ଅବକ୍ଷୟ ଏବଂ ଅସ୍ଥିର ଜୀବନଯାପନ ପ୍ରଣାଳୀ ଭଳି ସମସ୍ୟାର ସମ୍ମୁଖୀନ ହେଉଛୁ । ଯଦି ଆମେ ଏହି ସମସ୍ତ ସଙ୍କଟର ଗଭୀରତାକୁ ଅନୁଧ୍ୟାନ କରିବା, ତେବେ ଜାଣିପାରିବା ଯେ ଆମର ଅନିୟନ୍ତ୍ରିତ ଏବଂ ବିବେକହୀନ ଉପଭୋଗ ହିଁ ଏହି ସବୁ ସମସ୍ୟାର ମୂଳ କାରଣ ଅଟେ । ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣ ଠାରୁ ଆରମ୍ଭ କରି ଡିଜିଟାଲ୍ ଉତେଜନା ଏବଂ ଅସ୍ୱାଭାବିକ ଜୀବନଶୈଳୀ ଉପରେ ଅତ୍ୟଧିକ ନିର୍ଭରଶୀଳତା ପର୍ଯ୍ୟନ୍ତ, ଆଧୁନିକ ସମାଜ କ୍ରମଶଃ ସନ୍ତୁଳନ ଠାରୁ ଦୂରେଇ ଯିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଯୋଗ କେବଳ ଏକ ପୁରାତନ ସୁସ୍ଥତା ଅଭ୍ୟାସ ଭାବରେ ନୁହେଁ, ବରଂ ଏକ ଦାୟିତ୍ୱପୂର୍ଣ୍ଣ ଜୀବନଯାପନର ସାଧନ ନିମନ୍ତେ ଏକ କାଳଜୟୀ ଢାଂଚା ଭାବରେ ଆମମାନଙ୍କ ସମ୍ମୁଖରେ ଉଭା ହୋଇଛି । ଯୋଗ ମାନବଜାତିକୁ ଆତ୍ମ-ନିୟନ୍ତ୍ରଣ, ସଂଯମତା ଏବଂ ସଚେତନ ପସନ୍ଦ ପାଇଁ ଏକ ପ୍ରଭାବୀ ପଥ ପ୍ରଦାନ କରେ । ଏହା ଆମକୁ ଶିଖାଏ ଯେ କିପରି ନିଜ ଭିତରେ ଏବଂ ଆମ ଚତୁଃପାଶ୍ୱର୍ର ବିଶ୍ୱ ସହିତ ସଦ୍ଭାବ ପୁନଃସ୍ଥାପିତ କରିପାରିବା । ସଚେତନ ଭାବରେ ଉପଭୁକ୍ତି ପାଇଁ ଆହ୍ୱାନ ମାତ୍ରାଧିକ ଉପଭୁକ୍ତିର ବିଶ୍ୱ ଚ୍ୟାଲେଞ୍ଜକୁ ମୁକାବିଲା କରିବା ସକାଶେ, ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ମିଶନ ଲାଇଫ୍ - ପରିବେଶ ପାଇଁ ଜୀବନଶୈଳୀ ମାଧ୍ୟମରେ ଏକ ଆକର୍ଷଣୀୟ ଦିଗଦର୍ଶନ ପ୍ରଦାନ କରେ । ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ଅବସରରେ, ପ୍ରଧାନମନ୍ତ୍ରୀ ଯୋଗ ଦର୍ଶନ ସହିତ ଗଭୀର ଭାବରେ ପ୍ରତିଧ୍ୱନିତ ହେଉଥିବା ଏକ ନୀତିକୁ ସ୍ପଷ୍ଟ କରିଛନ୍ତି: 'ଆଜି ଯାହା ଆବଶ୍ୟକ ତାହା ହେଉଛି ବୁଦ୍ଧିହୀନ ଏବଂ ବିନାଶକାରୀ ଉପଭୁକ୍ତି ପରିବର୍ତ୍ତେ ପ୍ରତ୍ୟେକ ବସ୍ତୁର ସଚେତନ ଏବଂ ସୁଚିନ୍ତିତ ବ୍ୟବହାର ।" ସମସାମୟିକ କାଳରେ, ବିଶ୍ୱ ଆର୍ଥିକ ଅନିଶ୍ଚିତତା ଏବଂ ଯୋଗାଣ ଶୃଙ୍ଖଳ ବାଧା ମଧ୍ୟରେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଆବେଦନକୁ ଏକ ଦୈନନ୍ଦିନ ନାଗରିକ ଦାୟିତ୍ୱରେ ବିସ୍ତାରିତ କରିଛନ୍ତି । ସେ ନାଗରିକମାନଙ୍କୁ ସଚେତନ ଭାବରେ ପରିହାରଯୋଗ୍ୟ ଉପଭୁକ୍ତିକୁ ସୀମିତ କରିବାକୁ ଉତ୍ସାହିତ କରିଛନ୍ତି - ଇନ୍ଧନ ସଂରକ୍ଷଣ ଏବଂ ଅନାବଶ୍ୟକ ଶକ୍ତି ବ୍ୟବହାର ହ୍ରାସ କରିବା ଠାରୁ ଆରମ୍ଭ କରି ଅଣ- ଅତ୍ୟାବଶ୍ୟକ ବ୍ୟୟର ପୁନଃବିଚାର କରିବା ପର୍ଯ୍ୟନ୍ତ ସେ ଆହ୍ୱାନ ଜଣାଇଛନ୍ତି । ଏହି ଆବେଦନ ମୂଳରେ ଅଭାବ ନୁହେଁ; ବରଂ, ଏହା ସାମୂହିକ ସ୍ଥିରତା, ସ୍ଥାୟିତ୍ୱ ଏବଂ ଜାତୀୟ ଦାୟିତ୍ୱ ଓ କର୍ତ୍ତବ୍ୟ ନିମନ୍ତେ ଏକ ରଣନୈତିକ ଏବଂ ନୈତିକ ଆହ୍ୱାନ ବୋଲି ବିବେଚନା କରାଯାଇପାରେ । ଯେପରି ସେ ଆମକୁ ସ୍ମରଣ କରାଇ ଦେଇଥିଲେ, 'ପ୍ରତ୍ୟେକ ଛୋଟ ଏବଂ ବଡ଼ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ; ଯେପରି ପ୍ରତି ବୁନ୍ଦା ଜଳ ସମୟକ୍ରମେ ଏକ ପାତ୍ରକୁ ପୂରଣ କରିଥାଏ ।' ଏହିଭଳି ଧାରଣାଗୁଡ଼ିକ ଯୋଗର ମୂଳ ନୀତି ସହିତ ଗଭୀର ଭାବରେ ସଂଯୁକ୍ତ । ଯୋଗିକ ଦର୍ଶନ ଅପରିଗ୍ରହ - ଅନାବଶ୍ୟକ ସଂଗ୍ରହରୁ ସଂଯମ - ଏବଂ ସନ୍ତୋଷ - ପ୍ରକୃତରେ ଯାହା ଆବଶ୍ୟକ ତାହା ସହିତ ସନ୍ତୋଷ ବିଷୟରେ ଆମକୁ ସୂଚାଇଥାଏ । ଏହି ନୀତିଗୁଡ଼ିକ ଏକତ୍ର ଏକ ମାନସିକତା ସୃଷ୍ଟି କରେ ଯାହା ବ୍ୟକ୍ତିମାନଙ୍କୁ ବାଧ୍ୟତାମୂଳକ ଉପଭୋଗରୁ ଦୂରେଇ ସଚେତନ ଜୀବନ ଯାପନ ଆଡ଼କୁ ଆଗେଇ ନେଇଯାଏ । ଯୋଗ ଆମକୁ ନିଷ୍କ୍ରିୟ ଉପଭୋକ୍ତାଙ୍କଠାରୁ ଗ୍ରହର ଦାୟିତ୍ୱବାନ ସଂରକ୍ଷକରେ ପରିଣତ କରେ । ପାର୍ଥିବ ସମନ୍ୱୟ ପାଇଁ ଯୋଗ ଏକ ଅବ୍ୟର୍ଥ ଉପକରଣ ଆମର ଏହି ଗ୍ରହରେ ମଣିଷର ମୌଳିକ ଆବଶ୍ୟକତା ପୂରଣ କରିବା ନିମନ୍ତେ ପର୍ଯ୍ୟାପ୍ତ ସମ୍ବଳ ମହଜୁଦ ରହିଛି, କିନ୍ତୁ ଅସୀମ ଲୋଭକୁ ପୂରଣ କରିବା ପାଇଁ ସେସବୁ ଆଦୌ ପର୍ଯ୍ୟାପ୍ତ ନୁହେଁ । ଯୋଗ ପ୍ରକୃତି ସହିତ ଆମର ଆନ୍ତଃ-ସଂଯୁକ୍ତତାର ଭାବନାକୁ ଗଭୀର କରି ଏହି ସଚେତନତାକୁ ପୁନଃସ୍ଥାପିତ କରିବାରେ ସାହାଯ୍ୟ କରିଥାଏ । ଆମେ ନିଃଶ୍ୱାସ ନେଉଥିବା ବାୟୁ, ଆମେ ଗ୍ରହଣ କରୁଥିବା ଖାଦ୍ୟ ଏବଂ ଆମେ ଯେଉଁ ସ୍ଥିରତା ଖୋଜୁଛୁ ତାହା ସବୁ ଏକ ସହଭାଗୀ ପରିବେଶଗତ ବ୍ୟବସ୍ଥାର ଅଂଶବିଶେଷ ମାତ୍ର । ଯୋଗର ଅଭ୍ୟାସ ଧୀରେ ଧୀରେ ନିଜ ଭିତରୁ ଆଚରଣକୁ ପୁନଃଆକୃତି ପ୍ରଦାନ କରିଥାଏ । ଏହା ମାନସିକ ଅସ୍ଥିରତାକୁ ଶାନ୍ତ କରେ, ଆବେଗକୁ ହ୍ରାସ କରେ ଏବଂ ଆତ୍ମ-ଅନୁଶାସନକୁ ମଜଭୁତ କରେ । ତତ୍କାଳ ସନ୍ତୁଷ୍ଟି ଏବଂ ଅତ୍ୟଧିକ ଉପଭୋକ୍ତାବାଦ ଦ୍ୱାରା ପରିଚାଳିତ ଏକ ବିଶ୍ୱରେ, ଯୋଗ ବାସ୍ତବ ଆବଶ୍ୟକତା ଏବଂ ଅନନ୍ତ ଇଚ୍ଛା ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିବା ପାଇଁ ଆବଶ୍ୟକ ଆଭ୍ୟନ୍ତରୀଣ ସ୍ପଷ୍ଟତା ସୃଷ୍ଟି କରେ । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ଆୟୁଷ ମନ୍ତ୍ରଣାଳୟ, ଉଭୟ ସହିତ ଜଡିତ ମନ୍ତ୍ରୀ ଭାବରେ, ମୁଁ ଏହାର ନିତିଦିନର ସାକ୍ଷୀ ଯେ ଯୋଗ କିପରି ଅଣ-ସଂକ୍ରାମକ ରୋଗ (ଏନ.ସି.ଡି.) ବିରୁଦ୍ଧରେ ଏକ ପ୍ରତିରୋଧକ ଜନସ୍ୱାସ୍ଥ୍ୟ ସାଧନ ଭାବରେ କାର୍ଯ୍ୟ କରିଥାଏ । ଶାରୀରିକ କାର୍ଯ୍ୟକଳାପ, ମାନସିକ ସନ୍ତୁଳନ ଏବଂ ଶୃଙ୍ଖଳିତ ଜୀବନଯାପନକୁ ଉତ୍ସାହିତ କରି, ଯୋଗ ଅସ୍ୱାସ୍ଥ୍ୟକର ଅଭ୍ୟାସ ଏବଂ ଅତ୍ୟଧିକ ଚିକିତ୍ସା ହସ୍ତକ୍ଷେପ ଉପରେ ନିର୍ଭରଶୀଳତାକୁ ହ୍ରାସ କରିଥାଏ । ଏକ ଯୋଗିକ ଜୀବନଶୈଳୀ ସ୍ୱାଭାବିକ ଭାବରେ ସରଳତା, ସଂଯମତା, ସନ୍ତୁଳିତ ପୁଷ୍ଟିସାର ଆହରଣ, ଅପଚୟ ହ୍ରାସ ଏବଂ ସମ୍ବଳର ସଚେତନ ବ୍ୟବହାରକୁ ସଦାସର୍ବଦା ପ୍ରୋତ୍ସାହିତ କରେ - ପରିବେଶଗତ ସ୍ଥିରତା ପାଇଁ ଆବଶ୍ୟକ ଆଚରଣଗତ ପରିବର୍ତ୍ତନକୁ ମଧ୍ୟ ଏହା ପ୍ରେରଣା ଯୋଗାଏ । ତେଣୁ, ଯୋଗ କେବଳ ବ୍ୟକ୍ତିଗତ ସୁସ୍ଥତା ପାଇଁ ଏହା ଏକ ମାର୍ଗ ନୁହେଁ; ଏହା ପରିବେଶଗତ ଦାୟିତ୍ୱବୋଧ ନିମନ୍ତେ ଏକ ବ୍ୟାବହାରିକ ଢାଂଚା ବୋଲି ମଧ୍ୟ ବିବେଚନା କରାଯାଇପାରେ । ବିଶ୍ୱ ନିରାମୟତାର ନେତୃତ୍ୱ ନେଉଛି ଭାରତ ଆଜି ଯୋଗ ବିଶ୍ୱକୁ ଭାରତର ସବୁଠାରୁ ପ୍ରଭାବଶାଳୀ ଅବଦାନ ମଧ୍ୟରୁ ଏକ ପ୍ରମୁଖ ମାଧ୍ୟମ ଭାବେ ଗଢ଼ିଉଠିଛି - ଯାହା ସ୍ୱାସ୍ଥ୍ୟ, ସଦଭାବନା ଏବଂ ସାମୂହିକ କଲ୍ୟାଣର ଏକ ଶକ୍ତିଶାଳୀ ଅଭିବ୍ୟକ୍ତି ଅଟେ । ଏକ ପ୍ରାଚୀନ ସଭ୍ୟତାଗତ ଅଭ୍ୟାସ ଭାବେ ଆରମ୍ଭ ହୋଇଥିବା ଏହି ଯୋଗ, ଆଜି ଏକ ବୈଶ୍ୱିକ ଆନ୍ଦୋଳନରେ ପରିଣତ ହୋଇଛି, ଯାହା ଭୂଗୋଳ, ରାଜନୀତି, ଭାଷା ଏବଂ ସଂସ୍କୃତିର ସୀମାକୁ ଅତିକ୍ରମ କରି ସମଗ୍ର ବିଶ୍ୱକୁ ଏକତ୍ରିତ କରିପାରିଛି । ପ୍ରତିବର୍ଷ, ବିଭିନ୍ନ ମହାଦେଶର କୋଟି କୋଟି ଲୋକ ଯୋଗ ଉତ୍ସବ ପାଳନରେ ଅଂଶଗ୍ରହଣ କରିଆସୁଛନ୍ତି । ସେମାନେ ଏହି ଅବସରରେ କେବଳ ଯୋଗ ଆସନ ଅଭ୍ୟାସ କରନ୍ତି ନାହିଁ, ବରଂ ସୁସ୍ଥ, ଅଧିକ ସନ୍ତୁଳିତ ଏବଂ ସ୍ଥାୟୀ ଜୀବନ ପାଇଁ ଏକ ସମାନ ଆକାଂକ୍ଷାକୁ ଆହରଣ କରନ୍ତି । ଯୋଗ ପ୍ରତିରୋଧକ ସ୍ୱାସ୍ଥ୍ୟସେବା, ମାନସିକ ସୁସ୍ଥତା ଏବଂ ସଚେତନ ଜୀବନଯାପନର ଏକ ସାର୍ବଜନୀନ ଭାଷା ଭାବରେ ମାନବ ସମାଜ ସମ୍ମୁଖରେ ଉଭା ହୋଇଛି । ଯୋଗ ମାଧ୍ୟମରେ, ଭାରତ ବିଶ୍ୱକୁ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଏକ ଐଚ୍ଛିକ ଏବଂ ସମାବେଶୀ ଢାଂଚା ପ୍ରଦାନ କରିଛି - ଯାହା ଆଧୁନିକ ଚିନ୍ତାକୁ କାଳଜୟୀ ଜ୍ଞାନ ସହିତ ସମାଧାନ କରେ । ଏହା ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ର ପ୍ରଭାବୀ ଗୁରୁତ୍ୱକୁ ପ୍ରତିପାଦିତ କରେ । କାରଣ ଯୋଗ ବିଶ୍ୱ ସ୍ତରରେ କୋଟି କୋଟି ମାନବ ଜୀବନକୁ ସ୍ପର୍ଶ କରେ, ଏହା ପ୍ରତ୍ୟେକ ସ୍ତରରେ ଆଚରଣଗତ ପରିବର୍ତ୍ତନକୁ ପ୍ରେରଣା ଦେବା ପାଇଁ ଏକ ଅତୁଳନୀୟ ମଂଚ ମଧ୍ୟ ପ୍ରଦାନ କରେ । ଏହା ଫଳରେ ସ୍ଥିରତା, ସଂଯମତା ଏବଂ ସଚେତନ ଜୀବନଯାପନର ବାର୍ତ୍ତାଗୁଡ଼ିକ ଅଧିକ ଦୂରକୁ ଯାତ୍ରା କରିପାରିବ ଏବଂ ଯୋଗର ସାମୂହିକ ଆତ୍ମା ମାଧ୍ୟମରେ ଗଭୀର ଭାବରେ ପ୍ରତିଧ୍ୱନିତ ହୋଇପାରିବ । ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଇଁ ଏକ ସାମୂହିକ ସଂକଳ୍ପ କୌଣସି ବାସ୍ତବ କଲ୍ୟାଣ କଦାପି ଏକାକୀ ରହିପାରିବ ନାହିଁ । ମାନବ ସ୍ୱାସ୍ଥ୍ୟ, ସାର୍ବଜନୀନ କଲ୍ୟାଣ ଏବଂ ବିଶ୍ୱର ସ୍ୱାସ୍ଥ୍ୟ ଗଭୀର ଭାବରେ ପରସ୍ପର ସହିତ ଜଡିତ । ଜଳବାୟୁ ପରିବର୍ତ୍ତନ, ଜୀବନଶୈଳୀ ଜନିତ ରୋଗ ଏବଂ ପରିବେଶଗତ ଅବକ୍ଷୟର ଆହ୍ୱାନଗୁଡ଼ିକ କେବଳ ନୀତିଗତ ହସ୍ତକ୍ଷେପ ନୁହେଁ, ବରଂ ଆଚରଣଗତ ପରିବର୍ତ୍ତନର ମଧ୍ୟ ଅପେକ୍ଷା ରଖେ । ଏହି ଅନ୍ତର୍ଜାତୀୟ ଯୋଗ ଦିବସରେ, ଆମର ପ୍ରତିବଦ୍ଧତା ଯୋଗାସନ ବାହାରକୁ ବିସ୍ତାରିତ ହେଉ । ଆସନ୍ତୁ ଆମେ ଯୋଗକୁ କେବଳ ଏକ ଦୈନନ୍ଦିନ ଅଭ୍ୟାସ ଭାବରେ ନୁହେଁ, ବରଂ ଜୀବନର ଏକ ଅମୂଲ୍ୟ ସାଧନ ଭାବରେ ଗ୍ରହଣ କରିବା - ଯାହା ସଚେତନ ବ୍ୟବହାର, ଆଭ୍ୟନ୍ତରୀଣ ଶୃଙ୍ଖଳା ଏବଂ ପରିବେଶଗତ


ଶ୍ରୀ ପ୍ରତାପ ରାଓ ଯାଦବ

ଦାୟିତ୍ୱକୁ ପ୍ରୋତ୍ସାହିତ କରେ । ଆସନ୍ତୁ ଆମେ ସଚେତନ ଜୀବନ ଯାପନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନର ଉତର ଦେବା ଏବଂ ଏପରି ଏକ ଭବିଷ୍ୟତ ନିର୍ମାଣ କରିବା ଯେଉଁଠାରେ ପ୍ରଗତି କେବଳ ଆମେ କ'ଣ ବ୍ୟବହାର କରୁ ତାହା ଦ୍ୱାରା ନୁହେଁ, ବରଂ ଆମେ କେତେ ଦାୟିତ୍ୱର ସହିତ ବଂଚୁଛୁ ତାହା ଦ୍ୱାରା ଆକଳନ କରାଯାଇପାରିବ । ଆମର ଆଭ୍ୟନ୍ତରୀଣ ମନୋଭାବକୁ ପରିବର୍ତ୍ତନ କରି, ଆମେ ଏକତ୍ର ମିଶି ଆମ ଗ୍ରହର ବାହ୍ୟ ଜଳବାୟୁକୁ ସୁସ୍ଥ କରିପାରିବା ।

***(ଲେଖକ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ)***

# ଭିଜନ ଗୁରୁକୂଳର ଅଭୁତ ସଫଳତା



କଟକ(ନିପ୍ର): କଟକରେ ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ, ଭିଜନ ଗୁରୁକୁଳ ଏବେ ରାଜ୍ୟ ରେ ଶିକ୍ଷାକ୍ଷେତ୍ର ରେ ଏକ ନୂତନ ଇତିହାସ ସୃଷ୍ଟି କରିଛି । ଚଳିତ ପରୀକ୍ଷା ଫଳାଫଳ ରେ ଗୁରୁକୁଳ ର ଛାତ୍ରଛାତ୍ରୀ ମାନେ ଅସାଧାରଣ ସଫଳତା ହାସଲ କରି ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଚଳିତ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସର୍ବାଧିକ ୮୦-୯୩% - ୨୦ ଛାତ୍ରଛାତ୍ରୀ ଓ ୬୦-୮୦% - ୩୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ୫୦-୬୦% - ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି । ଏହି ସଫଳତାର ମୁଖ୍ୟ ପ୍ରବକ୍ତା ଭାବେ 'ଡି. ତେଜେଶ୍ୱର ରାଓ' (ପ୍ରତିଷ୍ଠାତା ଓ ପରିଚାଳକ) ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗପ୍ରଦର୍ଶନ କରିଆସୁଛନ୍ତି । ତାଙ୍କର ପଛରେ ରହି ପରାମର୍ଶ, ଉନ୍ନତ କୌଶଳ ଓ ଛାତ୍ରକେନ୍ଦ୍ରିକ ପଢା ପ୍ରଣାଳୀ ସୃଷ୍ଟି କରିଛନ୍ତି । ଏହି ବର୍ଷରେ ସଫଳତା ପାଇଥିବା ଛାତ୍ରଛାତ୍ରୀ ମଧ୍ୟରେ ଏ. ଜ୍ୟୋସ୍ନା (୯୩%), ପାୟଲ (୯୩%), ମୁଦଶିର(୮୮%) ଅର୍ଚ୍ଚନା (୮୪%) କମଳ (୯୧%), ଅଓ୍ୱେଜ(୮୫%) ମିର୍ଜା (୮୫%), ବୈଶାଖଇ(୮୫%) ମୋହିନୀ (୮୫%), ଅମାନ(୮୫%), ଲୁସି(୮୫%) ଇତିଶ୍ରୀ (୮୪%), ଋତୁ(୮୫%), ଜୟନ୍ତ (୮୩%) ଏମିତି ବହୁତ ମେଧାବୀ ଛାତ୍ରଛାତ୍ରୀ ମାନେ ଭଲ ପରୀକ୍ଷା ଫଳ କରି ଉତୀର୍ଣ୍ଣ ହୋଇଛନ୍ତି । ଏମାନଙ୍କ ଲକ୍ଷ୍ୟ କେବଳ ପାଠ ପଢେଇବା ନୁହେଁ ପ୍ରତ୍ୟେକ ସାଧାରଣ ଛାତ୍ରଛାତ୍ରୀ କୁ ଅସାଧାରଣ ସଫଳତାରେ ପହଂଚାଇବା । ଏହି ସଫଳତା ପରେ ଏବେ ଭିଜନ ଗୁରୁକୁଳ କଟକର ଶୀର୍ଷ ଶିକ୍ଷାନୁଷ୍ଠାନ ମଧ୍ୟରେ ନିଜ ପରିଚୟକୁ ଗଢି ରଖିଛି ।

# ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ତହସିଲରେ ଗୁରୁବାର ୨ଅତିରିକ୍ତ ତହସିଲଦାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ପୂର୍ବରୁ ଖଇରାରେ କାର୍ଯ୍ୟକରି ବସ୍ତାକୁ ଡେପୁଟେସନରେ ବଦଳୀ ହୋଇ ଥିବା ଅତିରିକ୍ତ ତହସିଲଦାର ଗଦାଧର ସେଠୀକୁ ପୁଣି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖଇରାକୁ ଫେରାଇ ଅଣାଯାଇଛି । ସେହିଭଳି ଜିଲା ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶଙ୍କୁ ଅନ୍ୟତମ ଅତିରିକ୍ତ ତହସିଲଦାର ଭାବେ ନିଯୁକ୍ତ କରାଯାଇଛି । ସେହିଭଳି ଏଠାରେ ପୂର୍ବରୁ କାର୍ଯ୍ୟରତ ଅତିରିକ୍ତ ତହସିଲଦାର ସଞ୍ଜିବ ପାତ୍ରଙ୍କୁ ସୋର ତହସିଲକୁ ବଦଳୀ କରାଯାଇଛି । ଜିଲାପାଳଙ୍କ ଆଦେଶ ନମ୍ବର ୧୮୩/୧୯/୦୫/୨୦୨୬ରେ ଉପରୋକ୍ତ ଅଧିକାରୀଙ୍କୁ ବଦଳୀ କରାଯାଇଛି । ଖଇରାରେ ୨ ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ ପରେ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଖଇରା ମୋହରୀର ସଂଘର ସଦସ୍ୟ ମାନେ ତାଙ୍କୁ ଭେଟି ଫୁଲତୋଡା ଓ ଉତରୀୟ ଦେଇ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ତହସିଲକୁ ଆସୁଥିବା ଜନସାଧାରଣକୁ କିଭଳି ଉନ୍ନତ ମାନର ସେବା ମିଳିପାରିବ ସେମାନେ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ଉପରୋକ୍ତ ଅଧିକାରୀ ଦ୍ୱୟ ପ୍ରକାଶ କରିଛନ୍ତି ।

# ସାମ୍ବାଦିକଙ୍କ ନାମରେ ମିଥ୍ୟା ମାମଲାକୁ ନେଇ ଏସ୍‌ପିଙ୍କୁ ଭେଟିଲେ ସାମ୍ବାଦିକ ମଣ୍ଡଳୀ

ନୟାଗଡ଼(ନିପ୍ର): ସାମ୍ବାଦିକଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି ଗଣମାଧ୍ୟମ କଣ୍ଠରୋଧ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି । ଏହାକୁ ନେଇ ସଦର ମହକୁମାର ବହୁ ସାମ୍ବାଦିକ ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀଙ୍କୁ ଭେଟି ନ୍ୟାୟ ପାଇଁ ଦାବି ରଖିଛନ୍ତି । ଏହା ସହିତ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀଙ୍କ ଜରିଆରେ ଏସ୍ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ନୟାଗଡ଼ ଜିଲ୍ଲାରେ ବିଗତ କିଛି ଦିନ ହେବ ସାମ୍ବାଦିକମାନେ କିଛି ଅସାମାଜିକ ବ୍ୟକ୍ତି ପାଇଁ ଭୟ ଓ ଆଶଙ୍କା ମଧ୍ୟରେ କାଳାତିପାତ କରୁଛୁ । ଦୁଇ ଜଣ ସାଇବର ମାଫିଆ ଜିଲ୍ଲାର ବହୁ ସାମ୍ବାଦିକଙ୍କ ସମେତ ଦୈନିକ 'ସକାଳ' ସାମ୍ବାଦିକ ଅନୀଲ କୁମାର ପଣ୍ଡାଙ୍କୁ ଟାର୍ଗେଟ କରି ତାଙ୍କର ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଚରିତ୍ରସଂହାର କରି ଫେସବୁକରେ ପୋଷ୍ଟ କରିଥିଲେ । ଏହାକୁ ନେଇ ଗତ ୩୦ ତାରିଖରେ ଅନିଲ ପଣ୍ଡା ନୟାଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ । ଟାଉନ ଥାନା ପୁଲିସ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇ ଗିରଫ କରିଥିଲା । ଏହାପରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଟାଉନଥାନା ଆଗରେ ଧାରଣା ଦେବା ସହ ସାମ୍ବାଦିକ ଅନୀଲ କୁମାର ପଣ୍ଡାଙ୍କ ନାମରେ ଏକ ମିଥ୍ୟା ମକୋଦ୍ଦମା ଦାୟର କରିଛନ୍ତି । ଜଣେ ମହିଳାଙ୍କୁ ପ୍ରାୟୋଜିତ ଭାବେ ବ୍ୟବହାର କରି ଅନୀଲଙ୍କ ନାମରେ ମିଥ୍ୟା ଅସଦାଚରଣ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଟାଉନଥାନାରେ ୧୫୪/୨୬ରେ ମାମଲା ରୁଜୁ ହୋଇଛି । ଗଣମାଧ୍ୟମର କଣ୍ଠରୋଧ କରିବା ଉଦ୍ଦେଶ୍ୟରେ ଏଭଳି ପ୍ରାୟୋଜିତ ମିଥ୍ୟା ଏତଲାକୁ ନୟାଗଡ ସାମ୍ବାଦିକ ସଂଘ ନିନ୍ଦା କରିବା ସହ ମାମଲାର ସଠିକ୍ ଭାବେ ସତ୍ୟାସତ୍ୟ ଅନୁସନ୍ଧାନ କରିବାକୁ ଦାବି ରଖିଛି । କୌଣସି ଚାପର ବଶବର୍ତ୍ତୀ ନହୋଇ ପୁଲିସ ଉଚିତ୍ ପଦକ୍ଷେପ ଗ୍ରହଣ କରିବ ସାମ୍ବାଦିକମାନେ ଆଶା କରିଛନ୍ତି । ନୟାଗଡ଼ ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ବହୁ ସାମ୍ବାଦିକ ନୟାଗଡ଼ ଏସ୍ ?ପିଙ୍କୁ



ଭେଟି ଦାବି ଉପସ୍ଥାପନ କରିବା ସହ ସଠିକ ତଦନ୍ତ ଓ ନ୍ୟାୟ ଦାବି କରିଛନ୍ତି । ଏହା ସହିତ ଜିଲ୍ଲାର ଅନେକ ଥାନାରେ ବ୍ଲକ ସ୍ତରରେ କାର୍ଯ୍ୟରତ ସାମ୍ବାଦିକମାନେ ସ୍ଥାନୀୟ ଥାନା ଜରିଆରେ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ସମାନ ଭାବେ ଓଡ଼ଗାଁରେ ଅଶୋକ ମହାପାତ୍ର ଓ ସାରସ କୁମାର ମିଶ୍ର, ଦଶପଲ୍ଲା ପ୍ରେସ କ୍ଲବ ସଭାପତି ସୁରେଶ ଚନ୍ଦ୍ର ବେହେରା ଓ ପ୍ରଶାନ୍ତ କୁମାର ସାହୁ, ଗଣିଆରେ ଦେବୀ ପ୍ରସାଦ ଦାଶ, ଖଣ୍ଡପଡ଼ାରେ ଚିତରଞ୍ଜନ ମିଶ୍ର, ଭାପୁରରେ ଶୁଭେନ୍ଦ୍ର ପଟ୍ଟନାୟକ, ରଣପୁରରେ ପ୍ରସନ୍ନ ସାମନ୍ତରାୟ, ନୂଆଗାଁରେ ହୃଦୟାନନ୍ଦ ସାସମଲ, ଶରଣ କୁଳରେ ଜୟକୃଷ୍ଣ ସାହୁ ଓ ରିପନ କୁମାର ପଣ୍ଡାଙ୍କ ନେତୃତ୍ୱରେ ଥାନା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି ।

# ଦେଉଳକଣରେ କଂଗ୍ରେସର ଶକ୍ତି ପ୍ରଦର୍ଶନ, ରାଜୀବ ଗାନ୍ଧୀଙ୍କ ପୁଣ୍ୟତିଥିରେ କର୍ମୀ ସମ୍ମିଳନୀ

କଳିଙ୍ଗନଗର(ନିପ୍ର): ସୁକିନ୍ଦା ନିର୍ବାଚନ ମଣ୍ଡଳୀର ଦାନଗଦି ବ୍ଲକ ଅନ୍ତର୍ଗତ ଦେଉଳକଣ ଗ୍ରାମପଂଚାୟତର ମା' ଖଣ୍ଡୁରାଇ ମନ୍ଦିର ପ୍ରାଙ୍ଗଣରେ ବୁଧବାର କଂଗ୍ରେସ ପକ୍ଷରୁ ଏକ ବିଶାଳ କର୍ମୀ ସମ୍ମିଳନୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି । ଅଂଚଳରେ ଦଳୀୟ ସଂଗଠନକୁ ଆହୁରି ମଜବୁତ କରିବା ସହ ଆଗାମୀ ଦିନରେ ଜନସାଧାରଣଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ ତୀବ୍ର କରିବାକୁ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ । ପଂଚାୟତ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତିକୁ କଡ଼ା ସମାଲୋଚନା କରିଥିଲେ । ସେ କହିଥିଲେ, "ସାଧାରଣ ଲୋକଙ୍କ ଅଧିକାର ଓ ମୌଳିକ ସୁବିଧା ପାଇଁ କଂଗ୍ରେସ ସଦା ସର୍ବଦା ଲଢ଼େଇ ଜାରି ରଖିବ ।" ସମ୍ମାନିତ ଅତିଥି ଭାବେ ସୁକିନ୍ଦା ବିଧାୟକ ପ୍ରାର୍ଥୀ ଇଂ. ବିଭୂ ଭୂଷଣ ରାଉତ, ନିର୍ବାଚନ ମଣ୍ଡଳୀ ବିଏଲଏ-୧ ମହେନ୍ଦ୍ର କୁମାର ଦାଶ, ସୁକିନ୍ଦା ବ୍ଲକ କଂଗ୍ରେସ ସଭାପତି ମଦନ ମୋହନ ଖୁଂଟିଆ ଓ ଦାନଗଦି ବ୍ଲକ କଂଗ୍ରେସ ସଭାପତି ଦୟାନିଧି ପଲେଇ ଉପସ୍ଥିତ ରହି କର୍ମୀମାନଙ୍କୁ ସଂଗଠିତ ହୋଇ କାମ କରିବାକୁ ପ୍ରେରଣା ଦେଇଥିଲେ । ଏହି ଅବସରରେ ବିନୋଦ ମୁର୍ମୁ, ବୁଧଦେବ ମୁର୍ମୁ ଓ ଧନସିଂ ମୁର୍ମୁ ଅନ୍ୟ ଦଳ ଛାଡ଼ି କଂଗ୍ରେସରେ



ଯୋଗଦେଇଥିଲେ । ମୁଖ୍ୟ ଅତିଥି ଶରତ ରାଉତ ସେମାନଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ । ଏହାକୁ ନେଇ ସମ୍ମିଳନୀରେ କର୍ମୀମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା । ବୈଠକରେ ସାଧାରଣ ସମ୍ପାଦକ ଉମାକାନ୍ତ ଜେନାମଣି, ପ୍ରାକ୍ତନ ଜୋନ୍ ସଭାପତି ଦାମୋଦର ପୁହାଣ, ମହିଳା ସଭାନେତ୍ରୀ ପ୍ରଭାତୀ ବଳ, ଜିଲ୍ଲା ଉପସଭାପତି ସୁକୁମାର ଦେଓଙ୍କ ସହ ବହୁ ସଂଖ୍ୟାରେ ଯୁବ, ମହିଳା ଓ ବରିଷ୍ଠ କର୍ମୀ ଯୋଗ ଦେଇଥିଲେ । ସମଗ୍ର ଅଂଚଳରେ ଏହି କର୍ମୀ ସମ୍ମିଳନୀକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି ।





# ମିଶନ ଶକ୍ତି ଏସଏଚଜି ବ୍ୟାଙ୍କ ଲିଙ୍କେଜରେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ

ନୂଆପଡ଼ା, (ନି.ପ୍ର.)ପୂର୍ବ ସରକାର ଆରମ୍ଭ କରିଥିବା ମିଶନ ଶକ୍ତି ମହିଳା ମାନଙ୍କୁ ନୂତନ ସରକାର ଆସିଲା ପରେଅଧ ମହିଳା ସଶକ୍ତିକରଣ ଓ ଆର୍ଥିକ ସ୍ୱାବଲମ୍ବନ କ୍ଷେତ୍ରରେ ନୂଆପଡ଼ା ଜିଲ୍ଲା ପୁନର୍ବାର ଏକ ନୂତନ ସଫଳତା ହାସଲ କରିଛି । ମିଶନ ଶକ୍ତି ବିଭାଗ ପକ୍ଷରୁ ପ୍ରକାଶିତ ୨୦୨୫-୨୬ ଆର୍ଥିକ ବର୍ଷର ରିପୋର୍ଟ ଅନୁସାରେ, ଏସଏଚଜି ବ୍ୟାଙ୍କ ଲିଙ୍କେଜ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି ।ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ୫୪୪୦ଟି ଏସଏଚଜିଙ୍କୁ ବ୍ୟାଙ୍କ ଲିଙ୍କେଜ ଦେବା ଲକ୍ଷ୍ୟ ରହିଥିବାବେଳେ ଏପର୍ଯ୍ୟନ୍ତ ୬୧୪୮ଟି ଏସଏଚଜିଙ୍କୁ ବ୍ୟାଙ୍କ ଲିଙ୍କେଜ ପ୍ରଦାନ କରାଯାଇଛି । ଏହା ଲକ୍ଷ୍ୟର ୧୧୩ ପ୍ରତିଶତ ସଫଳତାକୁ ସୂଚିତ କରୁଛି । ସେହିପରି ଆର୍ଥିକ ଲକ୍ଷ୍ୟ ରୂପେ ୨୨୧୫୪ ଲକ୍ଷ ଟଙ୍କା ଥିଲାବେଳେ ୩୧୬୩୯ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ଯୋଗାଣ ହୋଇଥିବାରୁ ଜିଲ୍ଲା ୧୪୨ ପ୍ରତିଶତ ଆର୍ଥିକ ସଫଳତା ହାସଲ କରି ରାଜ୍ୟରେ ସର୍ବୋଚ୍ଚ ସ୍ଥାନରେ ରହିଛି ।

ଏହି ସଫଳତା ଦ୍ୱାରା ନୂଆପଡ଼ା ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଆର୍ଥିକ ସଶକ୍ତିକରଣ, ଆତ୍ମନିର୍ଭରଶୀଳତା ଓ ଜୀବିକା ଉନ୍ନୟନ କ୍ଷେତ୍ରରେ ହେଉଥିବା ସଫଳ ପ୍ରୟାସ ପ୍ରତିଫଳିତ ହୋଇଛି । ଜିଲ୍ଲାର ବିଭିନ୍ନ ବ୍ୟାଙ୍କ, ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନ ଏବଂ ପ୍ରଶାସନର ସମନ୍ୱିତ ପ୍ରୟାସ ଫଳରେ ଏହି ଉଲ୍ଲେଖନୀୟ ସଫଳତା ମିଳିପାରିଛି । ଜିଲ୍ଲାପାଳ ମଧୁସୂଦନ ଦାଶ ଏହି ସଫଳତା ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, "ଏହା ସମସ୍ତଙ୍କ ନିରନ୍ତର ପରିଶ୍ରମ ଓ ଟିମ୍ ?ୱର୍କର ପ୍ରତିଫଳ । ସମସ୍ତ ବ୍ୟାଙ୍କର୍ସ ଓ ଓଏଲଏମ୍ ଟିମ୍‌ଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ ପାଇଁ ଅନେକ ଅଭିନନ୍ଦନ ।"

ଜିଲ୍ଲା ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମଲ୍ଲିକ କହିଛନ୍ତି ଯେ, " ଜିଲ୍ଲାପାଳ ଏବଂ ସିଡିଓ କମ୍ ? ଇଓ, ଜିଲ୍ଲା ପରିଷଦଙ୍କ ସମୟୋପଯୋଗୀ ମାର୍ଗଦର୍ଶନ ସହିତ ନୋଡାଲ ଅଫିସର, ବିପିସି ଏବଂ ସମସ୍ତ ବ୍ୟାଙ୍କର୍ସଙ୍କ ସମର୍ପିତ ଅବଦାନ ଫଳରେ ନୂଆପଡ଼ା ଜିଲ୍ଲା ରାଜ୍ୟରେ ଏସଏଚଜି ବ୍ୟାଙ୍କ ଲିଙ୍କେଜରେ ପ୍ରଥମ ସ୍ଥାନ ହାସଲ କରିପାରିଛି ।" ମିଶନ ଶକ୍ତି କାର୍ଯ୍ୟକ୍ରମ ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆର୍ଥିକ ସେବା, ବ୍ୟାଙ୍କ ଋଣ ଓ ଜୀବିକା ସୁଯୋଗ ସହ ଯୋଡ଼ି ମହିଳା ସଶକ୍ତିକରଣକୁ ଗତିଶୀଳ କରୁଛି ।

# ଖଡ଼ିଆଲ ଟାଇଗର କଲେଜ ର ଛାତ୍ର ବିଶ୍ୱଜିତ ପ୍ରଧାନ ଜିଲ୍ଲା ଟପର





ନୂଆପଡ଼ା, (ନି.ପ୍ର)ଚଳିତ ବର୍ଷର +୨ ବିଜ୍ଞାନ ପରୀକ୍ଷା ଫଳାଫଳରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଖଡ଼ିଆଳର ପରୀକ୍ଷିତ ଟାଇଗର ସାଇନ୍ସ କଲେଜ । ଏହି ସଫଳତାକୁ ନେଇ କଲେଜ ପକ୍ଷରୁ ଏକ ପ୍ରେସମିଟ୍ ଆୟୋଜିତ କରାଯାଇଥିଲା ।ଖଡ଼ିଆଳ ସ୍ଥିତ ପରୀକ୍ଷିତ ଟାଇଗର ସାଇନ୍ସ କଲେଜରେ ଆଜି ଆୟୋଜିତ ପ୍ରେସମିଟରେ ଚଳିତ ବର୍ଷର +୨ ବିଜ୍ଞାନ ପରୀକ୍ଷାରେ କଲେଜର ସଫଳତା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଚଳିତ ବର୍ଷ କଲେଜର ମୋଟ ୮୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି । ସେଥିମଧ୍ୟରୁ ୩ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ହାସଲ କରିଥିବା ବେଳେ ୮ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି । ୬୩ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀ ଏବଂ ୨୩ ଜଣ ଦ୍ୱିତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇ କଲେଜ ପାଇଁ ଗୌରବ ଆଣିଛନ୍ତି ।କଲେଜର ଛାତ୍ର ବିଶ୍ୱଜିତ ପ୍ରଧାନ ୬୦୦ରୁ ୫୭୭ ନମ୍ବର ରଖି ୯୬.୧୭ ପ୍ରତିଶତ ମାର୍କ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି କ୍ଷିତେଶ ପୁଝାରୀ ୬୦୦ରୁ ୫୬୮ ନମ୍ବର ରଖି ୯୪.୬୭ ପ୍ରତିଶତ ମାର୍କ ସହ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ଏହି ଉଲ୍ଲେଖନୀୟ ସଫଳତା ପାଇଁ କଲେଜ କର୍ତ୍ତୃପକ୍ଷ,ଅଧ୍ୟାପକ-ଅଧ୍ୟାପିକା ଓ ଅଭିଭାବକ ମାନେ ଖୁସି ବ୍ୟକ୍ତ କରିଛନ୍ତି ।ପ୍ରେସମିଟରେ କୃତୀ ଛାତ୍ର ବିଶ୍ୱଜିତ ପ୍ରଧାନ ନିଜ ସଫଳତାର ଶ୍ରେୟ ଶିକ୍ଷକମାନଙ୍କ ନିରନ୍ତର ମାର୍ଗଦର୍ଶନ, ଅଭିଭାବକଙ୍କ ସହଯୋଗ ଏବଂ ନିଜର କଠିନ ପରିଶ୍ରମକୁ ଦେଇଥିଲେ । ଭବିଷ୍ୟତରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଆହୁରି ଭଲ ପ୍ରଦର୍ଶନ କରିବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି । ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କ୍ଷିତେଶ ପୁଝାରୀ ମଧ୍ୟ ନିଜ ସଫଳତା ପଛରେ ଶିକ୍ଷକ ଓ ଅଭିଭାବକଙ୍କ ଅବଦାନ ରହିଥିବା କହିଥିଲେ । ନିୟମିତ ଅଧ୍ୟୟନ ଓ ଦୃଢ଼ ମନୋବଳ ସଫଳତାର ମୂଳ ଚାବି ବୋଲି ସେ ମତ ପ୍ରକାଶ କରିଥିଲେ ।କଲେଜର ଏହି ସଫଳତା ଖଡ଼ିଆଳ ଅଂଚଳର ଶିକ୍ଷା କ୍ଷେତ୍ର ପାଇଁ ଗୌରବର ବିଷୟ ହୋଇଥିବାବେଳେ, ଆଗାମୀ ବର୍ଷଗୁଡ଼ିକରେ ମଧ୍ୟ ଏଭଳି ଉତ୍କୃଷ୍ଟ ଫଳାଫଳ ଜାରି ରଖିବାକୁ କଲେଜ କର୍ତ୍ତୃପକ୍ଷ ଆଶା ପ୍ରକାଶ କରିଛନ୍ତି ।

# ଜାଗୃତି ସାଂସ୍କୃତିକ ପରିଷଦର ଦୁଇଦିନିଆ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର: ଜାଗୃତି ସାଂସ୍କୃତିକ ପରିଷଦ, ଭୁବନେଶ୍ୱର ର ଦୁଇଦିନିଆ ୨୪ତମ ବାର୍ଷିକ ଉତ୍ସବ ତଥା "ଜାଗୃତି ନ୍ୟାସନାଲ ଡାନ୍ସ ଫେଷ୍ଟିଭାଲ ଓ ଜାଗୃତି ସମ୍ମାନ – ୨୦୨୬" ତା ୨୧/୦୫/୨୦୨୬ ରିଖ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର ଠାରେ ଉଦ୍‌ଯାପିତ ହୋଇଯାଇଅଛି ।ଏହି ସନ୍ଧ୍ୟାରେ ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ର ସଚିବ ଡ଼ଃ. ଚନ୍ଦ୍ରଶେଖର ହୋତା ମୁଖ୍ୟ ଅତିଥି ଭାବେ ଏବଂ ପଦ୍ମଶ୍ରୀ ପ୍ରାପ୍ତ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ଗୁରୁ ଦୁର୍ଗାଚରଣ ରଣବୀର ଓ ପୂର୍ବତନ ଇଓଜ ଓ ଦୂରଦର୍ଶନ ନିର୍ଦ୍ଦେଶକ ଡ଼ଃ. ଶାନ୍ତନୁ ରଥ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ ।ଏହି ଅବସରରେ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ଗୁରୁ ଶ୍ରୀ ଗୋବିନ୍ଦ ଚନ୍ଦ୍ର ପାଳଙ୍କୁ "ଜାଗୃତି ସମ୍ମାନ – ୨୦୨୬" ରେ ସମ୍ମାନିତ କରାଯାଇଥିଲା । ସେହିପରି ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀମତୀ ଗୀତାଞ୍ଜଳି ଆଚାର୍ଯ୍ୟ ଏବଂ ମର୍ଦ୍ଦଳ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ମାନସ କୁମାର ଷଡ଼ଙ୍ଗୀଙ୍କୁ "ଜାଗୃତି ଯୁବ ସମ୍ମାନ – ୨୦୨୬" ପ୍ରଦାନ କରାଯାଇଥିଲା ।ଏହି ସନ୍ଧ୍ୟାରେ ଓଡ଼ିଶା ତଥା ଭାରତର ବିଭିନ୍ନ ପ୍ରାନ୍ତରୁ ଅନେକ ସୁନାମଧନ୍ୟ କଳାକାରମାନେ ସେମାନଙ୍କର କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ । ଗୁରୁ ବିଦୂଷୀ ସୁଜାତା ମହାପାତ୍ରଙ୍କ ଏକକ ଓଡ଼ିଶୀ ନୃତ୍ୟ, ଡ଼ଃ. ଦେବାଲଦେବ ଜାନାଙ୍କ ଏକକ ଭରତନାଟ୍ୟମ ନୃତ୍ୟ, ଶ୍ରୀମତୀ ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ଏକକ ଓଡ଼ିଶୀ ନୃତ୍ୟ, ଶ୍ରୀ ଅଶୋକ କୁମାର ଘୋଷାଲ ଓ ଶ୍ରୀମତୀ ବନ୍ଦିତା ଘୋଷାଲଙ୍କ ଦ୍ୱୈତ ଓଡ଼ିଶୀ ନୃତ୍ୟ ଏବଂ ଭୁବନେଶ୍ୱରର ଟଉଜଇ ଅନୁଷ୍ଠାନ ଦ୍ୱାରା ବୃନ୍ଦ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଯାହା ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।ଉତ୍ସବରେ ବିଭିନ୍ନ ବର୍ଗର ଦର୍ଶକ ଯଥା ବିଦ୍ୟାର୍ଥୀ, କଳାକାର,



କଳା ସମୀକ୍ଷକ, କଳା ଗବେଷକ, ଗୁରୁ, ରସିକ ଓ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଅନୁଷ୍ଠାନର ଆଭିମୁଖ୍ୟକୁ ପ୍ରଶଂସା କରିବା ସହ ଶୁଭେଚ୍ଛା ବାର୍ତା ପ୍ରଦାନ କରିଥିଲେ ।ଉତ୍ସବଟି ଗୁରୁ ନିରଞ୍ଜନ ସାହୁ, ଗୁରୁ ତ୍ରିଲୋଚନ ସାହୁ ଓ ଗୁରୁ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ଡ଼ଃ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ପରିଚାଳନା କରିଥିଲେ ।

# ପୂର୍ବତନ ସମିତିସଭ୍ୟ, ବଣସୀମା ନେତାଙ୍କ ପତ୍ନୀ ବିୟୋଗ

ନୀଳଗିରି,(ନି.ପ୍ର.)ନୀଳଗିରି ବ୍ଲକ ବଣସୀମା ନେତା ତଥା କେଶିପୁର ପଂଚାୟତ ର ପୂର୍ବତନ ସମିତି ସଭ୍ୟ ସୁରେଶ ଚନ୍ଦ୍ର ନାୟକଙ୍କ ଧର୍ମ ପତ୍ନୀ ସୁଶୀଳା ନାୟକ (୬୦)ଙ୍କ ହୃଦଘାତ ରେ ପରଲୋକ ହୋଇଯାଇଛି । ଗତ ୨୦ତାରିଖ ବୁଧବାର ମଧ୍ୟାହ୍ନ ୨,୩୦ ମିନିଟ ରେ ଅଶୋକ ନାଳ ସ୍ଥିତ ନିଜ ବାସ ଭବନ ରେ ଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ନୀଳଗିରି ଡାକ୍ତର ଖାନାକୁ ଅଣାଯାଇଥିଲେ ମଧ୍ୟ ସେଠାରେ ସୁଶିଳା ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ନୀଳଗିରି ମେଡିକାଲ ଲୋକାରଣ୍ୟ ହୋଇପଡ଼ିଥିଲା । ଖବର ପାଇ ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ନାୟକ, ଉପେନ୍ଦ୍ର ଦାସ, ପ୍ରମୁଖ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ସେ ଜଣେ ମେଳାପି, ଧର୍ମପରାୟଣ,ପରୋପକାରୀ ବ୍ୟକ୍ତି ଥିଲେ ।

# ଛାତରୁ ଖସି ୧୩ ବର୍ଷର ଛାତ୍ର ଗୁରୁତର

ନୀଳଗିରି, (ନି.ପ୍ର.)ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଜାମୁଡିହ ଆଦର୍ଶ ବିଦ୍ୟାଳୟ ରେ ଗତ ୨୦ ତାରିଖ ବିଳମ୍ବିତ ରାତିରେ ଅଘଟଣ ଘଟିଛି ।ହଷ୍ଟେଲ ର ୨ ତାଲା ଛାତରୁ ଖସି ୧୩ ବର୍ଷର ଛାତ୍ର ଗୁରୁତର ହୋଇ କଟକ ବଡ ମେଡିକାଲ କୁ ସ୍ଥାନାନ୍ତର ହୋଇଛନ୍ତି । ସୂଚନା ରୁ ପ୍ରକାଶ ଗରଡ଼ିହି ପଂଚାୟତ ବାଙ୍କୀସାହି ଗ୍ରାମର ନୀଳାଦ୍ରି ଜେନା ଙ୍କ ପୁତ୍ର ତନ୍ମୟ ଜେନା (୧୩), ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର ଭାବେ ହଷ୍ଟେଲ ରେ ରହି ପାଠ ପଢୁଥିଲେ । ଗତ କାଲି ବାଳକ ମେସ୍ ? ର ସମସ୍ତ ଛାତ୍ର ଖାଇସାରିବା ପରେ ଦୁଇ ତାଲା ଛାତ ଉପରୁ କୌଣସି କାରଣ ପାଇଁ ତନ୍ମୟ ହଷ୍ଟେଲ ଛାତରୁ ତଳକୁ ଖସି ପଡିଥିଲେ । ବିଦ୍ୟାଳୟ ୱାର୍ଡେନ ବା ଶିକ୍ଷକ ସେଠାରେ ପହଂଚି ପାରିନଥିବା ବେଳେ ଅତି ମୁର୍ମୁଷ ଅବସ୍ଥାରେ ହଷ୍ଟେଲ ସହପାଠୀ ଉଦ୍ଧାର କରି ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ନୀଳଗିରି ମେଡିକାଲ ରେ ଭର୍ତି କରି ଆସୁ ଚିକିତ୍ସା କରିଥିଲେ । ଏଥିରେ ତାଙ୍କର ଛାତି, ମୁଣ୍ଡ, ମୁହଁ ରେ ଗଭୀର ଆଘାତ ଲାଗି ନାକ, କାନ ଓ ପାଟିଦେଇ ପ୍ରବଳ ରକ୍ତ ଶ୍ରାବ ହେଉଥିଲା ବେଳେ ଦୁଇ ହାତ ଭାଙ୍ଗି ଯାଇଥିଲା । ଅବସ୍ଥା ଅତି ଉଦବେଗ ଜନକ ଥିବାରୁ ଅକ୍ସିଜେନ ମାସ୍କ ଦେଇ ପରିବାର ଲୋକ କଟକ ବଡ ମେଡିକାଲ କୁ ନେଇଥିବା ସୂଚନା ମିଳିଛି ।

# ସହକାରୀ ଯନ୍ତ୍ରୀଙ୍କ ଭଡ଼ା ଘରେ ଭିଜିଲାନ୍ସ ଟିମ୍

ରାୟଗଡ଼ା (ନି.ପ୍ର) ପୁଣି ଆଉ ଜଣେ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ । ଆୟବର୍ହିର୍ଭୂତ ସଂପତି ଠୁଳ ଅଭିଯୋଗରେ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ । ଭିଜିଲାନ୍ସ ସ୍କାନରରେ କୋଲନରା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ମଳୟ କୁମାର ନାୟକ । ଆୟର୍ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ କୋଲନରା ବ୍ଲକ୍ ରେ ଥିବା ତାଙ୍କର ସରକାରୀ ଅଫିସ, ରାୟଗଡ଼ା ରୋହିତ କଲୋନୀ ଭଡ଼ା



ଘର ସମେତ ବ୍ରହ୍ମପୁରର ୬ଟି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରିଛି ବ୍ରହ୍ମପୁର ଭିଜିଲାନ୍ସର ୫ଜଣିଆ ଟିମ୍ । ଉକ୍ତ ଟିମରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ଡିଏସପି ବୈଦେହୀ କୁମାରୀ ବେହେରା, ଇନସ୍ପେକ୍ଟର ଦୀପ୍ତି ରଞ୍ଜନ ଓଝା, ଏ ଏସ ଆଇ ଦୁର୍ଗା ପ୍ରସାଦ ହୋତା, କନଷ୍ଟେବଲ ସଂଯୁକ୍ତା ପଟ୍ଟନାୟକ, ଓ ଲକ୍ଷ୍ମିପତି ବେହେରା ଏହି ଟିମ୍ ରେ ରହିଥିବା ବେଳେ ଆଜି ଦିନ ୧୧ଟା ସମୟରୁ ଏହି ଚଢାଉ ରାୟଗଡ଼ା ରେ ହୋଇଥିବା ସୂଚନା ମିଳିଛି । ତାଙ୍କ ଘରୁ ସୁନା ଗହଣା, ସହ ବିଭିନ୍ନ ଦସ୍ତାବିଜ ର ଯାଂଚ ଚାଲିଥିବା ବେଳେ ସମସ୍ତ ସୂଚନା ଯାଂଚ ସର୍ବ ପରେ ଦିଆଯିବ ବୋଲି ଭିଜିଲାନ୍ସ ତରଫରୁ ସୂଚନା ଦିଆଯାଇଛି ।

# ଡିଭାଇନ୍ ଚେରିଟେବୁଲ ଟ୍ରଷ୍ଟ ଦ୍ୱାରା ସମ୍ବର୍ଦ୍ଧନା ସଭା

ନୀଳଗିରି, (ନି.ପ୍ର.)ନୀଳଗିରି ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ ଟ୍ୟୁଟୋରିଆଲ ଆନୁକୂଲ୍ୟରେ ଡିଭାଇନ୍ ଚେରିଟେବୁଲ ଟ୍ରଷ୍ଟ ଦ୍ୱାରା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିକ୍ଷାନୁଷ୍ଠାନ ରେ ଅଧ୍ୟୟନ କରି ଯୁକ୍ତ ୨, ଓ ସ୍ନାତକ ବିଭାଗ ୨୦୨୫ – ୨୬ ପାଠ୍ୟକ୍ରମରେ ଯେଉଁମାନେ ଉପଖଣ୍ଡ ତଥା ମହାବିଦ୍ୟାଳୟ ସ୍ତରରେ ଟପ୍ପର ହୋଇଛନ୍ତି ସେମାନଙ୍କୁ ଉତରୀ,ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା । ଉକ୍ତ ଶିକ୍ଷାନୁଷ୍ଠାନରେ ଚଳିତ ବର୍ଷ ଐତିହାସିକ ସଫଳତା ହାସଲ କରିଛି । କାର୍ଯ୍ୟକ୍ରମ ରେ ଅନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନୀଳଗିରି ଏସ୍ ?ଡିପିଓ ପ୍ରମୋଦ କୁମାର ମଲ୍ଲିକ, ବିଶିଷ୍ଟ ଅତିଥି ଭାବେ ରତ୍ନାକର ଟାଉନ୍ ହାଇସ୍କୁଲ ର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ ବିନୋଦ ବିହାରୀ ପଣ୍ଡା ଉପସ୍ଥିତ ଥିଲେ । ସ୍ନାତକ ଛାତ୍ରୀ ବିଦ୍ୟାମତି ରାଉତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଚଳିତବର୍ଷ ୫୦୦ ରୁ ଉର୍ଦ୍ଧ ନମ୍ବର ରେ ୮ ଜଣ ଛାତ୍ର ଛାତ୍ରୀ ପାସ କରିଥିଲେ । ସମ୍ବର୍ଦ୍ଧିତ ପ୍ରତିଭା ମାନେ ହେଲେ ନୀଳଗିରି ମହାବିଦ୍ୟାଳୟ ଯୁକ୍ତ ୨ କଳାରେ ୫୪୩ ନମ୍ବର ରଖି କୁମାରୀ ପୁଷ୍ପଲତା ସ ବ୍ଲକ ଟପ୍ପର ହୋଇଥିବା ବେଳେ ନୀଳଗିରି ମହିଳା ମହା ବିଦ୍ୟାଳୟ ରେ ଯୁକ୍ତ ଦୁଇ ରେ ପ୍ରାଚୀପ୍ରିୟା ଗୋଚ୍ଛାୟତ ୫୪୧ନମ୍ବର ରଖି ଉତୀର୍ଣ୍ଣ ହୋଇଥିଲେ । ଯେଉଁମାନେ କି ଭବିଷ୍ୟତ ରେ ଅଧ୍ୟାପିକା ତଥା ସିଭିଲ ସର୍ଭିସ ପାଇଁ ମନୋ ନିବେଶ କରିବେ ବୋଲି କହିଛନ୍ତି । ଏହା ଛଡା ୫୩୮ନମ୍ବର ରଖି ବୃତିରଞ୍ଜନ ମହାପାତ୍ର, ୫୨୪ ନମ୍ବର ରଖି ପ୍ରତ୍ୟାଶା ନାୟକ, ୫୧୯ ନମ୍ବର ରଖି ଦେବବିତା ଶତପଥୀ ,୫୧୨ ନମ୍ବର ରଖି ଶୁଭସ୍ମିତା ପରମାଣିକ , ୫୦୬ ନମ୍ବର ରଖି ପରମିତା ମହାପାତ୍ର,୫୦୫ ନମ୍ବର ରଖିଥିବା ହରପ୍ରିୟା ରାଉତ ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।ସେହିପରି ଯୁକ୍ତ ୩ (ସ୍ନାତକ) ରେ କୁମାରୀ ଶୁଭଲକ୍ଷ୍ମୀ ବିଶ୍ୱାଳ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଟପର ହେବା ସଙ୍ଗେ ସଙ୍ଗେ ନୀଳଗିରି ଟପର ହୋଇଛନ୍ତି ।ସେ ସଂସ୍କୃତ ସମ୍ମାନରେ ସତକଡ଼ା ୮୯,୩୩ ନମ୍ବର ରଖିଥିବା ବେଳେ ଚଳିତ ବର୍ଷ ଯୁକ୍ତ ଦୁଇ କଳାରେ ୬୭ ଜଣ ପ୍ରଥମ ଶ୍ରେଣୀ ସ୍ଥାନ ଅଧିକାର କରିଛନ୍ତି ।ଶହେରୁ ଅଧିକ ଛାତ୍ର ଛାତ୍ରୀଙ୍କ ସହ ସମସ୍ତ ଅଧ୍ୟାପକ /ଅଧ୍ୟାପିକା ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ ।

# ବିଜେଡି ନାରୀ ଅଧିକାର ଅଭିଯାନ

ନୀଳଗିରି,(ନି.ପ୍ର.)ନୀଳଗିରି ନିର୍ବାଚନ ମଣ୍ଡଳୀ ବିଜେଡ଼ି ଆନୁକୂଲ୍ୟରେ ବିଜେଡ଼ି ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା । ଆଜି ପୂର୍ବାହ୍ନ ୯ ଘଟିକା ସମୟରେ ନୀଳଗିରି ବାଇ ପାସ ଠାରେ ହଜାରେ ରୁ ଉର୍ଦ୍ଧ ମହିଳା ବିଜେଡ଼ି ଜନ ପ୍ରତିନିଧି, ନେତ୍ରୀ, ମହିଳା କର୍ମୀ ଏକଜୋଟ ହେବାପରେ ପ୍ରଥମେ ସ୍ୱର୍ଗତ୍ବିଜୁ ବାବୁଙ୍କ ପ୍ରତିମୂର୍ତି ରେ ମାଲ୍ୟାର୍ପଣ କରିଥିଲେ । ପରେ ଏକ ବିଶାଳ ପଦଯାତ୍ରା ରେ ବାହାରି ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ପହଂଚି ମୁଖ୍ୟ ମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଏକ ସ୍ମାରକୀ ପତ୍ର ପ୍ରଦାନ କରିଥିଲେ । ଏବଂ ପରେ ପରେ କେଶି ହାଇ ସ୍କୁଲ ପଡିଆରେ ପହଂଚି ଥିଲେ । ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ସଭାପତିତ୍ୱ ସହିତ ମଂଚସିନ ଅତିଥି ମାନଙ୍କୁ ମଂଚକୁ ନିନନ୍ତ୍ରଣ କରିଥିଲେ । ପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପସରିବେଷଣ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମଂଚାସିନ ଅତିଥି ମାନଙ୍କ ମଧ୍ୟରେ ବିଜେଡ଼ି ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, ମହିଳା ସଂଗଠନ ଉପସଭାପତି ତଥା ନାରୀ ନେତ୍ରୀ ସୁନୀତି ସିଂ,ବିଜେଡ଼ି କାର୍ଯ୍ୟକାରିଣୀ ଯୁବ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ବାଲେଶ୍ୱର ଜିଲ୍ଲା ବିଜେଡ଼ି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ବାଲେଶ୍ୱର ଜିଲ୍ଲା ପୂର୍ବତନ ଜିଲ୍ଲାପରିଷଦ ସଭାପତି ଗିରିଶ ଚନ୍ଦ୍ର ଦାଶ,ପୂର୍ବତନ ଜିଲ୍ଲାସପରିଷଦ ସଭାପତି ଉର୍ମିଳତା ଦାସ,ନୀଳଗିରି ବ୍ଲକ ସଭାପତି ଶୁଭଲକ୍ଷ୍ମୀ ମାଝୀ, ବିଜେଡ଼ି ମହିଳା ନେତ୍ରୀ ତଥା ମୟୁରଭଞ୍ଜ ଜିଲ୍ଲା ମୋରଡା ନିର୍ବାଚନ ମଣ୍ଡଳୀ ବିଧାୟିକା ପ୍ରାର୍ଥୀନୀ ପ୍ରିତୀନନ୍ଦା କାନୁନଗୋ, ପୂର୍ବତନ ଏସଏସଡ଼ି ଅଧ୍ୟକ୍ଷ ମଦନ ମୋହନ ମାଝୀ, ପୂର୍ବତନ ଏନ ଏ ସି ସଭାପତି ରବୀନ୍ଦ୍ର ପରିଡ଼ା, ଏନଏସି ୭ ନମ୍ବର ୱାର୍ଡ଼ ବାଲିଗୋହିରି କାଉନସିଲର କମଳାମଣି ପରିଡ଼ା, ବିଜେଡ଼ି ନେତା ରମେଶ ଚନ୍ଦ୍ର ମହାନ୍ତି, ଔପଦା ବ୍ଲକ ସଭାପତି, ନୀଳଗିରି ବ୍ଲକ ସଭାପତି, ଈଶ୍ୱରପୁର ସେବା ସମବାୟ ସମିତି ସଭାପତି ଭାଗବତ ଖିଲାର, ପୂର୍ବତନ ବ୍ଲକ ସଭାପତି ଗଙ୍ଗାଧର ମିଶ୍ର ପ୍ରମୁଖ ମଂଚାସୀନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ ସହିତ ବିଜେପି ର ଡବଲ ଇଞ୍ଜିନ ସରକାରଙ୍କ ଉପରେ ବର୍ଷୀଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆରବନ୍ଧ ସରପଂଚ କୁଳମଣି ନାୟକ, ଛତ୍ରପୁର ସରପଂଚ ମାଳତୀ ମାରାଣ୍ଡି, ସିଆଡ଼ିମାଳ ସରପଂଚ ସୁରଥ ସିଂ, ସମିତି ସଭ୍ୟ ରାଜୀବ ଦାସବାବୁ ପ୍ରମୁଖ ଉପସ୍ଥିତ ଥିବାବେଳେ ହଜାରେ ରୁ ଅଧିକ ମହିଳା କର୍ମୀ କାର୍ଯ୍ୟକ୍ରମ ରେ ସାମିଲ ଥିଲେ ।

# ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ହକି ଷ୍ଟାଡ଼ିୟମ ପରିଦର୍ଶନ

ଝାରସୁଗୁଡ଼(ନି.ପ୍ର.)।- ଓଡିଶା ସରକାର ଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ଶ୍ରୀ ସୁରେଶ ପୁଜାରୀ ସରକାରୀ କାର୍ଯ୍ୟରେ ଝାରସୁଗୁଡ଼ା ଜିଲ୍ଲା ଗସ୍ତରେ ଆସିଥିବା ବେଳେ ଆଜି ସଂଧ୍ୟା ସମୟରେ ହ-କଟାପାଲି ସ୍ଥିତ ହକି ଷ୍ଟାଡ଼ିୟମ ପରିଦର୍ଶନରେ ଆସି ନିର୍ମାଣ ହେଉଥିବା ଟର୍ଫ କାର୍ଯ୍ୟ ଦେଖିବା ସହିତ ହକି ଷ୍ଟାଡ଼ିୟମର ଅଫିସ ଗୃହ ପରିଦର୍ଶନ କରି ଷ୍ଟାଡ଼ିୟମର ଉନ୍ନତୀ ପାଇଁ ବିସ୍ତୃତ ଆଲୋଚନା କରିଥିଲେ । ଝାରସୁଗୁଡ଼ା ଜିଲ୍ଲାରୁ ଚଳିତ ବର୍ଷ ଆନ୍ତଃ ରାଜ୍ୟ ସ୍କୁଲ ପ୍ରତିଯୋଗିତାରେ ଓଡିଶାରୁ ପ୍ରତିନିଧିତ୍ୱ କରିଥିବା ୧୪ ବର୍ଷ ବୟସ ବର୍ଗରେ ହଂ-କଟାପାଲି




ସ୍କୁଲର ଛାତ୍ର ସାହିଦ୍ ନାଏକ ଓ ସେହି ସ୍କୁଲର ଛାତ୍ର ୧୬ ବର୍ଷ ବୟସ ବର୍ଗରେ ବିବେକ ନାଏକଙ୍କୁ ଶୁଭେଛା ଜଣାଇବା ସହିତ ଆଗାମୀ ଦିନରେ ଓଡିଶା ମୁଖ୍ୟ ଦଳରେ ଖେଳିବା ପାଇଁ ଉନ୍ନତୀ କାମନା କରିଥିଲେ । ଏହି ଗସ୍ତ ସମୟରେ ଭାରତୀୟ ହକି ଦଳର ପୁର୍ବତନ ମହିଳା ଅଧିନାୟିକା ଶୁଭଦ୍ରା ପ୍ରଧାନ ମାନନୀୟ ମନ୍ତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଓଡିଶା ହକି ଆସୋସିଏସନ ଉପସଭାପତି ଜୀବନ ମହାନ୍ତି,ହକି ଆସୋସିଏସନର ସଭ୍ୟ ପ୍ରଜ୍ୱଳ ପଟେଲ,ବିଜୟ ବେହେରା,କ୍ଲେମେ[ ରୋନାଲ୍ଡ,ଆଶୋକ ପ୍ରଧାନ ଓ ବି.ଜେ.ପି.ର ଜିଲ୍ଲା ସଭାପତି ରଘନନ୍ଦନ ପଣ୍ଡା,ପ୍ରବୀଣ ଶ୍ରୀବାସ୍ତବ ଓ ଅନ୍ୟାନ୍ୟ କର୍ମକର୍ତା ଉପସ୍ତିତ ଥିଲେ ।

# କୁହୁଡ଼ିରେ ୯୬ ତମ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ

ପୁର/ଅସ୍ତରଙ୍ଗ(ନି.ପ୍ର.)ସ୍ୱାଧୀନତା ସଂଗ୍ରାମ ରେ ଲବଣ ସତ୍ୟାଗ୍ରହ ଏକ ପ୍ରମୁଖ ଘଟଣାବଳୀ ।ଏହା ସ୍ୱାଧୀନତା ସଂଗ୍ରାମ କୁ ଅଧିକ ଋଦ୍ଧିମନ୍ତ କରିବା ସହ ଏକ ଜନ ଆନ୍ଦୋଳନ ରେ ପରିଣତ କରିବାକୁ ପ୍ରେରଣା ଦେଇଥିଲା ବୋଲି କହିଥିଲେ କାକଟପୁର ବିଧାୟକ ତୃଷାର କାନ୍ତି ବେହେରା ।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସହୀଦ ସ୍ମୃତି ପୀଠ କୁହୁଡି ଠାରେ ଆଜି ୯୬ତମ ରାଜ୍ୟ ସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ ହୋଇଥିଲା ।ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁର ଅସ୍ତରଙ୍ଗ ପକ୍ଷରୁ ଏହା ପାଳିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ବେହେରାମହାତ୍ମାଗାନ୍ଧୀ ଙ୍କ ଦାଣ୍ଡିଯାତ୍ରାରେ ଅନୁପ୍ରାଣୀତ ହୋଇ ୧୯୩୦ ମସିହା ଆଜିର ଦିବସରେ ଅସ୍ତରଙ୍ଗ ବ୍ଲକ କୁହୁଡି ଠାରେ ସଂଗ୍ରାମୀ ନୀଳକଣ୍ଠ ଦାସ, ଜଗନ୍ନାଥ ରଥ,ଗୋବିନ୍ଦ ଦାସ ପ୍ରମୁଖ ଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମ କୁ ଅଧିକ ତେଜୋଦିପ୍ତ କରିଥିଲା ବୋଲି କହିବା ସହ ଯୁବ ପିଢ଼ି ଏହି ଐତିହ୍ୟ କୁ ଆଗକୁ ନେବେ ବୋଲି ଆଶା କରିଥିଲେ । ମୁଖ୍ୟ ବକ୍ତା ଭାବେ ଗାନ୍ଧୀ ଦର୍ଶନ ବିଚାରକ ତଥା ସୁ ସାହିତ୍ୟିକ ଦାସ ବେନହୁର ଓ ପ୍ରଗତିବାଦୀ ସମ୍ବାଦପତ୍ରର କାର୍ଯ୍ୟ ନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଗାନ୍ଧିଜୀ ମୂଲ୍ୟବୋଧ ର ଆଧାର ଓ ବିଶ୍ୱ ର ସମସ୍ତ ଦେଶ ପାଇଁ ଏକ ଶ୍ରେଷ୍ଠ ପରିଚୟ ବୋଲି କହିଥିଲେ ।ଲବଣ ସତ୍ୟାଗ୍ରହର ଐତିହ୍ୟ, ମହାତ୍ମାଗାନ୍ଧୀ ଙ୍କ ର ସ୍ୱାଧୀନତା ସଂଗ୍ରାମରେ କୁହୁଡି ର ଅବଦାନ, ମହାତ୍ମାଗାନ୍ଧୀ ଙ୍କ ଓଡିଶା ଗସ୍ତର ଇତିହାସ, ସଂଗ୍ରାମ, ସଂଗ୍ରାମୀ ମାନଙ୍କର ସଂଘର୍ଷ ର କଥା,ସ୍ୱ ନିର୍ଭରଶୀଳତା,ଆଜିର ସମୟରେ ଲବଣ ସତ୍ୟାଗ୍ରହ ଆଲୋଚନା ର ଆବଶ୍ୟକତା ଓ ଯୁବ ପିଢ଼ି ଙ୍କୁ ଅନୁପ୍ରେରଣା ସମ୍ପର୍କରେ ଦୁଇ ପ୍ରମୁଖ ବକ୍ତା ବିସ୍ତୃତ ଆଲୋଚନା କରିଥିଲେ ।ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହ ରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ,ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଜଗତସିଂହପୁର ସାଂସଦ ଙ୍କ ପ୍ରତିନିଧି ଦିବାକର ଛାଟୋଇ,ଅସ୍ତରଙ୍ଗ ସରପଂଚ ରାମଚନ୍ଦ୍ର କାଣ୍ଡି,ଉପଦେଷ୍ଟା ମହେଶ୍ୱର ନାୟକ, ସଂଗ୍ରାମୀ ଦାୟାଦ ଶଙ୍କର ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମ, ଲବଣ ସତ୍ୟାଗ୍ରହ ଓ କୁହୁଡି ର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ଏହି ଅବସରରେ ସ୍ମାରକୀ ସମାରୋହ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ,ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥି ମାନଙ୍କ ଶୁଭେଚ୍ଛା ବାର୍ତା କୁ ପଠନ କରା ଯାଇଥିଲା ।ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ପ୍ରକାଶିତ ସ୍ମରଣିକା କୁ ଅତିଥି ମାନେ ଉନ୍ମୋଚନ କରିଥିଲେ ।ଗତ ମାଟ୍ରିକ ପରୀକ୍ଷାରେ ଅସ୍ତରଙ୍ଗ ବ୍ଲକ ସ୍ତରରେ ସର୍ବାଧିକ ନମ୍ବର ରଖିଥିବା ୪ ଜଣ ଛାତ୍ର ଛାତ୍ରୀ ସୁଚିସ୍ମିତା ସେଠୀ, ସୂରଜ ପ୍ରଧାନ, ପୁଷ୍ପଜିତ ପ୍ରଧାନ ଓ ଶଶାଙ୍କ ଦଳାଇ ଙ୍କୁ ଅତିଥି ମାନେ ମାନପତ୍ର ଓ ଆର୍ଥିକ ସହଯୋଗ ମାଧ୍ୟମରେ ସମ୍ବର୍ଦ୍ଧିତ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।ସମ୍ପାଦକ କାଳନ୍ଦୀ ଚରଣ ଛାଟୋଇ ମଂଚ ସଂଚାଳନ କରିଥିଲେ ।ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଲୋକ ପ୍ରତିନିଧି, ଶିକ୍ଷାବିତ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।ପ୍ରାରମ୍ଭରେ କୁହୁଡି ଠାରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତି ଓ ସ୍ମୃତି ଫଳକରେ ଅତିଥି ମାନେ ମାଲ୍ୟାର୍ପଣ ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।ପୂର୍ବରୁ ବ୍ଲକ ନିକଟରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତି ଓ ବ୍ଲକ ପରିସରରେ ଥିବା ସହୀଦ ସ୍ମୃତି ଫଳକରେ ମାଲ୍ୟାର୍ପଣ କରାଯିବା ସହ ଏକ ସଚେତନତା ପଦଯାତ୍ରା ବ୍ଲକ ଠାରୁ କୁହୁଡି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।ସେହିପରି କୁହୁଡି ସ୍ମୃତି ପୀଠ ଠାରେ ଉତ୍କଳ ସଂଗ୍ରାମ ସ୍ମୃତି ସମିତି ର କର୍ମକର୍ତା ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯିବା ସହ ଜାତୀୟ ପତାକା ଉତୋଳନ କରାଯାଇଥିଲା ।ଏହି ଅବସରରେ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜାତୀୟ ସଂଗୀତ, ବନ୍ଦେ ମାତରମ ଓ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇଥିଲା ।

# ମାତୃଭୂମିର ଗୌରବ ବର୍ଣ୍ଣନା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଆମ ମାତୃଭୂମି ସାଧନା ଏବଂ ଉପାସନା ସହିତ ସାହସ, ଶକ୍ତି ଏବଂ କଲ୍ୟାଣର ଏକ ଗୁଣୀ ଭୂମି । ମହାନ ଐତିହ୍ୟ ଏବଂ ପ୍ରାଚୀନ ସଂସ୍କୃତିର ଏହି ପବିତ୍ର ଭୂମି ସର୍ବଦା ସୁଖ ଏବଂ ସମୃଦ୍ଧିରେ ପରିପୂର୍ଣ୍ଣ ରହୁ ବୋଲି ସେ କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଗୁରୁବାର ଦିନ ଏକ୍ସ ଉପରେ ଏକ ସଂସ୍କୃତ ପ୍ରବାଦ ସେୟାର କରିଛନ୍ତି, 'ଯାହାର ପୂର୍ବରୁ ପୂର୍ବଜମାନେ ବୁଲୁଥିଲେ, ଯେଉଁମାନଙ୍କୁ ଦେବତାମାନେ ଅସୁରରେ ପରିଣତ କରିଥିଲେ ।' ଗୋପାଳକଙ୍କ ବୟସ ଏବଂ ମଇଁଷିର ବୟସ: ପୃଥ୍ୱୀ ନୋ ଧାତୁ.. ' ଏହି ବିଶେଷଣର ଅର୍ଥ ହେଉଛି, ଯେଉଁ ପବିତ୍ର ଭୂମିରେ ଆମର ପୂର୍ବପୁରୁଷମାନେ ମହାନ କାର୍ଯ୍ୟ କରିଥିଲେ, ଯେଉଁ ଭୂମିରେ ଦେବତାମାନେ ଅସୁରମାନଙ୍କୁ ପରାସ୍ତ କରିଥିଲେ, ଯେଉଁ ଭୂମିରେ ଗାଈ, ଘୋଡ଼ା ଏବଂ ପକ୍ଷୀ ଭଳି ସମସ୍ତ ଜୀବଜନ୍ତୁ ବାସ କରୁଥିଲେ, ସେହି ଭୂମି ଆମକୁ ସମୃଦ୍ଧି, ସୌଭାଗ୍ୟ, ଉଜ୍ଜ୍ୱଳତା ଏବଂ ସମୃଦ୍ଧି ପ୍ରଦାନ କରୁ । ଏହା ଆମ ମାତୃଭୂମିର ମହାନତା, ସମୃଦ୍ଧି ଏବଂ ଦେବତ୍ୱକୁ ବର୍ଣ୍ଣନା କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# କେନ୍ଦୁଝରର ଘୂର୍ଣ୍ଣିଝଡ଼ରେ ୩ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : କେନ୍ଦୁଝର ଜିଲ୍ଲା ସଦର ତହସିଲର ନରଣପୁରଠାରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ଯୋଗୁଁ ୩ ଜଣଙ୍କର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି ।

# ଆହୁରି ୨ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ ତାପମାତ୍ରା, ୪୧ ଡିଗ୍ରୀ ଟପିଲା ଝାରସୁଗୁଡ଼ା ଓ ସମ୍ବଲପୁର



ଭୁବନେଶ୍ୱର: ପ୍ରଚଣ୍ଡ ତାତି ଓ ଗୁଳୁଗୁଳିରେ ଛଟପଟ ହେଉଛନ୍ତି ଓଡ଼ିଶାବାସୀ । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଆଗାମୀ ୫ ଦିନ ତାତିରୁ ନିସ୍ତାର ନାହିଁ । ଆସନ୍ତା ୨୬ ତାରିଖ ଯାଏଁ ତାତିରୁ ମିଳିବନି ତ୍ରାହି । ଏମିତିକି ତାପମାତ୍ରା ଆହୁରି ଦୁଇ ଡିଗ୍ରୀ ପର୍ଯ୍ୟନ୍ତ ବଢିପାରେ ବୋଲି ଆକଳନ କରାଯାଉଛି । ଅନ୍ୟପଟେ, ଆଜି ଦିନ ସାଢ଼େ ୧୧ଟା ସୁଦ୍ଧା ୪୧ ଡିଗ୍ରୀ ଟପିଲା ଝାରସୁଗୁଡ଼ା ଓ ସମ୍ବଲପୁର । ଝାରସୁଗୁଡ଼ାରେ ୪୧.୮ ଡିଗ୍ରୀ ତାପମାତ୍ରା ରେକର୍ଡ । ସମ୍ବଲପୁରରେ ୪୧.୨ ଡିଗ୍ରୀ ତାପମାତ୍ରା ରହିଛି । ସେହିପରି, ହିରାକୁଦରେ ୪୦.୬ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ, କେନ୍ଦୁଝରରେ ୩୯.୪ ଡିଗ୍ରୀ ଏବଂ ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ରହିଛି ୩୮. ୪ ଡିଗ୍ରୀ ରେକର୍ଡ ହୋଇଛି । ସପଟେ, ସୋଆ ସିଇସି ନିର୍ଦ୍ଦେଶକ ଡା. ଶରତ ସାହୁ କହିଛନ୍ତି, ପଶ୍ଚିମ ଓଡ଼ିଶାକୁ ଉତର-ପଶ୍ଚିମ ଦିଗରୁ ଗରମ ଶୁଷ୍କ ପବନ ବୋହୁଛି । ଯେଉଁ କାରଣରୁ ସମୁଦ୍ର ପବନ ଆସୁଛି ସତ, ହେଲେ ଏତେ ଦୁର୍ବଳ ଯେ କାଳବୈଶାଖୀ କରିପାରୁନି । ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବା ସହିତ ଉପକୂଳ ଅଂଚଳରେ ବି ପ୍ରଚଣ୍ଡ ଗରମ ଗୁଳୁଗୁଳି ଅନୁଭୂତ ହେବ ବୋଲି ସେ କହିଛନ୍ତି ।



# ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ରାଜ୍ୟ ପୁରସ୍କାର ପ୍ରଦାନ ସମାରୋହରେ ଯୋଗ ଦେଲେ ରାଜ୍ୟପାଳ



ଭୁବନେଶ୍ୱର : ସମାଜର ସେବା ହିଁ ପ୍ରକୃତ ମାନବିକତାର ପବିତ୍ର ପରିପ୍ରକାଶ ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳଡ଼. ହରି ବାବୁ କମ୍ଭମପାଟି କହିଛନ୍ତି ଓ ଗୁରୁବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ରାଜ୍ୟ ପୁରସ୍କାର ପ୍ରଦାନ ସମାରୋହରେ ଯୋଗ ଦେଇ ମାନ୍ୟବର ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ଯୁବପିଢ଼ି ମଧ୍ୟରେ ନିଃସ୍ୱାର୍ଥପର ସେବା, ଶୃଙ୍ଖଳା ଏବଂ ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରାଚୀନ ଭାରତୀୟ ଉକ୍ତି 'ସେବା ପରମୋ ଧର୍ମ' ସମ୍ପର୍କରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ସେବା ହେଉଛି ସର୍ବୋଚ୍ଚ କର୍ତବ୍ୟ ଏବଂ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଦ୍ୱାରା ଜୀବନ ସାର୍ଥକ ହୋଇଥାଏ । ଏହି ସମାରୋହରେ ଯୋଗ ଦେଇ ରାଜ୍ୟପାଳ ଖୁସି ପ୍ରକାଶ କରିବା ସହିତ ଏହି ଅବସରକୁ ଯୁବ ସ୍କାଉଟ୍ସ ଏବଂ ଗାଇଡ୍ସଙ୍କ ସମର୍ପଣ ଏବଂ ସଫଳତାକୁ ପାଳନ କରିବା ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଥିଲେ । ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ମୁଖ୍ୟ ପୃଷ୍ଠପୋଷକ (ଚିଫ ପାଟ୍ରନ) ଏବଂ ପ୍ରଥମ ଗାଇଡ୍ ଭାବରେ ରାଜ୍ୟପାଳ କହିଥିଲେ ଯେ ରାଜ୍ୟ ପୁରସ୍କାର କେବଳ ଏକ ପୁରସ୍କାର ନୁହେଁ ବରଂ ସମାଜ ଏବଂ ଦେଶ ପ୍ରତି ଚରିତ୍ର, ଦୃଢ଼ତା ଏବଂ ପ୍ରତିବଦ୍ଧତାର ପ୍ରତୀକ । ଏହି ସମ୍ମାନ କରୁଣା, ଦଳଗତ କାର୍ଯ୍ୟ, ଦାୟିତ୍ୱ ଏବଂ ଦେଶପ୍ରେମ ଭଳି ମୂଲ୍ୟବୋଧକୁ ପ୍ରତିଫଳିତ କରେ । ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ, ପ୍ରତ୍ୟେକ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷ ଆନ୍ତରିକତା, କଠିନ ପରିଶ୍ରମ ଏବଂ ମାନବ ସମାଜ ପ୍ରତି ଉତ୍ସର୍ଗୀକୃତ ସେବା ମାଧ୍ୟମରେ ଏହି ମାନ୍ୟତା ପାଇଛନ୍ତି । ପିଲାମାନଙ୍କ ମଧ୍ୟରେ ଦୟା, ନମ୍ରତା, ଶୃଙ୍ଖଳା ଏବଂ ସହାନୁଭୂତି ଭଳି ମୂଲ୍ୟବୋଧକୁ ଜାଗ୍ରତ କରାଇବା ଦ୍ୱାରା ଦାୟିତ୍ୱପୂର୍ଣ୍ଣ ଏବଂ କରୁଣାପୂର୍ଣ୍ଣ ନାଗରିକ ଗଠନ କରିବାରେ ସହାୟକ ହୋଇଥାଏ । ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଅଭିଯାନକୁ ପ୍ରଶଂସା କରି ରାଜ୍ୟପାଳ କହିଥିଲେ ଯେ ଏହା ଯୁବପିଢ଼ିଙ୍କ ମଧ୍ୟରେ ନେତୃତ୍ୱ, ଜୀବନ କୌଶଳ, ପରିବେଶଗତ ସଚେତନତା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷମତାକୁ ବୃଦ୍ଧି ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସୁଛି।। ସ୍ୱଚ୍ଛତା ଅଭିଯାନ, ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ସଚେତନତା ଅଭିଯାନ, ସାର୍ବଜନୀନ କାର୍ଯ୍ୟକ୍ରମ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଓଡ଼ିଶାରେ ଚାରି ଲକ୍ଷରୁ ଅଧିକ ସ୍କାଉଟ୍ସ ଏବଂ ଗାଇଡ୍ସ ସମେତ ଦେଶବ୍ୟାପୀ ସଂଗଠନର ୭.୫ ନିୟୁତରୁ ଅଧିକ ସଦସ୍ୟଙ୍କର ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ରାଜ୍ୟ ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ଅଭିନନ୍ଦନ ଜଣାଇବା ସହିତ ଯୁବ କୃତିତ୍ୱ ହାସଲକାରୀଙ୍କୁ ମାର୍ଗଦର୍ଶନ ଏବଂ ପ୍ରେରଣା ଦେବା ପାଇଁ ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ, ୟୁନିଟ୍ ଲିଡର ଏବଂ ଅଧିକାରୀମାନଙ୍କ ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏହି ଅବସରରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଉଦବୋଧନ ଦେଇଥିଲେ । ପ୍ରାରମ୍ଭରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଓଡ଼ିଶା ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପାଧ୍ୟକ୍ଷ ଶ୍ରୀ କାଳୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ବିଭିନ୍ନ ବର୍ଗରେ କୃତିତ୍ୱ ହାସଲକାରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ଆତଙ୍କବାଦ ବିରୋଧରେ ଏକତାବଦ୍ଧ ହୋଇ ଲଢ଼ିବାକୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଆତଙ୍କବାଦ ବିରୋଧୀ ଦିବସ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦେଶବାସୀଙ୍କୁ ଆତଙ୍କବାଦ ବିରୋଧରେ ଏକତାବଦ୍ଧ ହୋଇ ଠିଆ ହେବାକୁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି ଯେ, ଆତଙ୍କବାଦ ମାନବଜାତି ପାଇଁ ସବୁଠାରୁ ବଡ଼ ବିପଦ ଏବଂ ଏହାର ସମସ୍ତ ରୂପକୁ ମିଳିତ ଭାବେ ମୁକାବିଲା କରିବା ହେଉଛି ସମୟର ଆବଶ୍ୟକତା । ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ଆତଙ୍କବାଦ ବିରୋଧୀ ଦିବସରେ ନିଜ ବାର୍ତାରେ ଆତଙ୍କବାଦୀ ଘଟଣାରେ ପ୍ରାଣ ହରାଇଥିବା ନିର୍ଦ୍ଦୋଷ ଲୋକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେହିପରି ଦେଶର ସୁରକ୍ଷାରେ ନିୟୋଜିତ ସାହସୀ ସୁରକ୍ଷାକର୍ମୀମାନଙ୍କର ସାହସ, ସମର୍ପଣ ଓ କର୍ତବ୍ୟନିଷ୍ଠାକୁ ସମ୍ମାନ ଜଣାଇଛନ୍ତି । ସେ କହିଛନ୍ତି ଯେ, ଦେଶର ଏକତା, ଶାନ୍ତି ଓ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତ ନାଗରିକଙ୍କୁ ସଚେତନତା, ସଦ୍ଭାବ ଓ ସାମୂହିକ ଦାୟିତ୍ୱବୋଧ ସହ ଆଗକୁ ଆସିବାକୁ ପଡ଼ିବ । ଏକ ସୁରକ୍ଷିତ, ସଶକ୍ତ ଓ ସମ୍ମିଳିତ ଭାରତ ଗଠନରେ ସକ୍ରିୟ ଭୂମିକା ନେବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।

# ଟିବି ମୁକ୍ତ ଭାରତ ପାଇଁ ଦେଶରେ ଚାଲିଛି ବିଶ୍ୱର ସର୍ବବୃହତ ସ୍କ୍ରିନିଂ ଅଭିଯାନ: ଜେ.ପି. ନଡ୍ଡା



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ବିଶ୍ୱ ସ୍ୱାସ୍ଥ୍ୟ ସଭା ସମୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ ସମୟୋଚିତ ସ୍କ୍ରିନିଂ, ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ପାଇଁ ସମାନ ସୁବିଧା ଏକ ଦୃଢ଼ ଏବଂ ଲୋକ-କେନ୍ଦ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଳଦୁଆ । ସେ କହିଛନ୍ତି ଯେ ଫୁସଫୁସ ସ୍କ୍ରିନିଂ କେବଳ ପ୍ରଯୁକ୍ତିବିଦ୍ୟା କିମ୍ବା ଉପକରଣ ପର୍ଯ୍ୟନ୍ତ ସୀମିତ ନୁହେଁ; ଏହା ଜୀବନ ବଂଚାଇବା, କଷ୍ଟ କମାଇବା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ମଜବୁତ କରିବା ବିଷୟରେ ଜଡିତ ।କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ଏଠାରେ ବିଶ୍ୱ ସ୍ୱାସ୍ଥ୍ୟ ସଭାର ୭୯ତମ ଅଧିବେଶନ ସମୟରେ ଆୟୋଜିତ 'ମନ୍ତ୍ରଣାଳୟ ଦୃଷ୍ଟିକୋଣ: ଫୁସଫୁସ ସ୍ୱାସ୍ଥ୍ୟ ସ୍କ୍ରିନିଂ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ଷ୍ଟପ୍ ଟିବି ପାର୍ଟନରସିପ୍ ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ଭାରତ, ଜାପାନ, ଫିଲିପାଇନ୍ସ ଏବଂ ଜାମ୍ବିଆ ଦ୍ୱାରା ସହ-ଆୟୋଜିତ । ନଡ୍ଡା କହିଛନ୍ତି ଯେ ଭାରତ ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଏବଂ ଯକ୍ଷ୍ମାମୁକ୍ତ ଭାରତର ଦୃଷ୍ଟିକୋଣ ଅଧୀନରେ ବିଶ୍ୱର ସର୍ବବୃହତ ସ୍କ୍ରିନିଂ ଏବଂ ପ୍ରାରମ୍ଭିକ ଚିହ୍ନଟ ଅଭିଯାନ କାର୍ଯ୍ୟକାରୀ କରିଛି । ଦ୍ୱାର-ଦ୍ୱାର ପରୀକ୍ଷଣ, ମୋବାଇଲ୍ ପରୀକ୍ଷଣ ଦଳ, ସମ୍ପ୍ରଦାୟ ଆଗକୁ ବଢ଼ିବା ଏବଂ ଉଚ୍ଚ ବିପଦପୂର୍ଣ୍ଣ ଅଂଚଳରେ ସ୍ୱତନ୍ତ୍ର ଅଭିଯାନ କରାଯାଉଛି । ଜେପି ନଡ୍ଡା କହିଛନ୍ତି ଯେ ଭାରତ ଆଧୁନିକ ପରୀକ୍ଷଣ ପ୍ରଯୁକ୍ତିବିଦ୍ୟାକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିଛି, ଯେଉଁଥିରେ ଆଣବିକ ପରୀକ୍ଷଣ ପ୍ଲାଟଫର୍ମ, ଡିଜିଟାଲ୍ ଛାତି ଏକ୍ସ-ରେ ସେବା, ଏଆଇ-ଆଧାରିତ ବ୍ୟାଖ୍ୟା ଉପକରଣ, ହ୍ୟାଣ୍ଡହେଲ୍ଡ ସ୍କ୍ରିନିଂ ଡିଭାଇସ୍ ଏବଂ ବିକେନ୍ଦ୍ରୀକୃତ ପରୀକ୍ଷଣ ପ୍ରଣାଳୀ ଅନ୍ତର୍ଭୁକ୍ତ । ଏଗୁଡ଼ିକର ଲକ୍ଷ୍ୟ ହେଉଛି ନିର୍ଣ୍ଣୟରେ ବିଳମ୍ବ ହ୍ରାସ କରିବା, ବିଶେଷକରି ଦୂରଦୂରାନ୍ତ ଏବଂ ଅନୁନ୍ନତ ଅଂଚଳରେ ।

# ରେଳବାଇକୁ ଟାର୍ଗେଟ କରୁଥିବା ଅସାମାଜିକ ତତ୍ତ୍ୱଙ୍କ ଉପରେ କଡ଼ା ନଜର

## ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଗୁଇନ୍ଦା ସୂଚନା ସଂଗ୍ରହକୁ ସୁଦୃଢ଼ କରୁଛି ରେଳବାଇ: ଅଶ୍ୱିନୀ ବୈଷ୍ଣବ





ନୂଆଦିଲ୍ଲୀ: ରେଳ, ଯାତ୍ରୀ, ଷ୍ଟେସନ ପରିସର ଏବଂ ବିସ୍ତୃତ ରେଳ ନେଟୱାର୍କର ସୁରକ୍ଷାକୁ ସଶକ୍ତ କରିବା ଲକ୍ଷ୍ୟରେ ଭାରତୀୟ ରେଳ ବିଭାଗ କୃତ୍ରିମ ବୁଦ୍ଧିମତା (ଏଆଇ), ଡ୍ରୋନ, ସିସିଟିଭି ଭଳି ଅତ୍ୟାଧୁନିକ ଜ୍ଞାନକୌଶଳର ବହୁଳ ବ୍ୟବହାର କରୁଛି । ରେଳବାଇ ସୁରକ୍ଷା ବଳର ବିଟ୍ ସ୍ତରରେ ଗୁଇନ୍ଦା ସୂଚନା ସଂଗ୍ରହ ବ୍ୟବସ୍ଥାକୁ ସୁଦୃଢ଼ କରି ଏହାକୁ ଏକ ମିଶନ ମୋଡ୍ରେ କାର୍ଯ୍ୟକାରୀ କରାଯାଉଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । ଆଜି ନୂଆଦିଲ୍ଲୀର ରେଳଭବନଠାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ସୁରକ୍ଷା ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ରେଳମନ୍ତ୍ରୀ ବିଭିନ୍ନ ସମୟରେ ଅସାମାଜିକ ତତ୍ତ୍ୱମାନଙ୍କ ଆକ୍ରମଣ ଓ ଷଡ଼ଯନ୍ତ୍ର ଘଟଣାଗୁଡ଼ିକୁ ସମୀକ୍ଷା କରିଥିଲେ । ରେଳ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ସାରା ଦେଶର କ୍ଷେତ୍ରୀୟ ଅଧିକାରୀମାନଙ୍କ ସହ ମନ୍ତ୍ରୀ ଏହି ଅବସରରେ ବ୍ୟାପକ ଆଲୋଚନା କରିଥିଲେ । ଏଥିରେ ରେଳବାଇ ବୋର୍ଡର ଅଧ୍ୟକ୍ଷଙ୍କ ସହ ରେଳ ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଏବଂ ରବନୀତ ସିଂ ବିଟ୍ଟୁ ମଧ୍ୟ ଉପସ୍ଥିତ ଥିଲେ । ଗତ କିଛିଦିନ ହେଲା ରେଳବାଇକୁ କ୍ଷତିଗ୍ରସ୍ତ କରିବା ଲାଗି ସଂଗଠିତ କରାଯାଇଥିବା ବିଭିନ୍ନ ସନ୍ଦେହଜନକ କାର୍ଯ୍ୟକଳାପ ବାବଦରେ ଏହି ବୈଠକରେ ବ୍ୟାପକ ଚର୍ଚ୍ଚା ହୋଇଥିଲା । ଏହିକ୍ରମରେ ନିକଟରେ ଘଟିଥିବା ଅଗ୍ନିକାଣ୍ଡ ଘଟଣା ସମେତ ଏକାଧିକ ଘଟଣାର ପ୍ରାଥମିକ ତଦନ୍ତରୁ ସମାଜବିରୋଧୀ ତତ୍ତ୍ୱମାନଙ୍କର ସଂପୃକ୍ତି ସାମ୍ନାକୁ ଆସିଛି । ଭାରତୀୟ ରେଳବାଇ ଏହି ଘଟଣାଗୁଡ଼ିକୁ ଗମ୍ଭୀରତାର ସହ ନେଇଛି ଏବଂ ଆରପିଏଫ୍ ସକ୍ରିୟ ଭାବରେ ଏହାର ତଦନ୍ତ କରୁଥିବା ଜଣାପଡ଼ିଛି । ଅନେକ ମାମଲାରେ, ରେଳବାଇର ତତ୍କାଳ ଓ ସକ୍ରିୟ ପଦକ୍ଷେପ ଯୋଗୁଁ ବଡ଼ ଧରଣର ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଥିବା ସୂଚନା ମିଳିଛି । ଗୁଇନ୍ଦା ସୂଚନା ସଂଗ୍ରହ ସହ ଯାତ୍ରୀମାନଙ୍କ ସହଯୋଗ ଏହିଭଳି ଘଟଣାଗୁଡ଼ିକୁ ଏଡ଼ାଇବା ଲାଗି ଅତ୍ୟନ୍ତ ଉପଯୋଗୀ ବୋଲି ବୈଠକରେ ମତପ୍ରକାଶ ପାଇଛି । ଏଣୁ ଗୁଇନ୍ଦା ସୂଚନା ସଂଗ୍ରହ ପାଇଁ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ସହ ଯାତ୍ରୀମାନଙ୍କ ପ୍ରତ୍ୟକ୍ଷ ସହାୟତା ପାଇଁ ପଦକ୍ଷେପକୁ ବ୍ୟାପକ କରାଯିବାକୁ ନିଷ୍ପତି ନିଆଯାଇଛି । ଏହିକ୍ରମରେ ଯାତ୍ରୀମାନଙ୍କୁ ସେମାନଙ୍କ ଯାତ୍ରା ସମୟରେ ଏବଂ ଷ୍ଟେସନ ପରିସରରେ ଅପେକ୍ଷା କରିଥିବା ସମୟରେ ସମାଜ ବିରୋଧୀ କାର୍ଯ୍ୟକଳାପକୁ ରୋକିବା ପାଇଁ ହେଉଥିବା ପ୍ରୟାସରେ ସକ୍ରିୟ ଭାବରେ ସହଯୋଗ କରିବାକୁ ରେଳବାଇ ଅନୁରୋଧ କରିଛି ।

# ଆସନ୍ତାକାଲିଠାରୁ ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମ ଅବକାଶ



କଟକ : ଓଡ଼ିଶା ହାଇକୋର୍ଟରେ ଗ୍ରୀଷ୍ମ ଅବକାଶ । ମେ ୨୩ରୁ ଜୁନ୍ ୨୧ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଅବକାଶ ରହିବ । ଜୁନ୍ ୨୨ ତାରିଖରେ କୋର୍ଟ ଖୋଲିବ । ଅବକାଶ ସମୟରେ ମେ ୨୬, ୨୯, ଜୁନ ୨, ୦୫, ୦୯ ,୧୨,୧୭ ଓ ୧୯ ତାରିଖରେ ଅବକାଶକାଳୀନ ଖଣ୍ଡପୀଠ ବସିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି । ମେ ୨୬ରୁ ୨୯ ତାରିଖରେ ଦୁଇଜଣିଆ ଖଣ୍ଡପୀଠରେ ଜଷ୍ଟିସ କେ ଆର ମହାପାତ୍ର, ଜଷ୍ଟିସ ଏମ.ଏସ.ସାହୁ ସେହିପରି ଜଷ୍ଟିସ ଏମ ଏସ ରମଣ, ଜଷ୍ଟିସ ଏମ.ଏସ.ସାହୁ ଓ ଜଷ୍ଟିସ କେ.ଆର ମହାପାତ୍ର ଜଣିକିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ । ସେହିପରି ଜୁନ ୨ ଓ ୫ ତାରିଖରେ ଜଷ୍ଟିସ ଏମ.ଏସ ସାହୁ ଓ ଜଷ୍ଟିସ ଏମ.ଏସ ରମଣ ଦୁଇଜଣିଆ ଖଣ୍ଡପୀଠରେ ମାମଲାର ଶୁଣାଣି କରିବେ । ଅନ୍ୟପଟେ ଜଣିକିଆ ଖଣ୍ଡପୀଠରେ ଜଷ୍ଟିସ ଏମ.ଏସ ସାହୁ ଓ ଜଷ୍ଟିସ ଏମ.ଏସ ରମଣ ମାମଲାର ଶୁଣାଣି କରିବେ । ଜୁନ ୯ ତାରିଖରେ ଜଷ୍ଟିସ ଭି.ନରସିଂହ ଓ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଦୁଇ ଜଣିଆ ଖଣ୍ଡପୀଠରେ ମାମଲାର ଶୁଣାଣି କରିବେ । ସେହି ତାରିଖରେ ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ଗୌରୀଶଙ୍କର ଶତପଥି ଓ ଜଷ୍ଟିସ ବିପି ଶତପଥି ଜଣିକିଆ ଖଣ୍ଡପୀଠ ରେ ମାମଲା ଶୁଣାଣି କରିବେ । ଜୁନ ୧୨ ତାରିଖରେ ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ଭି.ନରସିଂହ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ । ସେ ଏହି ଦିନ ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ଭି.ନରସିଂହ ଓ ଜଷ୍ଟିସ ବିପି ଶତପଥି ଜଣିକିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ । ଜୁନ ୧୭ ଓ ୧୯ ତାରିଖରେ ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ଭି.ନରସିଂହ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ । ସେହିପରି ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ଭି.ନରସିଂହ ଓ ଜଷ୍ଟିସ ବିପି ଶତପଥି ଜଣିକିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ ।

# ଭୁବନେଶ୍ୱର ସମେତ ତିନି ନୂଆ କେନ୍ଦ୍ରକୁ ବାଛିଲେ ୨୩,୦୦୦ ୟୁପିଏସସି ସିଭିଲ ସେବା ପରୀକ୍ଷାର୍ଥୀ

ଭୁବନେଶ୍ୱର : ସିଭିଲ୍ ସେବା (ପ୍ରାରମ୍ଭିକ) ପରୀକ୍ଷା-୨୦୨୬ ପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଭିଡ଼ କମ କରିବା ପାଇଁ, କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସସି) ପକ୍ଷରୁ ଭୁବନେଶ୍ୱର, କାନପୁର ଏବଂ ମିରଟରେ ତିନୋଟି ନୂତନ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ଏହି କେନ୍ଦ୍ରଗୁଡ଼ିକ ଯୋଡି ହେବା ସହିତ, ପ୍ରାରମ୍ଭିକ ପରୀକ୍ଷା ପାଇଁ ମୋଟ କେନ୍ଦ୍ର ସଂଖ୍ୟା ୮୦ରୁ ୮୩କୁ ବୃଦ୍ଧି ପାଇଛି । ପ୍ରାୟ ୨୩ ହଜାର ପ୍ରାର୍ଥୀ ଏହି ନୂତନ କେନ୍ଦ୍ରଗୁଡ଼ିକୁ ବାଛିଛନ୍ତି, ଯାହା ଫଳରେ ଏହି ପରୀକ୍ଷା ଲାଗି ଅନ୍ୟ ନିକଟବର୍ତ୍ତୀ କେନ୍ଦ୍ରଗୁଡ଼ିକରେ ଭିଡ଼ ହ୍ରାସ ପାଇଛି । ଏ ସମ୍ପର୍କରେ ୟୁପିଏସସି ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର କହିଛନ୍ତି, 'ଆମର ଉଦ୍ଦେଶ୍ୟ ହେଉଛି ପରୀକ୍ଷା ପ୍ରକ୍ରିୟାକୁ ପ୍ରାର୍ଥୀମାନଙ୍କ ପାଇଁ ଅଧିକ ସୁଗମ, ସୁଗମ ଏବଂ ଦକ୍ଷ କରିବା । ଏହି ତିନୋଟି ନୂତନ କେନ୍ଦ୍ର ଆରମ୍ଭ ଦ୍ୱାରା ଭିଡ଼ ହ୍ରାସ କରିବା ଏବଂ ପ୍ରାର୍ଥୀମାନଙ୍କୁ ଅଧିକ ସୁବିଧା ପ୍ରଦାନ କରିବା ଲାଗି ଲକ୍ଷ୍ୟ ରହିଛି । ଏହା ବ୍ୟତୀତ, ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ସେମାନଙ୍କର ପସନ୍ଦର ପରୀକ୍ଷା କେନ୍ଦ୍ର ଉପଲବ୍ଧ କରି, ଆୟୋଗ ଭୌଗୋଳିକ ଏବଂ ଶାରିରୀକ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାକୁ ପ୍ରୟାସ କରୁଛନ୍ତି । ଏହା ଦ୍ୱାରା ୟୁପିଏସସି ଯାତ୍ରା ସମସ୍ତଙ୍କ ପାଇଁ ସୁଗମ ଓ ସମାବେଶୀ ହୋଇପାରିବ । ଭୁବନେଶ୍ୱରରେ ଏକ ନୂତନ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା କଟକ ଉପରେ ଚାପ ଯଥେଷ୍ଟ ହ୍ରାସ ପାଇଛି । ସିଭିଲ୍ ସେବା (ପ୍ରାରମ୍ଭିକ) ପରୀକ୍ଷା - ୨୦୨୬ ପାଇଁ, ଭୁବନେଶ୍ୱର କେନ୍ଦ୍ରକୁ ୧୦,୬୫୬ ଆବେଦନ ମିଳିଛି । ସେହିପରି, କାନପୁର କେନ୍ଦ୍ର ଯୋଡିବା ଦ୍ୱାରା ଲକ୍ଷ୍ନୌ ଉପରେ ଚାପ ହ୍ରାସ ପାଇଛି; କାନପୁରରେ ନୂତନ କେନ୍ଦ୍ରକୁ ୬,୯୩୮ ଆବେଦନ ମିଳିଛି । ପଶ୍ଚିମ ଉତର ପ୍ରଦେଶରେ, ମିରଟ୍ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଆଖପାଖ ଅଂଚଳର ପ୍ରାର୍ଥୀମାନେ ଉପକୃତ ହୋଇଛନ୍ତି ଏବଂ ଗାଜିଆବାଦ ଉପରେ ସେମାନଙ୍କର ନିର୍ଭରତା ହ୍ରାସ ପାଇଛି । ମିରଟ କେନ୍ଦ୍ରକୁ ୫,୯୦୨ ଆବେଦନ ମିଳିଛି । କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସସି) ନିର୍ଦ୍ଦିଷ୍ଟ ମାନଦଣ୍ଡ ବିଶିଷ୍ଟ ଅକ୍ଷମତା ଥିବା ପ୍ରାର୍ଥୀମାନଙ୍କ (ପିଡବ୍ଲୁଏସବିଡି) ସୁଗମତା ଓ ଅନ୍ତର୍ଭୁକ୍ତି ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରୁଛି । ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ପିଡବ୍ଲୁଏସବିଡି ପ୍ରାର୍ଥୀମାନଙ୍କ ସେମାନଙ୍କ ପସନ୍ଦର କେନ୍ଦ୍ର ପ୍ରଦାନ କରାଯିବା ସୁନିଶ୍ଚିତ କରାଯାଉଛି । ବିଦ୍ୟମାନ କେନ୍ଦ୍ରଗୁଡ଼ିକରେ କ୍ଷମତା ବହିର୍ଭୁତ ହେଲେ ଆବଶ୍ୟକ ଅନୁସାରେ ଅତିରିକ୍ତ କ୍ଷମତା ସୃଷ୍ଟି କରାଯାଉଛି । ଫଳସ୍ୱରୂପ, କେବଳ ଦିଲ୍ଲୀ ଅଂଚଳରେ, ପ୍ରାୟ ୮୦୫ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ ସେମାନଙ୍କର ପସନ୍ଦର କେନ୍ଦ୍ର ବଂଟନ କରାଯାଇଛି । ଏହି ବର୍ଷ, ୟୁପିଏସସି ସିଭିଲ୍ ସେବା (ପ୍ରାରମ୍ଭିକ) ପରୀକ୍ଷା - ୨୦୨୬ ପାଇଁ ମୋଟ ୮,୧୯,୩୭୨ ଆବେଦନ ଆସିଛି । ଏହି ପରୀକ୍ଷା-ସମ୍ବନ୍ଧୀୟ ଭିତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ, ୟୁପିଏସସି ସିଭିଲ୍ ସେବା (ପ୍ରାରମ୍ଭିକ) ପରୀକ୍ଷା ଆବେଦନ ଫର୍ମରେ ଏକ ଡ୍ରପ୍ଡାଉନ ବିକଳ୍ପ ପ୍ରଚଳନ କରିଛି, ଯାହା ପ୍ରାର୍ଥୀମାନଙ୍କୁ ସେମାନଙ୍କର ପସନ୍ଦର ନିକଟସ୍ଥ ସହରଗୁଡ଼ିକୁ ଚୟନ କରିବାକୁ ଅନୁମତି ଦେଇଥାଏ । ଏହି ପ୍ରକ୍ରିୟା ମାଧ୍ୟମରେ ସୃଷ୍ଟି ହୋଇଥିବା ତଥ୍ୟ ପ୍ରାର୍ଥୀଙ୍କ ପସନ୍ଦର ଏକ ସର୍ଭେ ଭାବରେ କାର୍ଯ୍ୟ କରିବ ଏବଂ ଭବିଷ୍ୟତରେ ଅତିରିକ୍ତ ପରୀକ୍ଷା କେନ୍ଦ୍ର ସ୍ଥାପନ ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ କରିବାରେ ସହାୟକ ହେବ । ୟୁପିଏସସି କେବଳ ପରୀକ୍ଷାର ନିରପେକ୍ଷତା, ସ୍ୱଚ୍ଛତା ଏବଂ ଅଖଣ୍ଡତାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ କରିବାକୁ ଉଦ୍ୟମ କରୁନାହିଁ, ବରଂ ସମସାମୟିକ ଆବଶ୍ୟକତା ଅନୁସାରେ ଏହାର ପ୍ରକ୍ରିୟାଗୁଡ଼ିକୁ ବିକଶିତ କରିବା ପାଇଁ ନିରନ୍ତର ଉଦ୍ୟମ କରିଚାଲିଛି । ଏସବୁ ପଦକ୍ଷେପ ସେହି ଉଦ୍ୟମର ଏକ ଅଂଶ ।

# ଆଇପିଏଲ-୨୦୨୬ : ଚେନ୍ନାଇ ଆଗରେ ୨୩୦ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ଗୁଜରାଟ



ଅହମଦାବାଦ: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ରେ ନିଜର ଶେଷ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସର ଖେଳାଳିମାନେ ବିସ୍ଫୋରକ ବ୍ୟାଟିଂ କରିଛନ୍ତି । ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗୁଜରାଟ ଆଗଧାଡ଼ିର ୩ଜଣ ବ୍ୟାଟର (ସାଇ ସୁଦର୍ଶନ, ଶୁଭମନ ଗିଲ ଏବଂ ଜୋସ୍ ବଟଲର) ବିସ୍ଫୋରକ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଛନ୍ତି । ଏଥି ସହିତ ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ ହରାଇ ୨୩୦ ରନ୍ ସଂଗ୍ରହ କରିଛି । ଏହି ମ୍ୟାଚ୍ ବିଜୟ ପାଇଁ ଚେନ୍ନାଇକୁ ୨୩୦ ରନ୍‌ର ଲକ୍ଷ୍ୟ ମିଳିଛି । ଆଇପିଏଲ୍‌ର ଉନବିଂଶ ସଂସ୍କରଣର ୬୬ତମ ମ୍ୟାଚ୍‌ରେ ଚେନ୍ନାଇ ସୁପରି କିଙ୍ଗସ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଘରୋଇ ଦଳକୁ ଚେନ୍ନାଇ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଗୁଜରାଟ ପାଇଁ ସାଇ ସୁଦର୍ଶନ ଏବଂ ଅଧିନାୟକ ଶୁଭମନ ଗିଲ୍ ବ୍ୟାଟିଂ ଆରମ୍ଭ କରିଥିଲେ । ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ଶତକୀୟ ଭାଗିଦାରୀ କରିଥିଲେ । ୧୨.୨ ଓଭରରେ ୧୨୫ ରନ୍ ସଂଗ୍ରହ କରିଥିଲେ । ଏହି ସ୍କୋରରେ ଗିଲ୍‌ଙ୍କ ଯୋଗଦାନ ୬୪ ରନ୍ ଥିଲା । ସ୍ୱେନସର ଜନସନଙ୍କ ବଲ୍ ଶିଭମ ଦୁବେଙ୍କୁ କ୍ୟାଚ୍ ଦେଇ ଆଉଟ୍ ହେବା ପୂର୍ବରୁ ସେ ୩୭ଟି ବଲ୍ ଖେଳି ୭ଟି ଚୌକା ଏବଂ ୩ଟି ଛକା ମାରିଥିଲେ । ଚେନ୍ନାଇର ଦ୍ୱିତୀୟ ଶିକାର ହୋଇଥିଲେ ସାଇ ସୁଦର୍ଶନ । ସେ ଅଂଶୁଲ କମ୍ବୋଜଙ୍କ ବଲ୍ ମ୍ୟାଥ୍ୟୁ ସର୍ଟଙ୍କୁ କ୍ୟାଚ୍ ଦେଇ ଆଉଟ୍ ହେବା ପୂର୍ବରୁ ୮୪ ରନ୍ ସଂଗ୍ରହ କରିଥିଲେ । ସେ ୫୩ଟି ବଲ୍ ଖେଳି ୭ଟି ଚୌକା ଏବଂ ୪ଟି ଛକା ମାରିଥିଲେ । ରାହୁଲ ତେୱାତିଆ ଗୋଟିଏ ବଲ୍‌ର ସାମ୍ନା କରିଥିଲେ ଏବଂ ରନ୍ ଆଉଟ୍ ହୋଇ ପାଭିଲିଅନକୁ ଫେରିଥିଲେ । ୱାସିଂଟନ ସୁନ୍ଦର ୩ଟି ବଲ୍ ଖେଳି ଗୋଟିଏ ଛକା ସହାୟତାରେ ୭ ରନ୍ କରିଥିଲେ । ଜୋସ ବଟଲର ୨୭ଟି ବଲ୍ ଖେଳି ୫ଟି ଚୌକା ଏବଂ ୪ଟି ଛକା ବଳରେ ୫୭ ରନ୍ ଯୋଗଦାନ କରିଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**